


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-74 ◆SUNDAY ◆7 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୭୪ ◆ରବିବାର ◆୭ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଆଜି ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ: ଦେଖାଯିବ 'ବ୍ଲଡ୍ ମୁନ୍'

**ପୁରୀ, ୬।୯ (ସମିସ):** ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାରେ ସଂଘଟିତ ହେଉଛି ରାହୁଗ୍ରସ୍ତ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ। ଚଳିତ ବର୍ଷର ଏହି ଶେଷ ଚନ୍ଦ୍ରଗ୍ରହଣରେ ଆକାଶରେ 'ବ୍ଲଡ୍ ମୁନ୍' ଦୃଶ୍ୟମାନ ହେବ ବୋଲି କୁହାଯାଉଛି। ରବିବାର ମଧାହ୍ନ ୧୨ଟା ୫୭ ମିନିଟ୍ ୨୨ ସେକେଣ୍ଡରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ କରାଯାଇଛି। ତେବେ ବାଳୁତ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ଏହି ନିୟମ କୋହଳ ରହିଛି। ରାତି ୯ଟା ୫୭ ମିନିଟ୍ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ରାତି ୧ଟା ୨୭ ମିନିଟ୍ ୧୭ ସେକେଣ୍ଡରେ ସର୍ବମୋକ୍ଷ ହେବ। ତେଣୁ ମଧାହ୍ନ ୧୨ଟା ୫୭ମିନିଟ୍ ପୂର୍ବରୁ ଦେବନୀତି ଶେଷ ହେବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ ବୋଲି ପଞ୍ଜିକାରେ କୁହାଯାଇଛି।

**ମଧାହ୍ନ ୧୨.୫୭ରୁ ପାକତ୍ୟାଗ**

**ରାତି ୯.୫୭ରୁ ଗ୍ରହଣ ଆରମ୍ଭ**

**୧.୨୭ ମିନିଟ୍‌ରେ ସର୍ବମୋକ୍ଷ**




ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ଏହି ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ▶ପୃଷ୍ଠା-୭

## ୨୮ରେ ବିସିସିଆଇକୁ ମିଳିବ ନୂଆ ସଭାପତି

**ନୂଆଦିଲ୍ଲୀ, ୬।୯ (ଏଜେନ୍ସି):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୯୪ତମ ବାର୍ଷିକ ସାଧାରଣ ବୈଠକ ତଥା ଏଜିଏମ୍ ଆସନ୍ତା ୨୮ ତାରିଖରେ ବସିବ। ଏହି ବୈଠକରେ ବିସିସିଆଇର ନୂଆ ସଭାପତି ଚୟନ ହେବେ। ସଭାପତିଙ୍କ ସମେତ ଉପ-ସଭାପତି, ସମ୍ପାଦକ, ଯୁଗ୍ମ- ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ମଧ୍ୟ ନିର୍ବାଚନ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଇପିଏଲ୍ ଓ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଗଭର୍ଣ୍ଣିଂ କାଉନସିଲର ମଧ୍ୟ ନିର୍ବାଚନ ହେବ। ପୁଣି ଏହି ଦିନ ଆଗାମୀ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଖେଳାଯିବ। ବିସିସିଆଇ ଏସିଆ କପ୍‌ର ଆୟୋଜକ ହୋଇଥିଲେ ମଧ୍ୟ ଏଜିଏମ୍ କାରଣରୁ କୌଣସି ଅଧିକାରୀ ଫାଇନାଲ ମ୍ୟାଚ୍‌ରେ ଯୋଗଦେଇ ପାରିବେ ନାହିଁ। ନିର୍ବାଚିତ ହେବାକୁ ଥିବା ଅଧିକାରୀମାନେ ଆଗାମୀ ୩ ବର୍ଷ ପାଇଁ ଦାୟିତ୍ୱରେ ରହିବେ। ସମ୍ପାଦକ ଭାବେ ଦାୟିତ୍ୱରେ ଥିବା ଦେବଜିତ ସାଇକିଆ ନିଜ ପଦ ବଜାୟ ରଖିବା ଏକପ୍ରକାର ନିଶ୍ଚିତ। ଜୟ ଶାହା ଆଇସିସି ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ସାଇକିଆ ବୋର୍ଡ ସମ୍ପାଦକ ପଦରେ ନିଯୁକ୍ତ ହୋଇଥିଲେ। ତେବେ କିଏ ସଭାପତି ହେବେ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ରୋଜର ବିନ୍ନି ପଦ ଛାଡିବା ପରେ ରାଜୀବ ଶୁକ୍ଳା କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱରେ ରହିଛନ୍ତି।

### ଟ୍ରମ୍ପଙ୍କ ୟୁ'ଟର୍ଣ୍ଣ | ଧମକ ଦେବାର ୧୨ ଘଣ୍ଟା ଭିତରେ ନରମିଲେ

# ଭାରତ-ଆମେରିକା ସମ୍ପର୍କ ସ୍ୱତନ୍ତ୍ର




**ୱାସିଂଟନ, ୬।୯ (ଏଜେନ୍ସି):** 'କେବେ ନା, କେବେ ହଁ'। ଆମେରିକାରେ ଏମିତି ଶାସନ ଚଳାଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ନିଜ କଥାକୁ ନିଜେ ଭାଙ୍ଗିବାରେ ସେ ସିଦ୍ଧହସ୍ତ। ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏଭଳି ସେ ଅନେକ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ସେ ନିଜେ ପ୍ରତ୍ୟାହାର କରିଛନ୍ତି। ଶୁଳ୍କ ଧମକ ଦେଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଟ୍ରମ୍ପ ଭାରତ ପ୍ରତି ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ କରୁଥିବା ଲକ୍ଷ କରାଯାଉଛି। ୫୦ ପ୍ରତିଶତ ଶୁଳ୍କ ଘୋଷଣା କରିବା ପରେ ଭାରତ ଏବଂ ଏହାର ନେତାଙ୍କ ବିରୋଧରେ ବିଷୋଦଗାର କରି ଚାଲିଥିବା ଟ୍ରମ୍ପ ୧୨ ଘଣ୍ଟା ଭିତରେ ମତ ବଦଳାଇବା ଏବେ ଆଲୋଚନାର ବିଷୟ ହୋଇଛି। ଚୀନ ଓ ରୁଷ ସହିତ ସଂପର୍କ ନେଇ ଗତକାଲି ଭାରତକୁ କଟାକ୍ଷ କରିଥିବା ଟ୍ରମ୍ପ ଆଜି ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ତାଙ୍କର ନୂଆ ଆଭିମୁଖ୍ୟର ସମ୍ମାନ କରୁଥିବା ଜଣାଇଛନ୍ତି। ଦୁଇ ନେତାଙ୍କର ଏଭଳି ମନ୍ତବ୍ୟ ତିକ୍ତ ହୋଇପଡ଼ିଥିବା ଭାରତ ଓ ▶ପୃଷ୍ଠା-୭

## ଶୁଳ୍କ କମାଇବାକୁ ୩ ସର୍ତ୍ତ

**ବ୍ରିକ୍ସ ଛାଡ଼ | ରୁଷଠୁ ତେଲ କିଣନି | ଆମକୁ ସମର୍ଥନ ଦିଅ**

**ୱାସିଂଟନ, ୬।୯ (ଏଜେନ୍ସି):** ଭାରତ ସହ ଆମେରିକା ଡବଲ୍ ଗେମ୍ ଖେଳୁଛି। ଭାରତକୁ ଧମକ ଦେବାର ୧୨ ଘଣ୍ଟା ଭିତରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନରମ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କିନ୍ତୁ ତାଙ୍କ ବାଣିଜ୍ୟମନ୍ତ୍ରୀ ହାଭାର୍ଡ ଲୁଟ୍‌ନିକ ଭାରତକୁ ଧମକ ଦେଇଛନ୍ତି। ସେ ଭାରତ ପାଇଁ ତିନି ସର୍ତ୍ତ ରଖିଛନ୍ତି। ଏହି ତିନୋଟି ସର୍ତ୍ତ ମାନିଲେ ଭାରତ ଉପରୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ହଟାଯିବ। ଭାରତକୁ ରୁଷ୍ ତୈଳ କ୍ରୟ ବନ୍ଦ କରିବାକୁ ହେବ ଏବଂ ବ୍ରିକ୍ସ ଗୋଷ୍ଠୀରୁ ଅଲଗା ହେବାକୁ ପଡ଼ିବ। ଏହା ସହିତ ଆମେରିକାକୁ ସମର୍ଥନ ଦେବାକୁ ହେବ ବୋଲି ଲୁଟ୍‌ନିକ କହିଛନ୍ତି। ସେ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର କରି ଦେଇ ଶୁକ୍ରବାର ଏହି ଟିପ୍ପଣୀ ଦେଇଥିଲେ। ଏଥିରୁ ଆମେରିକା ରାଷ୍ଟ୍ରପତିଙ୍କ କହିବା ଏବଂ କରିବାରେ ଆକାଶ ପାତାଳ ଫରକ ଥିବା ଜଣାପଡୁଛି। ଟ୍ରମ୍ପ ନିଜେ ଭାରତ ସହ ସମ୍ପର୍କ ସୁଧାରିବାକୁ ପ୍ରସ୍ତୁତ ଥିବା ନେଇ କହୁଥିବାବେଳେ ତାଙ୍କ ମନ୍ତ୍ରୀ ଏଥିରେ ବ୍ରେକ୍ ଲଗାଉଛନ୍ତି। ▶ପୃଷ୍ଠା-୭

### ୧୨ ହଜାର କୋଟିର ଡ୍ରଗ୍ସ ର୍ୟାକେଟ୍‌ର ପର୍ଦ୍ଦାଫାସ

## ଆଇଟି ବିଶେଷଜ୍ଞ ସମେତ ୧୨ ଗିରଫ



**ହାଇଦରାବାଦ୍, ୬।୯ (ଏଜେନ୍ସି):** ମହାରାଷ୍ଟ୍ର ପୁଲିସ ନିଶା ତଥା ଡ୍ରଗ୍ସ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଥାଣେ ଜିଲ୍ଲାର ମୀରା ରୋଡ ପୁଲିସ୍ ଏହିକ୍ରମରେ ଶନିବାର ତେଲଙ୍ଗାନାର ହାଇଦରାବାଦ୍‌ରେ ଏକ ଡ୍ରଗ୍ସ ଉତ୍ପାଦନକାରୀ କାରଖାନା ଉପରେ ଚଢ଼ାଉ କରିବା ସହ ୧୨,୦୦୦ କୋଟି ଟଙ୍କାର ଏକ ଡ୍ରଗ୍ସ ର୍ୟାକେଟ୍‌ର ପର୍ଦ୍ଦାଫାସ କରିଛି। କଞ୍ଚାମାଲ ଜବତ କରିବା ସହିତ ୧୨ ଜଣଙ୍କୁ ଗିରଫ କରିଛି। ମହାରାଷ୍ଟ୍ର ନିଆଯାଇ ଏମାନଙ୍କୁ ପଚରା ଉଚରା କରାଯାଉଛି। ଏହି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଜଣେ ଆଇଟି ଏକ୍ସପର୍ଟ। ଏମାନଙ୍କ ମଧ୍ୟରେ ଜଣେ ବାଂଲାଦେଶୀ ମହିଳା ମଧ୍ୟ ସାମିଲ ରହିଛନ୍ତି। ଫାତିମା ସେଖ ନାମକ ଏହି ମହିଳା ଗତମାସରେ ମହାରାଷ୍ଟ୍ରର ମୀରା ରୋଡ୍‌ରେ ୨୪ ଲକ୍ଷ ଟଙ୍କା ନିଶଦ୍ରବ୍ୟ ସହ ଧରାପଡ଼ିଥିଲା। ଏହି ରାକେଟ୍ ସହ ଏକ ଅନ୍ତର୍ଜାତୀୟ ଗୋଷ୍ଠୀ ଜଡିତ ଥିବା ପୁଲିସ ଆଶାଙ୍କା କରୁଛି। ଡ୍ରଗ୍ସ ତିଆରି କରିବାକୁ ବ୍ୟବହାର କରାଯିବାକୁ ଥିବା ୩୫,୦୦୦ ଲିଟର ରାସାୟନିକ ପଦାର୍ଥକୁ ମଧ୍ୟ ଜବତ କରାଯାଇଛି। ଏହାକୁ ବ୍ୟବହାର କରି ଏମ୍‌ଡି (ମିଥାଇଲିନ୍ ଡାଇଅକ୍ସି ମିଥାମଫେଟେମାଇନ) ନାମକ ଏକ ଡ୍ରଗ୍ ତିଆରି କରାଯାଇଥାଏ। ଆଗକୁ ଆହୁରି ତଦନ୍ତ ହେବା ପରେ ଏ ସଂକ୍ରାନ୍ତରେ ଅଧିକ ସୂଚନା ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### କାର୍ ତଳେ ଚାପି ହୋଇଗଲା ଅଟୋ

## ଦମ୍ପତିଙ୍କ ସମେତ ୩ ମୃତ



**ଅନୁଗୋଳ, ୬।୯ (ସମିସ):** ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଣ୍ଡହତା ବ୍ରିଜ୍ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏକ କାର୍ ତଳେ ଅଟୋ ଚାପି ହୋଇଯିବାରୁ ଏହି ଅଘଟଣ ଘଟିଛି। ମୃତକଙ୍କ ମଧ୍ୟରେ ଏକ ଦମ୍ପତି ଅଛନ୍ତି। ସେମାନେ ହେଲେ, ବାଲିମି ଥାନା କାରନ୍ଧା ଅଞ୍ଚଳର ବଂଶୀଧର ସେଠୀ, ତାଙ୍କ ସ୍ତ୍ରୀ କମଳା ସେଠୀ ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି। ବଂଶୀଧରଙ୍କ ବୋହୂ ସୁନିତା ସେଠୀ, ସୁନିତାଙ୍କ ପୁଅ ଶ୍ରୀସାଇ ସେଠୀ ଓ କାର୍ ମାଲିକ ବିଶ୍ୱଜିତ୍ ଗୁରୁତର ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ବଂଶୀଧରଙ୍କ ଦେହ ଖରାପ ଥିବାରୁ ଏକ ଅଟୋ ଯୋଗେ ସ୍ତ୍ରୀ କମଳା, ବୋହୂ ସୁନିତା, ନାତି ଶ୍ରୀସାଇଙ୍କ ସହ ଚିକିତ୍ସା ପାଇଁ ଅନୁଗୋଳ ଡାକ୍ତରଖାନା ଆସିଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ ସମସ୍ତେ ବଂଶୀଧରଙ୍କ ସମୁଦି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ଖାଇ ସାରି ଅଟୋ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ନରସିଂହପୁର ଅଞ୍ଚଳରୁ ଆସୁଥିବା ଏକ କାର୍ ସହ ଅଟୋଟି ଧକ୍କା ହୋଇଥିଲା। ଅଟୋ ଓ କାର୍ ରାସ୍ତା ପାର୍ଶ୍ୱ ବିଲ ଭିତରକୁ ପଶିଯାଇଥିଲା। ଅଟୋଟି କାର୍ ତଳେ ଚାପି ହୋଇ ରହିଯାଇଥିଲା। ଏହି ଦୁର୍ଘଟଣାରେ ଅଟୋରେ ଥିବା ବଂଶୀଧର, କମଳା ଏବଂ ଅଟୋ ଚାଳକ ମଣ୍ଟୁଙ୍କ ମୃତ୍ୟୁ ଘଟିଥିବା ବେଳେ ସୁନିତା, ଶ୍ରୀସାଇ ଓ କାର୍ ମାଲିକ ବିଶ୍ୱଜିତ ଗୁରୁତର ହୋଇଥିଲେ। ଅନ୍ୟପଟେ କାର୍ ଚାଳକଙ୍କ କୌଣସି ଖବର ମିଳିନାହିଁ। ଅନୁଗୋଳ ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ପକ୍ଷ ରଖିଲା ଓଡ଼ିଶା

## ଆପୋସ ସମାଧାନ ପ୍ରୟାସ ଚାଲିଛି

**ଭୁବନେଶ୍ୱର, ୬।୯ (ସମିସ):** ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା ଓ ଛତିଶଗଡ଼ ଆପୋସ ସମାଧାନ ପାଇଁ ଉଦ୍ୟମ କରୁଛନ୍ତି। ଉଭୟ ରାଜ୍ୟ ମଧ୍ୟରେ କିଛି ପର୍ଯ୍ୟାୟ ଆଲୋଚନା ହୋଇଛି ଓ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ପରସ୍ପର ମଧ୍ୟରେ ଦୁଇ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ସେହିପରି ଦୁଇ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ମଧ୍ୟ କଥାବାର୍ତ୍ତା ଆରମ୍ଭ ହୋଇଛି ବୋଲି ମହାନଦୀ ବିବାଦ ଟ୍ରିବ୍ୟୁନାଲରେ ତଥ୍ୟ ରଖିଛି ଓଡ଼ିଶା। ରାଜ୍ୟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡ଼ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଗତ ଅଗଷ୍ଟ ୨ ତାରିଖରୁ ଏଯାବତ୍ ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ପ୍ରସଙ୍ଗରେ ଆପୋସ ବୁଝାମଣାର ବିସ୍ତୃତ ଅଗ୍ରଗତିର ତଥ୍ୟ ଉପସ୍ଥାପନ କରିଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍ ତ୍ରିବେଦୀ ଆସନ୍ତା ଅକ୍ଟୋବର ୧୧କୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିବା ସହ ଏହି ତାରିଖ ସୁଦ୍ଧା ଆପୋସ ବୁଝାମଣାର ଅଗ୍ରଗତି ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଳବିବାଦ ସଂକ୍ରାନ୍ତରେ ଟ୍ରିବ୍ୟୁନାଲ ଶୁଣାଣି ସମ୍ପର୍କରେ ଆଡ଼ଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲଙ୍କ ସହ ବିବାଦର ସମାଧାନ ନିମନ୍ତେ ଆଲୋଚନା କରିଛନ୍ତି। ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଥର ଆଲୋଚନା କରି ସାରିଛନ୍ତି। ଗତ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟ ସଚିବ ନୂଆଦିଲ୍ଲୀରେ ଜଳ ବିବାଦ ଆପୋଷ ସମାଧାନ ନେଇ ଆଲୋଚନା କରିଥିଲେ। ଗତକାଲି ଅର୍ଥାତ୍ ଶୁକ୍ରବାର ଦୁଇ ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଗଠିତ ବୈଷୟିକ ଟିମ୍ ମଧ୍ୟରେ ମଧ୍ୟ ଆଲୋଚନା ହୋଇଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନ ପାଇଁ ଆଲୋଚନା ଜାରି ରହିଛି।



**ଅଗ୍ରଗତି ତଥ୍ୟ ଦେବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ**

**ଅକ୍ଟୋବର ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି**

**ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ଆଲୋଚନା ଆରମ୍ଭ**

କୌଣସି ଜଳ ବିବାଦର ସମାଧାନ ଟ୍ରିବ୍ୟୁନାଲ୍‌ରେ ହୋଇପାରି ନାହିଁ। ଏହା ଏକ ରାଜନୈତିକ ବିବାଦ ଏବଂ ଦୁଇ ରାଜ୍ୟର ରାଜନୈତିକ ନେତୃତ୍ୱ ଏ ସମ୍ପର୍କରେ ଆଲୋଚନା କରି ସମାଧନର ବାଟ କାଢ଼ିଲେ ସମସ୍ୟାର ଅନ୍ତ ହେବ। ଅତୀତରେ କୃଷ୍ଣା, କାବେରୀ, ରାବି, ବ୍ୟାସ ନଦୀ ଜଳ ବିବାଦରେ ଟ୍ରିବ୍ୟୁନାଲରେ ସୁଫଳ ମିଳିନାହିଁ। ଯଦି ବିବାଦ ସମାଧାନ ନ ହୁଏ ତାହେଲେ ଓଡ଼ିଶାର ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଜଳ କମିଶନଙ୍କ ସ୍ୱୀକୃତି ମିଳିବ ନାହିଁ। ତେଣୁ ଉଭୟ ରାଜ୍ୟର ସ୍ୱାର୍ଥକୁ ସୁରକ୍ଷିତ ରଖାଯାଇ କିପରି ବିବାଦର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ, ସେନେଇ ଆଲୋଚନା ଅଗ୍ରଗତି ହେଉଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଯଦି ଉଭୟ ରାଜ୍ୟ ଯଦି ଆଲୋଚନା ମାଧ୍ୟମରେ ବିବାଦର ▶ପୃଷ୍ଠା-୭

## ଆଜି ରାଜ୍ୟବ୍ୟାପୀ ବର୍ଷା

**ଭୁବନେଶ୍ୱର, ୬।୯ (ସମିସ):** ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ଅଳ୍ପ ବହୁତେ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଶନିବାର ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରବିବାର ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଓ ଘଡଘଡିର ସମ୍ଭାବନା ରହିଛି।



**୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

**ଗୁରୁବାରରୁ ବଦଳିବ ପାଗ**

ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଉପରୋକ୍ତ ୫ ଜିଲ୍ଲା ବ୍ୟତୀତ ଅନ୍ୟ ୨୫ଟି ଜିଲ୍ଲାରେ ବର୍ଷା ସାଙ୍ଗକୁ ବିଜୁଳି, ଘଡଘଡିର ସମ୍ଭାବନା ଅଛି। ସୋମବାର ବର୍ଷାର ବିସ୍ତୃତି ସାମାନ୍ୟ ହ୍ରାସ ପାଇବ, ମାତ୍ର ମଙ୍ଗଳବାର ଓ ବୁଧବାର ବର୍ଷାର ବିସ୍ତୃତି ବଢ଼ିବ। ଉକ୍ତ ୨ ଦିନ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ଥିବାବେଳେ ଗୁରବାରଠାରୁ ପାଗରେ ପରିବର୍ତ୍ତନ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଅପରପକ୍ଷେ ଶନିବାର ପାଣିପାଗ କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ▶ପୃଷ୍ଠା-୭

### ଗଣେଶ ବିସର୍ଜନ ବେଳେ ଗୋଷ୍ଠୀ ସଂଘର୍ଷ

## ଗାଁ ମୁଣ୍ଡରେ ଗଡ଼ିଲା ମୁଣ୍ଡ

**ଶେରଗଡ଼, ୬।୯ (ସମିସ):** ଗଣେଶ ଭସାଣିକୁ ନେଇ ଶେରଗଡ଼ ଥାନା ଅନ୍ତର୍ଗତ ଗୋଠଗାଁ ଗ୍ରାମରେ ଶୁକ୍ରବାର ରାତିରେ ଗୋଷ୍ଠୀସଂଘର୍ଷ ଘଟି ଜଣଙ୍କ ଜୀବନ ଯାଇଛି। ସନ୍ଧ୍ୟାରେ ଭସାଣି ପାଇଁ ଶୋଭାଯାତ୍ରା ବେଳେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ବିଳମ୍ବିତ ରାତିରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଖଣ୍ଡା, କାତି, ଠେଙ୍ଗା ସାହାଯ୍ୟରେ ପରସ୍ପରକୁ ଆକ୍ରମଣ କରିଥିଲେ। ଗୋଟିଏ ଗୋଷ୍ଠୀର ସମସ୍ତ ସଦସ୍ୟ ଖସି ପଳାଇ ଯାଇଥିବା ବେଳେ ସାନଖେମୁଣ୍ଡି ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଚନ୍ଦନ ବିଶୋୟୀଙ୍କୁ ଏକୁଟିଆ ପାଇ ଅପରଗୋଷ୍ଠୀର ସଦସ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

ପୂର୍ବରୁ ଉକ୍ତ ଗୋଷ୍ଠୀଙ୍କ ସହିତ ଚନ୍ଦନଙ୍କ ଗଣ୍ଡଗୋଳ ଲାଗି ରହିଥିଲା। ଅପରପକ୍ଷେ ଚନ୍ଦନ ଘରକୁ ନଫେରିବାରୁ ପରିବାର ସଦସ୍ୟମାନେ ଖୋଜିଥିଲେ। ଚନ୍ଦନଙ୍କ ସାଙ୍ଗମାନେ ଚନ୍ଦନଙ୍କୁ ଗୋଠଗାଁରେ ହତ୍ୟା କରାଯାଇଥିବା ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ଚନ୍ଦନଙ୍କ ସମ୍ପର୍କୀୟ ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାରୁ ଏକ ହତ୍ୟା ମାମଲା ରୁଜୁ କରି ଶେରଗଡ଼ ପୁଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

### ରାସ୍ତା ମରାମତି ସମୀକ୍ଷା ବୈଠକ

## ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ବଢୁଛି ଦୁର୍ଦ୍ଦଶା

**ଭୁବନେଶ୍ୱର, ୬।୯ (ସମିସ):** ରାଜ୍ୟର ବିଭିନ୍ନ ସହରରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଘୋର ଅଭାବ ରହୁଛି। ଗୋଟିଏ ବିଭାଗ ରାସ୍ତା ତିଆରି କରି ଚାଲିଯାଉଛି, ୭ ଦିନ ମଧ୍ୟରେ ସେହି ବିଭାଗ ରାସ୍ତାକୁ ଆଉ କିଏ ଆସି ଖୋଳି ଦେଇ ଚାଲିଯାଉଛି। ୟୁଟିଲିଟି କରିଡର ନାମରେ ବିଭାଗଗୁଡ଼ିକ ଯେମିତି ପାରୁଛନ୍ତି ସେମିତି ରାସ୍ତାକୁ ବ୍ୟବହାର କରୁଛନ୍ତି। ବିନା ଅନୁମତିରେ କିଏ ପାଇପ୍ ବିଛାଉଛି ତ ଆଉ କିଏ ବିଦ୍ୟୁତ୍ ଲାଇନ୍ ପକାଇବା ଅବା ଅନ୍ୟ ୟୁଟିଲିଟି କରିଡର୍ ନାମରେ ଭଲ ଥିବା ରାସ୍ତାକୁ ଖୋଳି ପକାଉଛନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ରାସ୍ତାଟି ଖରାପ ଅବସ୍ଥାକୁ ଚାଲିଆସୁଛି। ରାସ୍ତାଘାଟର ଦୁରବସ୍ଥା ପାଇଁ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହୁଥିବା ଶନିବାର ହୋଇଥିବା ଏକ ସମୀକ୍ଷାରୁ ସ୍ପଷ୍ଟ ଜଣାପଡ଼ିଛି। ରାଜ୍ୟରେ ରାସ୍ତାଘାଟ ମରାମତିକୁ ନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ରାସ୍ତାକୁ ଖାଲଖମାମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୨ ତାରିଖରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



**୨୦ ସେପ୍ଟେମ୍ବର ସୁଦ୍ଧା ସବୁ ରାସ୍ତା ମରାମତି ସାରିବାକୁ ମନ୍ତ୍ରୀଙ୍କ ତାଗିଦ**

**୨ ଦିନରେ ରାସ୍ତା ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ**

ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ▶ପୃଷ୍ଠା-୭






## ବିସ୍ଫୋରଣ ଧମକ ଦେଇଥିବା 'ଆତଙ୍କବାଦୀ' ଉତ୍ତର ପ୍ରଦେଶରୁ ଗିରଫ



ନୂଆଦିଲ୍ଲୀ, ୬।୯(ଏଜେନ୍ସି): ମୁମ୍ବାଇରେ ଗଣେଶ ଉତ୍ସବ ବିସର୍ଜନ ଚାଲିଥିବା ବେଳେ ବିସ୍ଫୋରଣ ଧମକ ଦେଇଥିବା ବ୍ୟକ୍ତି ଉତ୍ତର ପ୍ରଦେଶର ନୋଏଡାରୁ ଗିରଫ ହୋଇଛି। ଏହି ବ୍ୟକ୍ତି ହେଉଛନ୍ତି ୫୦ ବର୍ଷୀୟ ଅଶ୍ୱିନ କୁମାର ସୁପ୍ରା। ସେ ବିହାର ରାଜଧାନୀ ପାଟନାରେ ରୁହନ୍ତି। ସେ ଗତ ୫ ବର୍ଷ ହେବ ନୋଏଡାରେ ରହିଆସୁଛନ୍ତି ଏବଂ ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରରେ କାର୍ଯ୍ୟ କରୁଛନ୍ତି। ଅଶ୍ୱିନ ଗୁରୁବାର ମୁମ୍ବଇ ପୁଲିସକୁ ହ୍ୱାଟ୍ସଆପ୍‌ରେ ଧମକପୂର୍ଣ୍ଣ ମେସେଜ ଦେଇଥିଲା। ଲସ୍କର-ଏ- ଜେହାଦୀର ୧୪ଜଣ ଆତଙ୍କବାଦୀ ମୁମ୍ବଇରେ ବୁଲୁଛନ୍ତି ଓ ୪୦୦ କେଜି ଆରଡିଏକ୍ସ ୩୪ଟି ଗାଡିରେ ଲଗାଇଛନ୍ତି। ଆତଙ୍କିମାନେ ବିସ୍ଫୋରଣ କରିବେ ଓ ଏହା ଦ୍ୱାରା ପାଖାପାଖି ଏକ କୋଟି ଲୋକ ମୃତ୍ୟୁବରଣ କରିବେ ବୋଲି ସେ ମେସେଜରେ ଉଲ୍ଲେଖ କରିଥିଲା। ଏହି ମେସେଜ ମିଳିବା ପରେ ପୁଲିସ ସାରା ମୁମ୍ବଇରେ ହାଇଆଲର୍ଟ ଜାରି କରିଥିଲା ଓ କ୍ରାଇମ ବ୍ରାଞ୍ଚକୁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହିକ୍ରମରେ ଆଣ୍ଟି ଟେରରିଜମ୍ ସ୍କ୍ୱାଡ (ଏଟିଏସ୍) ଓ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡିକ ମଧ୍ୟ ହାଇ ଆଲର୍ଟରେ ଥିଲେ। ଯାଞ୍ଚ ପରେ ମୁମ୍ବଇ କ୍ରାଇମ ବ୍ରାଞ୍ଚ୍ ନୋଏଡାରେ ପହଞ୍ଚି ସେକ୍ଟର-୭୯ ସୋସାଇଟିରୁ ଗିରଫ୍ କରିଛି। ଅଶ୍ୱିନଙ୍କୁ କ୍ରାଇମ ବ୍ରାଞ୍ଚ ନୋଏଡାରୁ ମୁମ୍ବାଇ ନେଇଛି ଓ ତାର ମୋବାଇଲ ଫୋନ୍ ଓ ସିମକାର୍ଡକୁ ଜବତ କରାଯାଇଛି। ଏହାକୁ ବାଦ୍ ଦେଲେ ତା ପାଖରେ ୪ଟି ସିମ୍‌କାର୍ଡ ହୋଲ୍ଡର, ୬ ମେମୋରି କାର୍ଡ ହୋଲ୍ଡର, ଏକ ସିମ୍ ସ୍ଲଟ ଏକ୍ସଟରନାଲ ଓ ଦୁଇଟି ଡିଜିଟାଲ କାର୍ଡ ଜବତ କରାଯାଇଛି। ୨୦୨୩ରେ ସେ ଏକ ଠକେଇ ମାମଲାରେ ପାଟନା ଜେଲରେ ୩ ମାସ ରହିଥିବା କଥା କ୍ରାଇମ୍ ବ୍ରାଞ୍ଚ୍ ଜାଣିବାକୁ ପାଇଛି। ଫିରୋଜ ନାମକ ଏକ ବ୍ୟକ୍ତି ତା ବିରୋଧରେ ଅଭିଯୋଗ କରିଥିଲା। ଫିରୋଜ ବିରୋଧରେ ପ୍ରତିଶୋଧ ନେବାକୁ ସେ ତା ନାମରେ ଏହି ମେସେଜ ପଠାଇଥିଲା ବୋଲି ଅଶ୍ୱିନ କହିଛି। ତେବେ ଫିରୋଜ କିଏ ଓ ଠକେଇ ମାମଲା କଣ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ଅଗଷ୍ଟ ୨୫ରେ ମହାରାଷ୍ଟ୍ରର ଥାଣେ ରେଲ ଷ୍ଟେସନରେ ବମ୍ ଦ୍ୱାରା ବିସ୍ଫୋରଣରେ ଉଡାଇ ଦେବାକୁ ଧମକ ମିଳିଥିଲା।

## ଦେଶ ଛାଡ଼ି ପଳାଇଲେ ପୂର୍ବତନ ପ୍ରଧାନମନ୍ତ୍ରୀ



ବ୍ୟାଙ୍କକ୍, ୬।୯(ଏଜେନ୍ସି): ଥାଇଲାଣ୍ଡ ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନ ସିନବାତ୍ରା ଦେଶ ଛାଡ଼ି ନିଜ ବ୍ୟକ୍ତିଗତ ଜେଟ୍‌ରେ ଦୁବାଇ ଚାଲିଯାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଏ ନେଇ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୯ରେ ଥାଇଲାଣ୍ଡର କୋର୍ଟ ତାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ରାୟ ଦେବାକୁ ଯାଉଥିବା ବେଳେ ସେ ଦେଶ ଛାଡି ଚାଲି ଯାଇଛନ୍ତି ବୋଲି କୁହାଯାଉଛି। ସେ ଚିକିତ୍ସା ପାଇଁ ସିଙ୍ଗାପୁର ଯାଉଥିଲେ। କିନ୍ତୁ ସେଠାରେ ଜେଟ୍ ବିମାନ ଅବତରଣ କରିହେବ ନାହିଁ ବୋଲି ତାଙ୍କ ପାଇଲଟ କହିଥିଲେ। ଫଳରେ ଆମକୁ ଦୁବାଇ ଯିବାକୁ ହେଲା ବୋଲି ସେ ଏକ୍ସରେ ଉଲ୍ଲେଖ କରିଛନ୍ତି। ତେବେ କୋର୍ଟ ରାୟ ଶୁଣାଇବାକୁ ଯାଉଥିବା ବେଳେ ସେ ଖୁବ୍‌ଶୀଘ୍ର ସ୍ୱଦେଶ ଫେରିବେ ବୋଲି ସ୍ପଷ୍ଟ କରିଛନ୍ତି। କିନ୍ତୁ ସେ ଆଉ ଦେଶକୁ ଫେରିବେ ନାହିଁ ବୋଲି ରାଜନୈତିକ ପଣ୍ଡିତମାନେ ଅନୁମାନ କରିଛନ୍ତି। ୨୦୦୬ରେ ପଦରୁ ହଟିବା ପରେ ତାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ୧୫ ବର୍ଷର ଜେଲ୍ ଦଣ୍ଡାଦେଶ ମିଳିବା ପରେ ସେ ଦେଶ ଛାଡି ଚାଲିଯାଇଥିଲେ।

## ଲିପୁଲେଖ ବିବାଦରେ ଚୀନ୍ ମୁଣ୍ଡ ପୂରାଇବନି

ବେଜିଂ, ୬।୯(ଏଜେନ୍ସି): ଭାରତ ଓ ନେପାଳ ମଧ୍ୟରେ ଦୀର୍ଘଦିନ ଧରି ଥିବା ଲିପୁଲେଖ ବିବାଦରେ ମୁଣ୍ଡ ପୂରାଇବାକୁ ଚୀନ୍ ମନା କରିଦେଇଛି। ଲିପୁଲେଖ୍ ଏକ ପାରମ୍ପରିକ ଗିରିପଥ। ନେପାଳର ଦାବିକୁ ଚୀନ୍ ସମ୍ମାନ କରୁଛି। ଏହି ବିବାଦ ଭାରତ ଓ ନେପାଳର ଦ୍ୱିପାକ୍ଷିକ ମାମଲା। ତେଣୁ କଥାବାର୍ତ୍ତା ମାଧ୍ୟମରେ ଦୁଇ ଦେଶ ଏହି ବିବାଦର ସମାଧାନ କରିବା ଉଚିତ ବୋଲି ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ କହିଥିବା କଥା ନେପାଳ ବୈଦେଶିକ ସଚିବ ଅମୃତ ବାହାଦୂର ରାୟ କହିଛନ୍ତି। ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଗସ୍ତ କରିଥିଲେ। ଏହି ଅବସରରେ ସେ ଜିନପିଙ୍ଗ୍‌ଙ୍କ ସମ୍ମୁଖରେ ଲିପୁଲେଖ ବିବାଦ ଉପସ୍ଥାପନ କରିଥିଲେ। ଲିପୁଲେଖ ଅଞ୍ଚଳ ନେପାଳର ଅଂଶ ବିଶେଷ ବୋଲି ଓଲି କହିଛନ୍ତି। କିନ୍ତୁ ଭାରତ ଓ ଚୀନ୍ ମଧ୍ୟରେ ଏହି ଗିରିପଥ ଦେଇ ହୋଇଥିବା ବ୍ୟବସାୟିକ ସହମତି ନେଇ ଓଲି ଆପତ୍ତି ଉଠାଇଥିଲେ। ଅଗଷ୍ଟ ୧୯ ରେ ଭାରତ ଓ ଚୀନ ଲିପୁଲେଖ ଦେଇ ବ୍ୟବସାୟ କରିବାକୁ ଏହି ପଥ ଖୋଲିବା ନେଇ ସହମତି ପ୍ରକାଶ କରିଥିଲେ। କିନ୍ତୁ ନେପାଳ ଏହାକୁ ସେତେବେଳେ ବିରୋଧ କରିଥିଲା। ଉଲ୍ଲେଖଥାଉ କି, ୨୦୨୦ରେ ନେପାଳ ଏକ ନୂଆ ମାନଚିତ୍ର ଜାରି କରିଥିଲା। ଏଥିରେ ଲିପୁଲେଖ, ଲିମ୍ପିୟାଧୁରା ଓ କାଲାପାନୀକୁ ନେପାଳ ନିଜର ବୋଲି ଜାହିର କରିବାକୁ ପ୍ରୟାସ କରିଥିଲା। କିନ୍ତୁ ଭାରତ ପୂର୍ବରୁ ଏହି ୩ଟି ସ୍ଥାନକୁ ନିଜର ବୋଲି ବିବେଚନା କରିଆସୁଛି।

## ହଜରତବଲ ଦର୍‌ଘାରେ ଅଶୋକ ସ୍ତମ୍ଭ ଚିହ୍ନକୁ ନେଇ ବିବାଦ

ଶ୍ରୀନଗର, ୬।୯(ଏଜେନ୍ସି): ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରସ୍ଥିତ ହଜରତବଲ ଦର୍‌ଘାରେ ନୂଆ କରି ଲଗାଯାଇଥିବା ଏକ ଫଳକରେ ରାଷ୍ଟ୍ରୀୟ ଚିହ୍ନ 'ଆଶୋକ ସ୍ତମ୍ଭ'କୁ ନେଇ ବିବାଦ ସୃଷ୍ଟି ହୋଇଛି। ଶୁକ୍ରବାର ପ୍ରାର୍ଥନା ପରେ କେତେଜଣ ଲୋକ ଏହି ଫଳକକୁ ଭାଙ୍ଗି ଦେଇଛନ୍ତି। ଜୁମାର ନମାଜ ପଢ଼ିବା ପରେ ଏହି ଫଳକ ନିକଟରେ ଭିଡ ହୋଇଥିଲେ ଓ ୱାକଅଫ୍ ବୋର୍ଡ ବିରୋଧରେ ସ୍ଲୋଗାନ ଦେବା ସହ ପଥର ପିଙ୍ଗିଥିଲେ। ଏହି ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବହୁବର୍ଷ ହେବ ହଜରତବଲ ଦର୍‌ଘାକୁ ମୁସଲିମ ସମ୍ପ୍ରଦାୟର ଲୋକମାନେ ଏକ ପବିତ୍ରସ୍ଥଳ ବୋଲି ବିବେଚନା କରନ୍ତି। ଚଳିତ ସପ୍ତାହରେ ୱାକଅଫ୍ ବୋର୍ଡ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହି ଦର୍‌ଘାର ପୁନର୍ଗଠନ କାର୍ଯ୍ୟ କରିବା ପରେ ଉଦ୍‌ଘାଟନ କରିଥିଲା। ଉଦ୍‌ଘାଟନ ଫଳକରେ ରାଷ୍ଟ୍ରୀୟ ଚିହ୍ନ ଆଶୋକ ସ୍ତମ୍ଭ ଥିଲା ଓ ଏହାକୁ ନେଇ ସମାଲୋଚନା କରାଯାଉଥିଲା। ଏହାକୁ ନ୍ୟାସନାଲ କନଫରେନ୍ସ ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକ ନିନ୍ଦା କରିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ନିଜର ପ୍ରତିକ୍ରିୟା ଦେଇଛନ୍ତି। କୌଣସି ଧାର୍ମିକ ସ୍ଥଳରେ ରାଷ୍ଟ୍ରୀୟ ଚିହ୍ନ ପୂର୍ବରୁ କେବେ ଦେଖି ନଥିଲି। ତେଣୁ ହଜରତବଲ ଦର୍‌ଘାର ପଥର ଉପରେ ରାଷ୍ଟ୍ରୀୟ ଚିହ୍ନ ଲଗାଇବାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଧନଖଡ଼ଙ୍କ ପେନ୍‌ସନ୍ ଆବେଦନ ମଞ୍ଜୁର

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ପୂର୍ବତନ ଉପ- ରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ଜଣେ ପୂର୍ବତନ ବିଧାୟକ ଭାବେ ପେନସନ ମିଳିବା ନିଶ୍ଚିତ ହୋଇଛି। ଏ ନେଇ ସେ ପୂର୍ବରୁ କରିଥିବା ଆବେଦନକୁ ମଞ୍ଜୁର କରାଯାଇଛି। ୭୫ ବର୍ଷୀୟ ଧନଖଡ଼ ରାଜସ୍ଥାନ ବିଧାନସଭାରେ ପୂର୍ବରୁ ବିଧାୟକ ଥିଲେ। ଉପ- ରାଷ୍ଟ୍ରପତି ଭାବେ ଇସ୍ତଫା ଦେବାପରେ ତାଙ୍କର ଏହି ବିଧାୟକ ପେନ୍‌ସନ୍‌କୁ ମଞ୍ଜୁର କରାଯାଇଛି। ତାଙ୍କ ଆବେଦନର ସବୁ ପ୍ରକ୍ରିୟା ଓ ଔପଚାରିକତା ସମ୍ପନ୍ନ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସଚିବାଳୟ ତରଫରୁ କୁହାଯାଇଛି। ଏବେ ସେ ଜଣେ ପୂର୍ବତନ ବିଧାୟକ ଭାବେ ପେନ୍‌ସନ ସମେତ ସବୁପ୍ରକାର ସୁବିଧାସୁଯୋଗ ପାଇବେ। ସେ ଗତ ସପ୍ତାହରେ ଏ ନେଇ ରାଜସ୍ଥାନ ସଚିବାଳୟରେ ପେନ୍‌ସନ ପାଇଁ ଆବେଦନ କରିଥିଲେ। ଏବେ ସେ ମାସକୁ ପେନ୍‌ସନ ବାବଦରେ ୪୨, ୦୦୦ ଟଙ୍କା ପାଇବେ। ଉଲ୍ଲେଖଥାଉ କି, ସେ ୧୯୯୩ରୁ ୧୯୯୮ ମଧ୍ୟରେ ରାଜସ୍ଥାନର କିଶନଗଡ଼ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଦଳ ତରଫରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ ଜୁଲାଇରେ ପଶ୍ଚିମବଙ୍ଗର ରାଜ୍ୟପାଳ ନିଯୁକ୍ତ ହେବା ପରେ ତାଙ୍କ ପେନ୍‌ସନକୁ ବନ୍ଦ କରିଦିଆଯାଇଥିଲା।

# ଦିଲ୍ଲୀ, ୟୁପିକୁ ଯମୁନା ଯନ୍ତ୍ରଣା

### ମୌସୁମୀ ବର୍ଷା ବିପର୍ଯ୍ୟୟ

### ପାଣି ଘେରରେ ଦିଲ୍ଲୀର ଅନେକ ଅଞ୍ଚଳ

### ପଞ୍ଜାବର ୧୯୦୦ ଗାଁ ୧୨ ଦିନ ହେଲା ବନ୍ୟା ଘେରରେ



ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଉତ୍ତର ଭାରତର କେତୋଟି ରାଜ୍ୟରେ ପ୍ରବଳ ମୌସୁମୀ ବର୍ଷା କାରଣରୁ ଭୂସ୍ଖଳନ ଓ ବନ୍ୟା ସ୍ଥିତି ଜାରି ରହିଛି। ଯମୁନା ନଦୀର ଜଳସ୍ତର ଶନିବାର ମଧ୍ୟ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଫଳରେ ରାଜଧାନୀ ଦିଲ୍ଲୀର କେତେକ ଅଞ୍ଚଳରେ ଏବେ ମଧ୍ୟ ପାଣି ଜମି ରହିଛି। ମୋନାଷ୍ଟେରୀ ମାର୍କେଟ, ଯମୁନା ବଜାର, ମୟୂର ବିହାର ଓ କଶ୍ମୀର ଗେଟ୍ ଅଞ୍ଚଳ ପାଣି ଘେରରେ ରହିଛି। ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ୫ ଫୁଟ୍ ଉଚ୍ଚର ପାଣି ପଶିଛି। ଉତ୍ତରପ୍ରଦେଶର ମଥୁରାର ୨୦ଟିରୁ ଅଧିକ କଲୋନୀଗୁଡିକରେ ଯମୁନା ପାଣି ପଶିଛି। ଆଗ୍ରାରେ ତାଜମହଲର ପାଚେରି ପର୍ଯ୍ୟନ୍ତ ପାଣି ଆସିଛି। ତାଜମହଲ ପଛରେ ଥିବା ପାର୍କ ମଧ୍ୟ ବୁଡି ଯାଇଛି। ଶୁକ୍ରବାର ଏହି ସହରରେ ପ୍ରବଳ ବର୍ଷା କାରଣରୁ ୫୦ରୁ ଉର୍ଦ୍ଧ୍ୱ ସଡକରେ ୪ ଫୁଟ ପର୍ଯ୍ୟନ୍ତ ପାଣି ଠିଆ ହୋଇଛି। ଫଳରେ ବାଇକ ସମେତ କାର ଅନ୍ୟ ଗାଡି ସବୁ ବୁଡ଼ିଯାଇଛି। ଉତ୍ତରାଖଣ୍ଡରେ ଶନିବାର ୪ ଧାମ ଯାତ୍ରା ପୁଣି ଆରମ୍ଭ ହୋଇଛି। ଖରାପ ପାଗ ଓ କ୍ରମାଗତ ବର୍ଷା କାରଣରୁ ସରକାର ସେପ୍ଟେମ୍ବର ୧ରୁ ୫ ପର୍ଯ୍ୟନ୍ତ ଏହି ଯାତ୍ରାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଶନିବାରଠାରୁ ୪ ଧାମ ଯାତ୍ରା ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି।

ବର୍ଷା ଜାରି ରହିଥିବାରୁ ପଞ୍ଜାବର ୨୩ଟି ଜିଲ୍ଲାର ୧୯୦୦ଟି ଗାଁ ପାଖାପାଖି ୧୨ ଦିନ ହେବ ବନ୍ୟା ଘେରରେ ରହିଛି। ଫଳରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ପଞ୍ଜାବ ଇତିହାସର ସବୁଠାରୁ ବଡ଼ ବନ୍ୟାର ସମ୍ମୁଖୀନ ହୋଇଛି କହିଲେ ଭୁଲ ହେବନାହିଁ। ଏଥିରେ ୩.୮୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ଉତ୍ତରପଶ୍ଚିମ ରାଜ୍ୟରେ ବର୍ଷା ଓ ବନ୍ୟାଜନିତ କାରଣରୁ ୪୩ ଲୋକ ମୃତ୍ୟୁବରଣ କରିଛନ୍ତି। ପାଖାପାଖି ୧.୭୨ ହେକ୍ଟର ଚାଷ ଜମିର ଫସଲ ନଷ୍ଟ ହୋଇଛି। ତେବେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ପଞ୍ଜାବରେ ବର୍ଷା ନେଇ କୌଣସି ସତର୍କତା ଜାରି କରାଯାଇନାହିଁ। ତେଣୁ ବନ୍ୟା ସ୍ଥିତରେ ଉନ୍ନତି ହେବ ବୋଲି ଆଶା କରାଯାଉଛି।

ସେପଟେ ଜମ୍ମୁ-କଶ୍ମୀରରେ ଭୂସ୍ଖଳନ କାରଣରୁ ଜମ୍ମୁ- ଶ୍ରୀନଗର ରାଜପଥ ଓ ସିନ୍ଥନ ସଡକ ବନ୍ଦ ହେବା କାରଣରୁ ୩,୭୦୦ ଗାଡି ଅଟକି ରହିଛି। ଶ୍ରୀନଗର ଓ ବଡ଼ଗାଁଓରେ ପ୍ରବଳ ବର୍ଷା କାରଣରୁ କେତେକ ଅଞ୍ଚଳରେ ପାଣି ପଶିଯାଇଛି। ମାତା ବୈଷ୍ଣୋଦେବୀ ମନ୍ଦିରର ତୀର୍ଥଯାତ୍ରା କ୍ରମାଗତ ୧୧ ଦିନ ପାଇଁ ବନ୍ଦ ରହିଛି। ଅଗଷ୍ଟ ୨୬ରେ ହୋଇଥିବା ଭୂସ୍ଖଳନ କାରଣରୁ ଏହି ଯାତ୍ରାକୁ ସ୍ଥଗିତ କରାଯାଇଥିଲା। ସେହିପରି ଗୁଜରାଟ୍‌ର ଭଦୋଦାରା ଜିଲ୍ଲାରେ କ୍ରମାଗତ ବର୍ଷା କାରଣରୁ ସ୍ଥିତି ବିଗିଡିଛି। ନର୍ମଦା ଓ କିମ୍ ନଦୀରେ ଜଳସ୍ତର ଦ୍ରୁତଗତିରେ ବୃଦ୍ଧିପାଇବା କାରଣରୁ ବିପଦ ସୃଷ୍ଟି ହୋଇଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବା ପାଇଁ ପ୍ରଶାସନ ତରଫରୁ ସତର୍କ କରାଯାଇଛି।

ହରିୟାଣାରେ ପ୍ରବଳ ବର୍ଷା କାରଣରୁ ସବୁ ନଦୀର ଜଳସ୍ତର ବୃଦ୍ଧିପାଇଛି। ଫରିଦାବାଦ୍‌ରେ ଯମୁନା, ସିର୍ସାରେ ଘାଗର, କୁରୁକ୍ଷେତ୍ରରେ ମାର୍କଣ୍ଡ ଓ ଅମ୍ବାଲାରେ ତାଙ୍ଗ୍ରି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ସେହିପରି ହିମାଚଳ ପ୍ରଦେଶରେ ପାହାଡ଼ ଉପରୁ ବଡ଼ବଡ଼ ପଥର ଖସିବା କାରଣରୁ ଶିମ୍‌ଲା-କିନ୍ନାଉର ଜାତୀୟ ରାଜପଥରେ ଯିବା ଆସିବା ଏକ ପ୍ରକାର ବନ୍ଦ ରହିଛି। ମୌସୁମୀଜନିତ ବର୍ଷା କାରଣରୁ ହିମାଚଳରେ ଏପର୍ଯ୍ୟନ୍ତ ୩୬୦ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ମଧ୍ୟପ୍ରଦେଶର ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

## କାନାଡ଼ା ମାନିଲା, ଖଲିସ୍ତାନୀଙ୍କୁ ପାଣ୍ଠି ଯୋଗାଉଥିଲା

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଓ ଶରଣ ଦେବା ନେଇ କାନାଡା ସରକାର ପ୍ରଥମଥର ପାଇଁ ଏକ ବଡ଼ ସ୍ୱୀକାର କରିଛନ୍ତି। କାନାଡାର ମାଟିରେ ହିଁ ଏହି ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ କାର୍ଯ୍ୟ କରୁଛି ବୋଲି ପ୍ରକାଶିତ ଏକ ରିପୋର୍ଟରେ ସରକାର ମାନିଛନ୍ତି। ବାବର ଖାଲସା, ଅନ୍ତର୍ଜାତୀୟ ଶିଖ୍ ୟୁଥ ଫେଡେରେସନ ଓ ଶିଖ୍ ଫର ଜଷ୍ଟିସ୍ ଭଳି ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ କାନାଡାରେ ସକ୍ରିୟ ବୋଲି ସମସ୍ତେ ଜାଣନ୍ତି ଓ କାନାଡା ଖୋଲାଖୋଲି ଭାବେ ଏହି ସଂଗଠନଗୁଡିକୁ ଶରଣ ଦେଉଛି। ତେବେ କାନାଡା ଏବେ ପ୍ରଥମଥର ପାଇଁ ଆନୁଷ୍ଠାନିକ ଭାବେ ଏହାକୁ ସ୍ୱୀକାର କରିଛି ଓ ଏହାକୁ ବହୁତ ବଡ଼ କଥା ବୋଲି ବିବେଚନା କରାଯାଉଛି। ଭାରତୀୟ ଦୃଷ୍ଟିକୋଣରୁ ଏହା ଏକ ଶୁଭ ସଂକେତ ବୋଲି କୁହାଯାଇପାରେ। କାନାଡାର ଅର୍ଥ ବିଭାଗ କଳା ଧନକୁ ଧଳା କରିବା ପ୍ରକ୍ରିୟା ଅର୍ଥାତ ମନିଲଣ୍ଡରିଂ ଓ ଆତଙ୍କବାଦୀଙ୍କ ଭରଣ ପୋଷଣ ସହିତ ଜଡିତ ଏକ ଆକଳନ ରିପୋର୍ଟ ଜାରି କରିଛି। କାନାଡା ସହିତ ଏହି ସଂଗଠନଗୁଡିକ ବିଭିନ୍ନ ଦେଶରେ ପାଣ୍ଠି ସଂଗ୍ରହ କରୁଛନ୍ତି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ସଂଗଠନଗୁଡିକ ଡ୍ରଗ୍ସ ଚୋରାଚାଲାଣ ଓ ଅଟୋ ଚୋରି ପାଇଁ ଚାରିଟେବଲ ଟ୍ରଷ୍ଟ ତଥା ଦାତବ୍ୟ ଅନୁଷ୍ଠାନର ବ୍ୟବହାର କରୁଛି। କାନାଡା ଏବେ ଏହି ଆତଙ୍କବାଦୀ ସଂଗଠନଗୁଡିକ ପାଇଁ ଭୂସ୍ୱର୍ଗ ପାଲଟିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ପତିଙ୍କୁ ଛୁରି ଭୁସି ହତ୍ୟା କଲେ ପତ୍ନୀଙ୍କ ପାର୍ଟନର

କୋଲାମ୍, ୬।୯(ଏଜେନ୍ସି): ଦକ୍ଷିଣ କେରଳ ଜିଲ୍ଲାର ନାଦୁଭାତୁରଠାରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପତ୍ନୀଙ୍କ ଲିଭ୍- ଇନ୍ ପାର୍ଟନର ଛୁରି ଭୁଶି ହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ହେଉଛନ୍ତି ୪୧ ବର୍ଷୀୟ ଶ୍ୟାମସୁନ୍ଦର। ଅଭିଯୁକ୍ତ ହେଉଛନ୍ତି ତାଙ୍କ ଘର ପାଖରେ ରହୁଥିବା ୩୭ ବର୍ଷୀୟ ଧନେଶ। ଗତ ୪ ବର୍ଷ ହେବ ଶ୍ୟାମସୁନ୍ଦରଙ୍କୁ ଛାଡି ତାଙ୍କ ପତ୍ନୀ ଓ ପିଲା ଧନେଶଙ୍କ ପାଖରେ ରହୁଥିଲେ। ତେଣୁ ଦୁହିଁଙ୍କ ମଧ୍ୟରେ ବହୁ ସମୟରେ ଝଗଡ଼ା ହେଉଥିଲା। କିନ୍ତୁ ଶୁକ୍ରବାର ରାତି ୧୦ଟାରେ ପତ୍ନୀ ଓ ପିଲାଙ୍କ ମାଧ୍ୟମରେ ଧନେଶ ମୋ ଧନସମ୍ପତ୍ତି ହଡପ୍ କରିବାକୁ ପ୍ରୟାସ କରୁଛନ୍ତି ବୋଲି ଶ୍ୟାମସୁନ୍ଦର ଅଭିଯୋଗ କରିଥିଲେ ଓ ଏ ନେଇ ଦୁହିଁଙ୍କ ମଧ୍ୟ ପ୍ରବଳ ଝଗଡ଼ା ହୋଇଥିଲା। କିନ୍ତୁ ଲୋକେ ଦୁହିଁଙ୍କୁ ବୁଝାଶୁଝା କରି ଅଲଗା କରିଥିଲେ। କିନ୍ତୁ ରାତି ୧୧.୫୦ରେ ଧନେଶ ପ୍ରତ୍ୟାବର୍ତ୍ତନ କରି ଶ୍ୟାମସୁନ୍ଦରଙ୍କୁ ଛୁରି ଭୁସି ଥିଲା। ଆହତ ଶ୍ୟାମସୁନ୍ଦରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେ ମୃତ୍ୟୁବରଣ କରିଥିଲେ।

## ରୋପୱେ ଛିଡ଼ିପଡ଼ି; ୬ ମୃତ

ଅହମଦାବାଦ, ୬।୯(ଏଜେନ୍ସି): ଗୁଜରାଟର ପଞ୍ଚମହଲ ଜିଲ୍ଲାର ପାଭାଗଡ଼ ହିଲ୍ ଟେମ୍ପଲ ତଥା ମହାକାଳୀ ମନ୍ଦିରର ଶକ୍ତିପୀଠରେ ଶନିବାର ଗୁଡ୍ସ ରୋପୱେ ଛିଡିବା ଫଳରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଶନିବାର ଅପରାହ୍ଣରେ ହୋଇଥିବା ଦୁର୍ଘଟଣାରେ ୬ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ଏହି ଗୁଡ୍ସ ରୋପୱେରେ ଜିନଷ ପତ୍ର ନବା ଆଣିବା ହୋଇଥାଏ। ସୂଚନା ମିଳିବା ମାତ୍ରେ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରୋପୱେର ତାର ଛିଡିବା ଫଳରେ ଟ୍ରଲି ଉପରୁ ସିଧା ତଳକୁ ଖସିପଡ଼ିଥିଲା। ମୃତକଙ୍କ ମଧ୍ୟରେ ୨ ଜଣ ଲିଫ୍ଟ ଅପରେଟର, ୨ ଜଣ ଶ୍ରମିକ ଓ ଅନ୍ୟ ୨ ଜଣ ଅଛନ୍ତି।

# ଲାଲ୍‌କିଲ୍ଲାରୁ ଏକ କୋଟିର ସୁନା କଳସ ଚୋରି




ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଦିଲ୍ଲୀର ଲାଲ୍ କିଲ୍ଲା ପରିସରରେ ଆୟୋଜିତ ହୋଇଥିବା ଏକ ଜୈନ ଧାର୍ମିକ ଶିବିରରୁ ଦୁଇଟି ସୁନା କଳସ ସମେତ ଦେଢ଼ କୋଟି ଟଙ୍କାର ଜିନିଷ ଚୋରି ହୋଇଛି। ସେପ୍ଟେମ୍ବର ୨ରେ ଏହି ଧାର୍ମିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏବେ ଏହାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଏଥିରେ ଜଣେ ଚୋର ଜୈନ ପୂଜାରୀ ବେଶ ଧାରଣ କରି ଏହି ବହୁମୂଲ୍ୟ ଜିନିଷରେ ଭରିଥିବା ବ୍ୟାଗକୁ ନେଇଯାଇଥିବାର ଦେଖାଯାଉଛି। ଏହି ସଂଦିଗ୍ଧ ଚୋରକୁ ଚିହ୍ନଟ କରାଯାଇଛି ଓ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି ପୁଲିସ କହିଛି।

ହୀରାରେ ଖଚିତ ଏହି ସୁନା କଳସର ଓଜନ ହେଉଛି ୭୬୦ ଗ୍ରାମ୍। ଏଥିରେ ଏକ ନଡ଼ିଆ ଲଗା ହୋଇଥିଲା। ସେହିପରି ୧୧୫ ଗ୍ରାମ୍‌ର ଦ୍ୱିତୀୟ କଳସରେ ହୀରା, ରୁବି ଓ ମାଣିକ ରହିଥିଲା। ଏହି କଳସକୁ ଜୈନ ଧର୍ମରେ ସବୁଠାରୁ ପବିତ୍ର ବୋଲି ବିବେଚନା କରାଯାଏ ଓ ଏହାକୁ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ସ୍ଥାନ ଦିଆଯାଇଥାଏ।

ଉଲ୍ଲେଖଥାଉ କି, ଗତ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲା ପରିସରରେ ଥିବା ପାର୍କରେ ୧୦ ଦିନ ପାଇଁ ଧାର୍ମିକ ଆୟୋଜନ 'ଦଶଲକ୍ଷଣ ମହାପର୍ବ' ଆୟୋଜିତ ହୋଇଥିଲା। ଏହି ସୁନା କଳସ ଓ ବହୁମୂଲ୍ୟ ଜିନିଷ ବ୍ୟବସାୟୀ ସୁଧୀର ଜୈନଙ୍କର ଥିଲା। ସୁଧୀର ଅନୁଷ୍ଠାନ ପାଇଁ ସବୁଦିନ ମୂଲ୍ୟବାନ ଜିନିଷ ଆଣିଥାନ୍ତି। ଗତ ବୁଧବାର ସେ ଅନୁଷ୍ଠାନ ପାଇଁ କଳସ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ସାମିଲ ଥିଲେ। ଓମ ବିର୍ଲାଙ୍କ ସ୍ୱାଗତ ଅବସରରେ ସୃଷ୍ଟି ହୋଇଥିବା ଭିଡ଼ ଓ ଦୌଡ଼ାଦୌଡ଼ରେ ଏହି କଳସ ଓ ଅନ୍ୟ ଜିନିଷ ଚୋରି ହୋଇଥିଲା ବୋଲି ପୁଲିସ କହିଛି।

### ଅନୀଲ ଅମ୍ବାନୀଙ୍କ ଉପରେ ପୁଣି ବଡ଼ କାର୍ଯ୍ୟାନୁଷ୍ଠାନ

## ଠକ ଘୋଷଣା କଲା ବ୍ୟାଙ୍କ ଅଫ ବରୋଦା



ମୁମ୍ବାଇ, ୬।୯ (ଏଜେନ୍ସି): ଶିଳ୍ପପତି ତଥା ରିଲାଏନ୍ସ କମ୍ୟୁନିକେସନ୍ସର ଅଧ୍ୟକ୍ଷ ଅନୀଲ ଅମ୍ବାନୀଙ୍କ ସମସ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏବେ ଆଉ ଏକ ବ୍ୟାଙ୍କ ତାଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଲଗା ଅଲଗା ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଥିବା ଅନୀଲଙ୍କୁ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଠକ ଘୋଷଣା କରିଛି। ଏହା ପୂର୍ବରୁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ତାଙ୍କୁ ଠକ ଘୋଷଣା କରିଥିଲା।

ରିଲାଏନ୍ସ କମ୍ୟୁନିକେସନ୍ସ (ଆରକମ୍) ପକ୍ଷରୁ କୁହାଯାଇଛି ଯେ ଗତ ୨ ତାରିଖରେ ଏନେଇ କମ୍ପାନୀକୁ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। କମ୍ପାନୀକୁ ବିଓବି ୧୬୦୦ କୋଟି ଟଙ୍କାର ଋଣ ଏବଂ ୮୬୨. ୫୦ କୋଟି ଟଙ୍କାର 'ଲାଇନ ଅଫ୍ କ୍ରେଡିଟ୍' (ଏଲଓସି) ଦେଇଥିଲା। ସେହିପରି ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଆରକମ୍ ୨, ୪୬୨.୫୦ କୋଟି ଟଙ୍କାର ଋଣ ନେଇଥିଲା। ଗତ ୨୮ ତାରିଖ ସୁଦ୍ଧା ଏଥିରୁ ୧୬୫୬.୦୭ କୋଟି ଟଙ୍କା ବାକି ରହିଥିଲା। ୨୦୧୭ ଜୁନ୍ ୫ ପରଠାରୁ ଋଣ ପରିଶୋଧ କରାଯାଇ ନାହିଁ। ଋଣ ନେଇଥିବା ବ୍ୟାଙ୍କ ଆକାଉଣ୍ଟ ଟି ସେହି ଦିନଠାରୁ ନନ୍ ପରଫର୍ମିଂ ଆସେଟ (ଏନ୍‌ପିଏ) ହୋଇଯାଇଛି। ଯଦି କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଋଣର କିସ୍ତି କିମ୍ବା ସୁଧ ୯୦ ଦିନ କିମ୍ବା ତାଠାରୁ ଅଧିକ ଦିନ ପର୍ଯ୍ୟନ୍ତ ଦିଏ ନାହିଁ ତେବେ ତାହା ଏନ୍‌ପିଏ ହୋଇଯାଏ। ସେହିପରି ଏଲ୍‌ଓସି ହେଉଛି ରିଭଲଭିଂ କ୍ରେଡିଟ। ଏହା ମାଧ୍ୟମରେ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନଠାରୁ ନିର୍ଦ୍ଧାରିତ ସୀମା ପର୍ଯ୍ୟନ୍ତ ଆବଶ୍ୟକତା ହିସାବରେ ଋଣ ନେଇ ପରିଶୋଧ କରିହେବ। ଏହା ସାଧାରଣ ଋଣଠାରୁ ଭିନ୍ନ। ଆରକମ୍‌ର ପ୍ରବକ୍ତା କହିଛନ୍ତି ଯେ ଏହି ମାମଲା ୧୨ ବର୍ଷର ତଳର। ଅନୀଲ ୨୦୦୬ରୁ ୨୦୧୯ ପର୍ଯ୍ୟନ୍ତ ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିଲେ। କମ୍ପାନୀର ଦୈନିକ ପରିଚାଳନା କିମ୍ବା ନିଷ୍ପତ୍ତିରେ ତାଙ୍କର କୌଣସି ହସ୍ତକ୍ଷେପ ନ ଥିଲା। ସମସ୍ତ ଅଭିଯୋଗ ଭିତ୍ତିହୀନ। ଏ ନେଇ ଆଇନଗତ ପଦକ୍ଷେପ ନିଆଯିବ।

# ହନିମୁନ୍ ହତ୍ୟା ମାମଲା: ପତ୍ନୀ ସୋନମ୍, ପ୍ରେମିକ ରାଜ ମୁଖ୍ୟ ଅଭିଯୁକ୍ତ

ଇନ୍ଦୋର, ୬।୯ (ଏଜେନ୍ସି): ଇନ୍ଦୋର ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ମୃତଦେହ ମିଳିବାର ୯୭ ଦିନପରେ ଶନିବାର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଚାର୍ଜସିଟ୍ ଦାଖଲ କରିଛି। ମେଘାଳୟ ପୁଲିସର ଏସ୍‌ଆଇଟି ଶିଲଂ କୋର୍ଟରେ ୭୯୦ ପୃଷ୍ଠାର ଅଭିଯୋଗ ପତ୍ର ବା ଚାର୍ଜସିଟ୍ ଦାଖଲ କରିଛି। ଏ ନେଇ ରାଜା ରଘୁବଂଶୀ ପରିବାରକୁ ମଧ୍ୟ ଅବଗତ କରାଯାଇଛି। ରାଜାଙ୍କ ଭାଇ ବିପିନ ରଘୁବଂଶୀ ଏ ନେଇ ସୂଚନା ଦେଇଛନ୍ତି। ଏହି ଚାର୍ଜସିଟ୍‌ରେ ରାଜାଙ୍କ ପତ୍ନୀ ସୋନମ ଓ ତାଙ୍କ ପ୍ରେମିକ ରାଜ କୁଶୱାହଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ସୋନମ ଓ ରାଜଙ୍କ ସମେତ ମୋଟ୍ ୩ ଜଣ ବିରୋଧରେ ହତ୍ୟା ନେଇ ଅଭିଯୋଗ କରାଯାଇଛି। ଏହି ମାମଲାରେ ୫ଜଣ ଅଭିଯୁକ୍ତ ଏବେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ସୋନମ ଓ ରାଜଙ୍କ ସମେତ ହତ୍ୟାରେ ସହଯୋଗ କରିଥିବା ଆକାଶ ରାଜପୁତ, ଆନନ୍ଦ କୁର୍ମି ଓ ବିଶାଳ ସିଂ ଚୌହାନଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି।

**୭୯୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ**

ରାଜା ରଘୁବଂଶୀ ଓ ସୋନମ ବିବାହ ପରେ ହନିମୁନ ପାଇଁ ମେଘାଳୟ ଯାଇଥିଲେ। ତେବେ ମେ ୨୩ରେ ରାଜାଙ୍କୁ ଷଡ଼ଯନ୍ତ୍ରପୂର୍ବକ ହତ୍ୟା କରାଯାଇଥିଲା। ପୂର୍ବ ଖାସୀ ହିଲ୍ସ ଏସ୍‌ପି ବିବେକ ସିମ୍ କହିଛନ୍ତି ଯେ, ଅତିରିକ୍ତ ଫରେନସିକ୍ ରିପୋର୍ଟ ଆସିବା ପରେ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରାଯିବ। ପ୍ରମାଣ ନଷ୍ଟ କରିବା ଓ ଲୁଚାଇବା ଅଭିଯୋଗରେ ଏହି ୩ ଜଣଙ୍କୁ ଗିରଫ କରାଯାଇଥିଲା। ଅବଶ୍ୟ ଏହି ୩ ଜଣ ଏବେ ଜାମିନ ପାଇ ବାହାରେ ଅଛନ୍ତି। ଗତ ମେ ୧୧ରେ ରାଜା ଓ ସୋନମଙ୍କ ବିବାହ ହୋଇଥିଲା। ମେ ୨୦ରେ ଦୁହେଁ ହନିମୁନ ପାଇଁ ମେଘାଳୟ ଯାଇଥିଲେ। କିନ୍ତୁ ବହୁ ଖୋଜାଖୋଜି କରିବା ପରେ ଶିଲଂର ଏକ ଖାଇରେ ରାଜାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଗଛ କାଟିବା ଅସ୍ତ୍ରରେ ରାଜାଙ୍କୁ ହତ୍ୟା କାରଯାଇଥିଲା। ଜୁନ୍ ୯ରେ ପୁଲିସ ସୋନମଙ୍କୁ ଉତ୍ତରପ୍ରଦେଶ ଗାଜିପୁରରେ ଏକ ଢ଼ାବାରୁ ଗିରଫ କରିଥିଲା। ସେତେବେଳେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଥିଲା।



ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ଚିଠି

# ପଞ୍ଚାୟତରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଯାଏଁ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟ

ଭୁବନେଶ୍ୱର,୬।୯ (ସମିସ): ସମୟାନୁବର୍ତ୍ତିତା ଓ କାମରେ ସ୍ୱଚ୍ଛତା ଆଣିବାକୁ ଲକ୍ଷ୍ୟ ରଖି ସରକାର ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି। ଏସବୁ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ଯେପରି ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସି ଜନସାଧାରଣଙ୍କୁ ସେବା ଯୋଗାଇବେ, ତାହା ନିଶ୍ଚିତ କରିବା ପାଇଁ ତୁରନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ କରି ତୁରନ୍ତ ଅଗ୍ରଗତିର ରିପୋର୍ଟ ଦେବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ବିଭାଗ ନିର୍ଦ୍ଦେଶ ଦେଇଛି।

# ନବମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

କଣ୍ଟାବାଞ୍ଜି, ୬।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ହିଆଁଲସ୍ଥିତ ଅନ୍ୱେଷା ଛାତ୍ରନିବାସରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ,



ପାଟଣାଗଡ଼ ଉପଖଣ୍ଡ ବେଲପଡ଼ାର ଆଦର୍ଶ ସେଠ। କଣ୍ଟାବାଞ୍ଜି ପୁଲିସ୍ ଫ୍ୟାନ୍‌ରୁ ତାଙ୍କ ଝୁଲନ୍ତା ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କଣ୍ଟାବାଞ୍ଜି ଡାକ୍ତରଖାନାରେ ଶବ ରଖାଯାଇଛି। ରବିବାର ବ୍ୟବଚ୍ଛେଦ ହେବ ବୋଲି ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି। ଅପରପକ୍ଷେ, ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

ସୂଚନାନୁଯାୟୀ, ଆଦର୍ଶ ଅନ୍ୱେଷା ହଷ୍ଟେଲରେ ରହି କଣ୍ଟାବାଞ୍ଜିସ୍ଥିତ ଲାୟନ୍ସ ପବ୍ଲିକ ସ୍କୁଲରେ ପଢୁଥିଲେ। ନୂଆଁଖାଇ ଛୁଟିରେ ସେ ଗାଁକୁ ଯାଇଥିବା ବେଳେ ୩ତାରିଖରେ ହଷ୍ଟେଲକୁ ଫେରିଥିଲେ। ତେବେ ଆଜି ଛାତ୍ରାବାସରେ ତାଙ୍କ ଶବ ଫ୍ୟାନ୍‌ରେ ଝୁଲୁଥିବା ଦେଖି ହଷ୍ଟେଲ କର୍ତ୍ତୃପକ୍ଷ କଣ୍ଟାବାଞ୍ଜି ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ଆଦର୍ଶଙ୍କ ମା' ହଷ୍ଟେଲରେ ପହଞ୍ଚିଥିଲେ। ତେବେ ଆଦର୍ଶ ଆତ୍ମହତ୍ୟା କରିଛନ୍ତି ନା ତାଙ୍କ ମୃତ୍ୟୁ ପଛରେ ଅନ୍ୟ କିଛି ରହସ୍ୟ ଅଛି, ସେନେଇ ପୁଲିସ ତଦନ୍ତ ଚଳାଇଛି।

■ ଦଳ ବିରୋଧୀ କାର୍ଯ୍ୟ

# ଉମରକୋଟ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୬।୯ (ସମିସ): ଦଳ ବିରୋଧୀ ଗତିବିଧିରେ ସମ୍ପୃକ୍ତି ଥିବା କାରଣରୁ ନବରଙ୍ଗପୁର ଜିଲ୍ଲା ଉମରକୋଟ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ସୁଧାଂଶୁ ଦାସ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପ ସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ଦଳୀୟ କାର୍ଯ୍ୟାଳୟରୁ ଶନିବାର ଏନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

ନବୀନ ନିବାସରେ ବିଜେଡିର ପିଏସି ବୈଠକ

# ତୃଣମୂଳରୁ ସୁଦୃଢ଼ ହେବ ସଙ୍ଗଠନ

ଭୁବନେଶ୍ୱର,୬।୯ (ସମିସ): ଶନିବାର ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ଦଳର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ। ତୃଣମୂଳସ୍ତରରୁ ଦଳକୁ ଅଧିକ ସୁଦୃଢ଼ କରାଯିବା ସହ ଯୁବ-ଛାତ୍ର-ମହିଳା ଟିମ୍ ମିଳିତ ଭାବରେ ନିଜନିଜ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଏହ ଅବସରରେ ଦଳୀୟ ନେତାଙ୍କୁ ନବୀନ ପରାମର୍ଶ ଦେଇଥିବା ସୂଚନା ଦେଇଛନ୍ତି କମିଟିର ସଦସ୍ୟ ପ୍ରମିଳା ମଲ୍ଲିକ।



ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ନିକଟରେ ସଭାପତି ଦଳର ଛାତ୍ର, ଯୁବ ଓ ମହିଳା ଟିମ୍ ଗଠନ କରିଛନ୍ତି। ବୈଠକରେ ଏହି ତିନି ଛାମୁଆ ସଙ୍ଗଠନ କିପରି ସକ୍ରିୟ ଭାବରେ ତୃଣମୂଳସ୍ତରରୁ କାମ କରିବେ, ସେ ସମ୍ପର୍କରେ ଦଳର ସଭାପତି ପରାମର୍ଶ ଦେଇଛନ୍ତି। ସେହିପରି ଆସନ୍ତା ବିଧାନସଭାରେ ସରକାରଙ୍କ ବିଫଳତା ଓ ଅପାରଗତାକୁ କିପରି ଶାଣିତ ଭାବରେ ଉପସ୍ଥାପନ କରାଯିବ ସେ ସଂକ୍ରାନ୍ତରେ ମଧ୍ୟ ସଭାପତି ଆମମାନଙ୍କୁ ପରାମର୍ଶ ଦେଇଛନ୍ତି ବୋଲି ପ୍ରମିଳା କହିଛନ୍ତି। ଏହା ସହ ରାଜ୍ୟର ରାଜନୈତିକ ସ୍ଥିତି ଓ ଦଳର ଆଗାମୀ ପଦକ୍ଷେପ ସହ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିବା ମଧ୍ୟ ସୂଚନା ମିଳିଛି। ଏହି ବୈଠକରେ ପିଏସି ସଦସ୍ୟ ତଥା ଦଳର ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର, ନବୀନଙ୍କ ରାଜନୈତିକ ସଚିବ ସଂନ୍ତୃପ୍ତ ମିଶ୍ର, ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ଗଣେଶ ଭସାଣି ବେଳେ ଅଘଟଣ

# ହୃଦ୍‌ଘାତରେ ଚାଲିଗଲା ୨ ଜୀବନ

ରାୟଗଡ଼ା/ କଲ୍ୟାଣସିଂହପୁର, ୬।୯ (ସମିସ): ଗଣେଶ ବିସର୍ଜନ ବେଳେ ହୃଦ୍‌ଘାତରେ ଚାଲିଗଲା ୨ ଜୀବନ। ଗତ ୨୪ ଘଣ୍ଟାରେ ରାୟଗଡ଼ା ଜିଲ୍ଲାରେ ପୃଥକ୍ ପୃଥକ୍ ସ୍ଥାନରେ ଏପରି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ରାୟଗଡ଼ା ସହର ରାମକୃଷ୍ଣ ନଗର ପୋଷ୍ଟ ଅଫିସ୍ ଲାଇନର ବାସିନ୍ଦା ଚନ୍ଦ୍ର ଖରାଙ୍କ ପୁଅ ସୂରଜ ଖରା (୨୮) ଏବଂ କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡା ଗ୍ରାମର ଜାଡି ବେଣୁଗୋପାଳ। ବିସର୍ଜନ ଶୋଭାଯାତ୍ରାରେ ସୂରଜ ନାଚୁନାଚୁ ଗଳି ପଡ଼ିଥିବା ବେଳେ ଡିଜେର ଅତ୍ୟଧିକ ଶବ୍ଦ ବେଣୁଗୋପାଳଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି।





ସୂଚନାନୁଯାୟୀ, ଗତକାଲି ରାୟଗଡ଼ା ସହରସ୍ଥିତ ରାମକୃଷ୍ଣନଗର ନବମ ଲାଇନରେ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଥିଲା। ଶୋଭାଯାତ୍ରାରେ ସୂରଜ ନାଚିନାଚି ଯାଉଥିବା ବେଳେ ହଠାତ୍ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାୟଗଡ଼ା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରସନ୍ନ ବେହେରା ସୂଚନା ଦେଇଛନ୍ତି।

ସେହିପରି ଆଜି ସଂଧ୍ୟା ପ୍ରାୟ ୬ଟାରେ କଲ୍ୟାଣସିଂହପୁର ବ୍ଲକ୍ ମାଝୀଗୁଡ଼ା ଗ୍ରାମରେ ଗଣେଶ ଭସାଣି ଚାଲିଥିଲା। ଶୋଭଯାତ୍ରାରେ ଜାଡି ବେଣୁଗୋପାଳ ସାମିଲ ଥିଲେ। ତେବେ ଅତ୍ୟଧିକ ଡିଜେ ସାଉଣ୍ଡ ଯୋଗୁଁ ବେଣୁଗୋପାଳଙ୍କ ହୃଦ୍‌ଘାତ ହୋଇଥିଲା ଏବଂ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ।

# ଏନ୍‌କାଉଣ୍ଟର୍‌ରେ ମହିଳା ମାଓବାଦୀ ନିହତ

ମୁଣ୍ଡ ଉପରେ ଥିଲା ୮ ଲକ୍ଷର ପୁରସ୍କାର ରାଶି | ବିପୁଳ ଅସ୍ତ୍ରଶସ୍ତ୍ର ଓ ସାମଗ୍ରୀ ଜବତ

ମାଲକାନଗିରି, ୬।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡ଼ା ଓ ନାରାୟଣପୁର ଜିଲ୍ଲା ମଧ୍ୟରେ ଥିବା ଆବୁଝମାଡ଼ ଅଞ୍ଚଳରେ ସୁରକ୍ଷାବାହିନୀକୁ ପୁଣି ଏକ ସଫଳତା ମିଳିଛି। ଯବାନଙ୍କ ଗୁଳିରେ ଜଣେ ୮ ଲକ୍ଷ ଇନାମୀ ମହିଳା ମାଓବାଦୀ ନିହତ ହୋଇଛି। ସେ ହେଲା, ସୋଡି ବିମଳା। ସେ ମାଓ ସଙ୍ଗଠନର ପ୍ଲାଟୁନ ନଂ ୧୬ର କମାଣ୍ଡର୍ ଥିଲା। ଏହାସହ ଘଟଣାସ୍ଥଳରୁ ଯବାନମାନେ ବିପୁଳ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୩୦୩ ରାଇଫଲ୍, ୩୧୫ ବୋର୍ ରାଇଫଲ୍, ବିଜିଏଲ ଲଞ୍ଚର୍, ୧୯ କେଜି ତରଳ ବିସ୍ଫୋରକ, ଜିଲାଟିନ୍ ଷ୍ଟିକ୍ ସହ ଅନ୍ୟାନ୍ୟ ମାଓ ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉଦ୍ଧାର ହୋଇଛି। ନାରାୟଣପୁର ଏସ୍‌ପି ରବିନସନ ଗୁଡ଼ିଆ ଏହି ସୂଚନା ଦେଇଛନ୍ତି।





ସୂଚନାନୁଯାୟୀ, ମାଓ ଦମନ ନିମନ୍ତେ ଛତିଶଗଡ଼ରେ ଅପରେସନ 'ମନସୁନ' ଜାରି ରହିଛି। ଏହି ଅଭିଯାନରେ ଜିଲ୍ଲାର ଡିଆରଜି ଏବଂ ଏସଟିଏଫ ଯବାନଙ୍କ ମିଳିତ ଦଳ ଅବୁଝମାଡ଼ ଅଞ୍ଚଳର ବୋଣ୍ଡୋସ, ନେନ୍ଦୁର, ଗାୱାଡି ଏବଂ ଆଖପାଖ ଜଙ୍ଗଲରେ ତଲାସି ଅଭିଯାନ ଚଳାଇଥିଲେ। ଏହି ସମୟରେ ନେନ୍ଦୁର ଓ ଗାୱାଡ଼ିର ଜଙ୍ଗଲରେ ମାଓବାଦୀ ଓ ଯବାନ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ତେବେ ଯବାନଙ୍କ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଖାନତଲାସି ବେଳେ ସେଠାରୁ ମହିଳା ନକ୍ସଲ ସୋଡ଼ି ବିମଳାଙ୍କ ମୃତଦେହ ମିଳିଥିଲା।

# ଶୋଇଥିବା ବେଳେ ଧସିଲା କାନ୍ଥ; ନାବାଳକ ମୃତ

ଆନନ୍ଦପୁର, ୬।୯ (ସମିସ): ଘସିପୁରା ଥାନା ଖଇଳ ଗ୍ରାମରେ କାନ୍ଥ ଭୁଶୁଡ଼ି ଜଣେ ନାବାଳକର ମୃତ୍ୟୁ ହୋଇଛି। ମୃତ ନାବାଳକ ହେଲା, କୋଲହବେଡ଼ା ସାହିର ଚନ୍ଦନ ଜେନାଙ୍କ ପୁଅ ରାଜା(୧୨)। ଏହି ଅଘଟଣରେ ଚନ୍ଦନଙ୍କ ସ୍ତ୍ରୀ ମଞ୍ଜୁ ଓ ୫ ବର୍ଷର ପୁଅ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

ଡାକ୍ତରଖାନାରେ ଗୁରୁତର ମା'-ପୁଅ



ସୂଚନାନୁଯାୟୀ, ଗତ ରାତିରେ ଖାଇପିଇ ସାରିବା ପରେ ଚନ୍ଦନ, ତାଙ୍କ ସ୍ତ୍ରୀ ମଞ୍ଜୁ ଓ ଦୁଇ ପୁଅ ଗୋଟିଏ ଘରେ ଶୋଇଥିଲେ। କିଛି ଦିନ ହେଲା ଜିଲ୍ଲାରେ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ସେମାନେ ଶୋଇଥିବା ମାଟି ଘରର କାନ୍ଥ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଗ୍ରାମବାସୀ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ରାଜାକୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଗତ ରାତିରେ ଏହି ଅଘଟଣ ପରେ ପରିବାରଲୋକ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିନ୍ତୁ ଆମ୍ବୁଲାନ୍ସଟି ବିଳମ୍ବରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଅବସ୍ଥା ଅନୁଧ୍ୟାନ କରିବା ସହ ଆମ୍ବୁଲାନ୍ସର ବିଳମ୍ବ ନେଇ ତଦନ୍ତ କରିଥିଲେ। ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ଓ ସହାୟତା ପାଇଁ ସଂଜୀବନୀ ସଂସ୍ଥାରେ କର୍ମଚାରୀଙ୍କୁ ଆନନ୍ଦପୁର ଡାକ୍ତଖାନାରେ ନିୟୋଜିତ କରାଯାଇଛି। କିନ୍ତୁ ଅନେକ ସମୟରେ ରୋଗୀ ସେବା ପାଉନଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ତେବେ ସଂଜୀବନୀ ସଂସ୍ଥାର ଦାୟିତ୍ୱରେ ଥିବା କର୍ମଚାରୀ ଡିଏମ୍‌ଏଫ୍ ଆମ୍ବୁଲାନ୍ସ ସହ ଆମର ସମ୍ପର୍କ ନାହିଁ ବୋଲି ଯୁକ୍ତି ବାଢ଼ିବାରୁ ଉପଜିଲ୍ଲାପାଳ ବିରକ୍ତି ଭାବ ପ୍ରକାଶ କରିଥିଲେ।

# ୫ବର୍ଷର ଛାତ୍ରକୁ ମାଡ଼ ମାରି ଶିକ୍ଷୟିତ୍ରୀ ନିଲମ୍ବିତ

ବ୍ରହ୍ମପୁର,୬।୯ (ସମିସ): ବ୍ରହ୍ମପୁର ସହରର ଏକ ଘରୋଇ ସ୍କୁଲ ସେଣ୍ଟ ଭିନ୍‌ସେଣ୍ଟ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଜଣେ ୫ବର୍ଷର ଶିଶୁକୁ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଛନ୍ତି।

ସୂଚନାନୁସାରେ, ବ୍ରହ୍ମପୁର ଧର୍ମନଗର ଅଞ୍ଚଳର ଜଣେ ମହିଳାଙ୍କ ୫ବର୍ଷର ପୁଅ ସେଣ୍ଟ ଭିନ୍‌ସେଣ୍ଟ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଶିଶୁ କ୍ଲାସରେ ପଢୁଛନ୍ତି। ୩ ଦିନ ତଳେ ଏହି ଛାତ୍ର ଜଣଙ୍କ ସକାଳୁ ବିଦ୍ୟାଳୟକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରିବା ବେଳେ ଜଣେ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଜଣାଇଥିଲେ। ଏପରିକି, ଶିକ୍ଷୟିତ୍ରୀଙ୍କ ମାଡ଼ରେ ତାଙ୍କ ନାକରୁ ରକ୍ତ ବାହାରିଥିବା ଛାତ୍ରଜଣଙ୍କ କହିଥିଲେ। ଏହା ଶୁଣିବା ପରେ ଛାତ୍ରଙ୍କ ବାପା ସ୍କୁଲକୁ ଯାଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ। ହେଲେ ଶିକ୍ଷୟିତ୍ରୀ ଜଣଙ୍କ ପ୍ରଥମେ ଏହାକୁ ଅସ୍ୱୀକାର କରିଥିଲେ। ହେଲେ ଛାତ୍ରଙ୍କ ଶ୍ରେଣୀର ଅନ୍ୟ ଛାତ୍ରମାନେ ଶିକ୍ଷୟିତ୍ରୀ ମାଡ଼ ମରିଥିବା କହିଥିଲେ। ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ନିଜ ଦୋଷ ସ୍ୱୀକାର କରିଥିଲେ। ଘଟଣାକୁ ନେଇ ଛାତ୍ରଙ୍କ ପରିବାର ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଓ ପରେ ଛାତ୍ରଙ୍କ ମା' ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଭାବକଙ୍କ ଅଭିଯୋଗ ପରେ ସ୍କୁଲ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରିବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ପରେ ଚାକିରିରୁ ନିଲମ୍ବନ କରିଛନ୍ତି। ସେହିପରି, ଟାଉନ୍ ଥାନା ପୁଲିସ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଥାନାରୁ ନୋଟିସ୍ ଦେଇ ଛାଡ଼ିଥିବା ଜଣାପଡ଼ିଛି।

# ହୀରାକୁଦ ବନ୍ଦକଲା ୮ ଗେଟ୍

ସମ୍ବଲପୁର, ୬।୯ (ସମିସ): ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ବର୍ଷା କମିବା ପରେ ଆଜି ସକାଳୁ ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ବନ୍ଦ କରାଯାଇଛି। ବର୍ତ୍ତମାନ ୧୬ଟି ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ପ୍ରବେଶ ଜଳର ପରିମାଣ ଅନୁଯାୟୀ ପର୍ଯ୍ୟାୟକ୍ରମେ ଅଧିକ ଗେଟ୍ ବନ୍ଦ ହେବ ବୋଲି ଜଣାପଡ଼ିଛି।

୧୬ ଗେଟ୍ ଦେଇ ଜଳ ନିଷ୍କାସନ ଜାରି

ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୬.୩୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଓ ଡାହାଣ ପାର୍ଶ୍ୱର ୫ଟି; ଏହିଭଳି ମୋଟ୍ ୧୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୩୮,୯୮୭ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୯୪,୯୩୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୫୮,୬୫୬ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚେନାଲ ଦେଇ ୩୨,୦୦୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୨,୪୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପର୍ଥଲାଠାରେ ୩୩,୧୩୪ ଘନଫୁଟ, ଖଇରମାଲଠାରେ ୫,୩୪,୦୦୦ ଘନଫୁଟ, ବାରମୁଲଠାରେ ୪,୮୪,୫୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୪,୩୬,୮୦୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୧.୨୦ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୮.୭୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୨୭ ଫୁଟ୍ ରହିଥିଲା।

# ଦୁର୍ଗାପୂଜା ଭସାଣି ପାଇଁ ପୁଲିସ ଏସ୍‌ଆଇ ତୃତୀୟ ପତ୍ର ପରୀକ୍ଷା ଘୁଞ୍ଚିଲା

କଟକ, ୬।୯ (ସମିସ): ଆସନ୍ତା ଶାରଦୀୟ ଦୁର୍ଗାପୂଜା ଭସାଣ ଉତ୍ସବକୁ ଦୃଷ୍ଟିରେ ରଖି ଓଡ଼ିଶା ପୁଲିସ ଏସ୍‌ଆଇ ତୃତୀୟ ପତ୍ର ପରୀକ୍ଷାକୁ ପୁନଃନିର୍ଦ୍ଧାରିତ କରାଯାଇଛି। ଓଡ଼ିଶା ପୁଲିସ ନିଯୁକ୍ତିବୋର୍ଡ (ଓପିଆରବି) ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଦୁର୍ଗାପୂଜା ଭସାଣି ଯୋଗୁଁ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ହେଲେ ଅକ୍ଟୋବର ୫ରେ ହେବାକୁ ଥିବା ଦୁଇଟି ପତ୍ରର ପରୀକ୍ଷା ପୂର୍ବ ସୂଚୀ ଅନୁସାରେ ଅନୁଷ୍ଠିତ ହେବ। ପୁଲିସ୍ ଏସ୍‌ଆଇ ନିଯୁକ୍ତି ପାଇଁ କମ୍ବାଇନ ପୁଲିସ ସେବା ପରୀକ୍ଷା (ସିପିଏସଇ-୨୦୨୪)ର ତୃତୀୟପତ୍ର ୨୦୨୫ ଅକ୍ଟୋବର ୪ରେ ହେବାର ଥିଲା। ହେଲେ ଏହି ପରୀକ୍ଷାକୁ ଅକ୍ଟୋବର ୬କୁ ଘୁଞ୍ଚାଯାଇଛି। ତୃତୀୟ ପତ୍ର, ଯେଉଁଥିରେ ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ବିଷୟ ଅନ୍ତର୍ଭୁକ୍ତ, ତାହା ୬ତାରିଖ ସକାଳ ୧୦ଟା ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କିଛି ପ୍ରମୁଖ ସହରରେ ଆସନ୍ତା ଅକ୍ଟୋବର ୩ ଓ ୪ ତାରିଖରେ ହେବାକୁ ଥିବା 'ଦୁର୍ଗାପୂଜା ଭସାଣି' ମହୋତ୍ସବକୁ ଦୃଷ୍ଟିରେ ରଖି କିଛି ପ୍ରାର୍ଥୀ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ନେଇ ଆଶଙ୍କା ଦେଖାଦେଇଥିଲା। ଉପରୋକ୍ତ ଦିଗକୁ ଧ୍ୟାନ ଦେଇ କେବଳ ଏହି ବିଷୟ ପରୀକ୍ଷା ୬ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ପୁଲିସ ନିଯୁକ୍ତି ବୋର୍ଡ ବିଜ୍ଞପ୍ତି ଜାରି କରିଛି।

# ଗୋଟିଏ ପରେ ଗୋଟିଏ ଶିଳ୍ପାନୁଷ୍ଠାନ ଓଡ଼ିଶା ଛାଡୁଛନ୍ତି: ବିଜେଡି

ଭୁବନେଶ୍ୱର,୬।୯ (ସମିସ): ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନମାନେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ରାଜ୍ୟ ସରକାର ଏବେ ଡିଣ୍ଡିମ ପିଟୁଛନ୍ତି। ମାତ୍ର ପୂର୍ବ ସରକାରଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିବା ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡ଼ିଶା ଛାଡୁଛନ୍ତି ବୋଲି ଉଲ୍ଲେଖ କରି କ୍ଷୋଭ ପ୍ରକାଶ କରିଛି ବିଜେଡି। ୨୦୨୩ ମସିହାରେ ରାଜ୍ୟ ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିବା ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ କାରଖାନା ସ୍ଥାପନ ନିମନ୍ତେ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଚୁକ୍ତି ପରେ ଏହି କମ୍ପାନୀ ଓଡ଼ିଶା ଛାଡିବା ସ୍ପଷ୍ଟ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଦୁଇଟି ନୂଆ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ସୂଚନା ଦେଇଥିଲେ; କିନ୍ତୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ବେଳକୁ ପୂର୍ବରୁ ଚୁକ୍ତି କରିଥିବା ଗୋଟିଏ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶା ଛାଡୁଥିବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ବୋଲି କହିଛି ବିଜେଡି।



ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ସଦ୍ୟତମ ନମୁନା

ଜେଏସଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ମଧ୍ୟ ଅନ୍ୟ ରାଜ୍ୟ ସହିତ ଚୁକ୍ତି କରିଛନ୍ତି

ଶନିବାର ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା କହିଛନ୍ତି ଯେ ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ଓଡ଼ିଶାରେ ୩୦୦୦୦ କୋଟି ନିବେଶରେ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବୁଝାମଣା କରିଥିଲା। ଗଞ୍ଜାମ ଜିଲ୍ଲାର ଛତ୍ରପୁର ଅଞ୍ଚଳରେ ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାୟ ୭୦୦ ଏକର ଜମି ଚିହ୍ନଟ ହୋଇଥିଲା। କିନ୍ତୁ ଏବେ ସେହି କମ୍ପାନୀ ଆନ୍ଧ୍ର ପ୍ରଦେଶରେ କମ୍ପାନୀ ପ୍ରତିଷ୍ଠା କରିବା ପାଇଁ ଆନ୍ଧ୍ର ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହା ପୂର୍ବରୁ ଓଡ଼ିଶା ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ଜେଏସଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ଇସ୍ପାତ ପ୍ରକଳ୍ପ ଯଥାକ୍ରମେ ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହିତ ବୁଝାମଣା ସ୍ୱାକ୍ଷର କରିଛନ୍ତି।

ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି ଯେ ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖୋର୍ଦ୍ଧା ଠାରେ ସାଇନ୍ସ ସିଟି ପ୍ରତିଷ୍ଠା ହେବ ବୋଲି କରିଥିବା ଘୋଷଣା ବାସ୍ତବରେ ନବୀନ ସରକାରଙ୍କ ସମୟରେ ରୂପ ଦିଆଯାଇଥିଲା। ଖୋର୍ଦ୍ଧା ନିକଟବର୍ତ୍ତୀ ବରୁଣେଇ ଅଞ୍ଚଳରେ ୫୦ ଏକର ଜମିରେ ସାଇନ୍ସ ସିଟି ନିର୍ମାଣ କରିବା ପାଇଁ ନବୀନ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେବା ସହିତ ଆବଶ୍ୟକୀୟ ଜମି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ସାଇନ୍ସ ପାର୍କ କମ୍ ପ୍ଲାନେଟୋରିଅମ ପ୍ରତିଷ୍ଠା ହେବା ପାଇଁ ନିଷ୍ପତ୍ତି ହୋଇଥିଲା।

# ନଭେମ୍ବର ୧୦ରୁ ଦୁଇ ଦିନିଆ 'ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ

ଭୁବନେଶ୍ୱର,୬।୯ (ସମିସ): ଆସନ୍ତା ନଭେମ୍ବର ୧୦ ଓ ୧୧ରେ ଦୁଇଦିନ ଧରି ଓଡ଼ିଶାରେ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମାବେଶରେ ୪୦୦ରୁ ଅଧିକ ଚାଷୀ, ଏମଏସ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷା ଡ. ସୌମ୍ୟା ସ୍ୱାମୀନାଥନ, ୟୁନାଇଟେଡ ନେସନ୍ସର ଫୁଡ୍ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନରୁ ବୈଜ୍ଞାନିକ, ୱାର୍ଲଡ୍ ଫୁଡ଼ ପ୍ରୋଗ୍ରାମ୍, ଆଇସିଏଆର, ଆଇସିଏଆର-ସିଆଇଡବ୍ଲୁଏର ବୈଜ୍ଞାନିକଙ୍କ ସମେତ ଦେଶବିଦେଶରୁ ବହୁ ଖ୍ୟାତନାମା ବୈଜ୍ଞାନିକ ତଥା ଅଧିକାରୀ ଯୋଗଦେବେ। ମାଣ୍ଡିଆ ଦିବସ-୨୦୨୫ ଅବସରରେ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ ଏହି ସୂଚନା ଦିଆଯାଇଛି।



ପ୍ରତିବର୍ଷ ନଭେମ୍ବର ମାସ ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ମାଣ୍ଡିଆ ଦିବସ ପାଳନ କରୁଛି। ଚଳିତବର୍ଷର ଥିମ୍ ରହିଛି 'କୃଷି, ଜୈବ ବିବିଧତା ଓ ଐତିହ୍ୟରେ ମହିଳା କୃଷକଙ୍କ ଅବଦାନ' ରହିଛି। ପୂର୍ବବର୍ଷ ଭଳି ବିଭିନ୍ନ ସେସନ୍ ବିଶିଷ୍ଟ ଗବେଷକ/ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ହେବ ବୋଲି କୃଷି ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିବା ସହ ବିଭାଗର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏଥିରେ କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

## କେବେ ସୁଧୁରିବ ମୂଳକାଏଦା ରାସ୍ତାର ଅବସ୍ଥା

ସୋର, ୬।୯(ସମିସ) : ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ମୂଳକାଏଦା ଗ୍ରାମର ୱାର୍ଡ ନମ୍ବର ୧୧ରେ ଥିବା ପକ୍କା



ପୋଲରୁ ପଣ୍ଡା ସାହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା ବେଳେ ଅନେକ ସମୟରେ ଲୋକେ ପଡି ଆହତ ହେଉଛନ୍ତି। ଏହି ରାସ୍ତା ଉପରେ ଶତାଧିକ ଲୋକ ନିର୍ଭରଶୀଳ ଥିବାବେଳେ ରାସ୍ତାଟି ଅଣ ଓସାରିଆ ହୋଇଥିବା କାରଣରୁ ଅସରାଏ ବର୍ଷାରେ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ବୁଡି ଯାଉଛି। ଫଳରେ ଯାତାୟାତ ସମ୍ଭବ ହୋଇପାରୁନଥିବା ଗ୍ରାମବାସୀ କହିଛନ୍ତି। ଏ ବାବଦରେ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଠାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାବତ ଏହାର ସମାଧାନ ହୋଇପାରିନାହିଁ। ଆଗାମୀ ଦିନରେ ଏହି ରାସ୍ତାକୁ ମରାମତି କରାନଗଲେ ସୋର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଗ୍ରାମର ପ୍ରଭାକର ନାୟକ, ସରୋଜ କୁମାର ପଣ୍ଡା, କାଳନ୍ଦ୍ରୀ ସାହୁ, ରାଜେଶ କୁମାର ପଣ୍ଡା, ଅରୁଣ ପଣ୍ଡା, ପ୍ରଭଞ୍ଜନ ସାହୁ,ରମାକାନ୍ତ ସାହୁ ଓ ବିଦ୍ୟାଧର ପଣ୍ଡା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବିପଦକୁ ଆମନ୍ତ୍ରଣ କରୁଛି ବିଦ୍ୟୁତ୍ ଖୁଣ୍ଟ

ବସ୍ତା ବ୍ଲକ, ୬।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମଧୁଭଣ୍ଡ ଗ୍ରାମରେ



ବିଦ୍ୟୁତ୍ ବିଭାଗର ଦାୟିତ୍ୱ ହୀନତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଗ୍ରାମର ମନ୍ଦିର ପୋଖରୀ ନିକଟସ୍ଥ ରାସ୍ତା କଡ ଦେଇ ଯାଇଥିବା ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି। ଯାହା ଫଳରେ ଖୁଣ୍ଟଟି ନଇଁ ରହିଥିବା ବେଳେ ତାର ସବୁ ଝୁଲି ରହିଛି। ସେହି ରାସ୍ତା ଦେଇ ଦୈନନ୍ଦିନ ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ଶହ ଶହ ଲୋକେ ଯାତାୟାତ କରୁଛନ୍ତି। ଯେ କୌଣସି ସମୟରେ ଦୁର୍ଘଟଣା ଘଟିବା ସନ୍ଦେହ ପ୍ରକାଶ ପାଇଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଅଭିଯୋଗ କରାଯାଉଥିବା ବେଳେ ଆଜି ହେବ କାଲି ହେବ କହି ବିଦ୍ୟୁତ୍ ବିଭାଗ ଖସି ଯାଉଛନ୍ତି। ଯଦି କିଛି ଦୁର୍ଘଟଣା ଘଟେ ତା ହେଲେ ବିଦ୍ୟୁତ୍ ବିଭାଗ ଦାୟୀ ରହିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଯଦି ଖୁଣ୍ଟ ଅପସାରଣ କରି ନୂଆ ଖୁଣ୍ଟ ଲଗା ନ ଯାଏ ତାହାଲେ ଗ୍ରାମବାସୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

## ଡୁଙ୍ଗୁରାରେ ନୂତନ ବ୍ଲକ୍ ପ୍ରତିଷ୍ଠା ଦାବି



ଖଇରା, ୬।୯(ସମିସ): ରାଜ୍ୟ ସରକାର ବ୍ଲକ୍ ଓ ପଞ୍ଚାୟତ ପୁନର୍ଗଠନ ସମ୍ପର୍କରେ ଘୋଷଣା କରିବା ପରେ ଏବେ ବିଭିନ୍ନ ସ୍ଥାନରେ ନୂଆ ବ୍ଲକ ପ୍ରତିଷ୍ଠା ପାଇଁ ଦାବି ଆରମ୍ଭ ହୋଇଯାଇଛି। ବ୍ଲକ ପୁନର୍ଗଠନ ପ୍ରକ୍ରିୟାରେ ଖଇରା ବ୍ଲକର ଅନ୍ୟତମ ସାଂସ୍କୃତିକ, ଐତିହାସିକ, ବାଣିଜ୍ୟକ ପ୍ରାଣକେନ୍ଦ୍ର ଭାବେ ପରିଚିତ ଡୁଙ୍ଗୁରାଠାରେ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ଦାବି ଜୋର ଧରିଛି। ଏ ସମ୍ପର୍କରେ ୧୧ପଞ୍ଚାୟତକୁ ନେଇ ଗଠିତ ଡୁଙ୍ଗୁରା ବ୍ଲକ କ୍ରିୟାନୁଷ୍ଠାନ କମିଟିର ବୈଠକ ଶୁକ୍ରବାର ଅପରାହ୍ଣରେ ଡଙ୍ଗୁରା ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ବଟକୃଷ୍ଣ ପଣ୍ଡା ଏଥିରେ ପୌରହିତ୍ୟ କରିଥିଲେ। ଏଥିରେ ଡୁଙ୍ଗୁରା ସମେତ, ଝିଙ୍କିରିଆ, ବଡଜୟିପୁର, ଗରସଙ୍ଗ, ସାରଡାଙ୍ଗ, ଗୋଳିହା, ରପେୟା, ବରଦା, ମାଣିତ୍ରୀ, ବଡନୂଆଗାଁ, ଅମରିଆ ଅଗ୍ନିପୁର ଇତ୍ୟାଦି ପଞ୍ଚାୟତର ଲୋକପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଯୋଗଦେଇ ଡୁଙ୍ଗୁରା ଏହି ପଞ୍ଚାୟତଗୁଡିକର କେନ୍ଦ୍ରସ୍ଥଳ ହୋଇଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ପର୍ଯ୍ୟାପ୍ତ ସୁବିଧା ଥିବାରୁ ସରକାର ଏହାକୁ ପ୍ରାଥମିକତା ଦେଇ ପୁନର୍ଗଠନ ପ୍ରକ୍ରିୟାରେ ବ୍ଲକ ପ୍ରତିଷ୍ଠାର ଆବଶ୍ୟକତା ରହିଛି ବୋଲି ଦାବି କରିଥିଲେ। ଏଥିପାଇଁ ଖୁବଶୀଘ୍ର ବିଧାୟକ, ପଞ୍ଚାୟତିରାଜ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଯଦି ସରକାର ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ୧୧ପଞ୍ଚାୟତରୁ ହଜାର ହଜାର ସଂଖ୍ୟାର ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଥିଲା। କୈଳାଶ ଚନ୍ଦ୍ର ମାଝୀ ମଞ୍ଚ ପରିଚାଳନା କରିଥିଲେ।

### ଟୋଲ୍ ଗେଟ୍‌ରେ ଖୋଲାଖୋଲି ଚାନ୍ଦା ଆଦାୟ

# ଲକ୍ଷ୍ମଣନାଥରେ ୧୦୦, ଶେରଗଡ଼ ଗେଟ୍‌ରେ ୨୦୦

ବାଲେଶ୍ୱର/ବାହାନଗା, ୬।୯ (ସମିସ)

ବାଲେଶ୍ୱର ଜିଲ୍ଲା ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣ ନାଥ ଟୋଲ ଗେଟ ଠାରୁ ଆରମ୍ଭ କରି ବାଲେଶ୍ୱର ଶେରଗଡ ଟୋଲଗେଟ, ସବୁଠି ଚାଲିଛି ଖୁଲମଖୁଲ୍ଲା ଚାନ୍ଦା ଏବଂ ଦାଦା ବଟି କାରବାର। ସେଥିରୁ ବାଦ ପଡିନି ଜାତୀୟ ରାଜପଥ ନିକଟରେ ଥିବା ଥାନା ପୁଲିସ ଏବଂ ଲୋକଙ୍କ ସୁରକ୍ଷା ପାଇଁ ଦିନ ରାତି ଡ୍ୟୁଟି କରୁଥିବା ହାଇୱେ ପାଟ୍ରୋଲରେ ନିୟୋଜିତ ଥିବା ପୁଲିସ କର୍ମଚାରୀ। ସେମାନେ ମଧ୍ୟ ଗାଡି ଅଟକାଇ ଖର୍ଚ୍ଚ ପାଣି ନାମରେ ଚାନ୍ଦା ମାଗିବାର ଏକ ଭିଡିଓରୁ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ଲକ୍ଷ୍ମଣନାଥ ଟୋଲଗେଟରେ ପଶ୍ଚିମବଙ୍ଗ ତଥା ଅନ୍ୟ ରାଜ୍ୟରୁ ମାଲ ପରିବହନ କରି ଓଡ଼ିଶା କିମ୍ବା ଓଡ଼ିଶା ବାହାରକୁ ଯାଉଥିବା ଗାଡ଼ିକୁ ଅଟକାଇ ଟୋଲଗେଟ ନିକଟରେ ୧୦୦ ଟଙ୍କା ଲେଖାଏ ଦାଦା ବଟି ମଗା ଯାଉଛି, ଏମିତି କି ବଟି ଟଙ୍କା ନଦେଲେ ଗାଡ଼ିକୁ ଫେରାଇ ଦେବା ସହ ମାଡ଼ ମାରିବାର ଧମକ ମଧ୍ୟ ଦିଆଯାଉଥିବାର ଡ୍ରାଇଭରମାନେ ଅଭିଯୋଗ ଆଣିଛନ୍ତି। ଯୁବପିଢ଼ି ଏହି ବଟି ଆଦାୟରେ ଲିପ୍ତ ଥିବାର ଦେଖିବାକୁ ମିଳିଥିବା ବେଳେ ପୁଲିସକୁ ଡାକିବା କଥା କହିଲେ ପୁଲିସ ଆମ ନିକଟରୁ ମାସିକ ବଟି ନେଉଛି ବୋଲି ସିଧା ସଳଖ ଡ୍ରାଇଭର ମାନଙ୍କୁ ଧମକ ଦେଉଛନ୍ତି ବଟି ଆଦାୟ



କରୁଥିବା ଯୁବକ। ସେହିପରି ଶେରଗଡ଼ ଟୋଲଗେଟରେ ମଧ୍ୟ ମାଲ ପରିବହନ କରୁଥିବା ବିଭିନ୍ନ ଗାଡ଼ିରୁ ଟୋଲ ଟିକସ ଦେବାପରେ ଗାଡି ପିଛା ୨୦୦ ଟଙ୍କା ଚାନ୍ଦା ମାଗୁଛନ୍ତି ଖୋଦ ଟୋଲ ଗେଟ କର୍ମଚାରୀ।

ଦାଦା ବଟିକୁ ନେଇ ସରକାର ଏବଂ ଗୃହ ବିଭାଗ ଥାନା ପୁଲିସ କଠୋର ଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଟୋଲଗେଟରେ ଗାଡି ଅଟକାଇ ଅଟକାଇ ଦାଦା ବଟି ଆଦାୟ କରୁଛନ୍ତି ଯୁବକ। ପୁଲିସ ଦାଦାବଟି କାରବାରକୁ ପ୍ରୋତ୍ସାହନ ଦେଉଥିବା ନେଇ ଅନେକ ଡ୍ରାଇଭର କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେପଟେ ଦାଦାବଟି ଆଦାୟ କରୁଥିବା ଯୁବକ ମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ପୁଲିସକୁ ମାସିକ ଚାନ୍ଦା ଦେଉଛୁ କହି ଡ୍ରାଇଭର ମାନଙ୍କୁ ଓଲଟି ଧମକ ଦେଉଛନ୍ତି। ସେପଟେ ଜଳେଶ୍ୱର ଥାନାରେ ଜୈନିକ ସବ ଇନିସ୍ପେକ୍ଟରଙ୍କ ମୋବାଇଲ ନମ୍ବରର କଲ ସିଡିଆର କାଢି ଜିଲ୍ଲା ପୁଲିସ ଯାଞ୍ଚ କଲେ ଦାଦାବଟି ଆଦାୟ ଓ ପୁଲିସର ଭିତିରି ସମ୍ପର୍କ ସ୍ପଷ୍ଟ ହୁଅନ୍ତା ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ବାପି ଦାଦା ନାଁରେ ଯୁବକମାନେ ଚାନ୍ଦା କରୁଥିବା ଜଣାପଡ଼ିଛି। ଯାହାର ଭିଡିଓ 'ସକାଳ' ହାତରେ ଲାଗିବା ପରେ ଗେଟରେ ଚାଲିଥିବା ବଟି ଆଦାୟର ସତ ସାମ୍ନାକୁ ଆସିଛି। ବାପି ଦାଦାକୁ ପୁଲିସ ଦେଉଛି କି ସୁରକ୍ଷା ବୋଲି ତାହାକୁ ନେଇ ବଙ୍ଗୀୟ ଗାଡିରେ ମାଲ ପରିବହନ କରୁଥିବା ଡ୍ରାଇଭରମାନେ ପ୍ରଶ୍ନ ଉଠାଇଛନ୍ତି। କେବଳ ଲକ୍ଷ୍ମଣନାଥ ଟୋଲ ଗେଟ ନୁହଁ ବାଲେଶ୍ୱର ଶେରଗଡ ଟୋଲଗେଟରେ ମଧ୍ୟ ସମାନ ଅବସ୍ଥା। ମାଲ ପରିବହନ କରୁଥିବା ପରିବା ଗାଡ଼ି, ମାଛ ଯାଆଁଳ ଗାଡି, ଛେଳି ଗାଡି, ଫୁଲ ଗାଡି ସହ ଚାରା ଗଛ ଆସୁଥିବା ଗାଡ଼ିରୁ ମଧ୍ୟ ୨୦୦ ଟଙ୍କା ଲେଖାଏଁ ଆଦାୟ କରୁଛନ୍ତି କେତେକ ଟୋଲଗେଟ କର୍ମଚାରୀ। ଅନ୍ୟପଟେ ଖନ୍ତାପଡ଼ା ପୁଲିସ ଏ ବାବଦରେ ଚୁପ୍ ବସିଛି। ସେହିପରି ବିଭିନ୍ନ ଥାନାର ପୁଲିସ କର୍ମଚାରୀ ଜାତୀୟ ରାଜପଥରେ ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହେଉଛି। ଘଟଣା ବାବଦରେ ପୂର୍ବାଞ୍ଚଳ ଆଇଜି ଏବଂ ଜିଲ୍ଲା ଏସ୍‌ପି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

> ◆ ଲକ୍ଷ୍ମଣନାଥ ଟୋଲ ଗେଟ ଖଡଗପୁର ଅଧୀନରେ ଥିବା ବେଳେ ଆମ ଅଧୀନରେ ସେରଗଡ ଟୋଲଗେଟ ରହିଛି, ଶେରଗଡ଼ ଟୋଲଗେଟ ନିକଟରେ ଟୋଲ ଟିକସ ବାଦ ଟୋଲ କର୍ମଚାରୀ ଚାନ୍ଦା ଆଦାୟ କରୁଥିବା ନେଇ ଆମ ନିକଟରେ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତୁରନ୍ତ ତଦନ୍ତ କରାଯିବା ସହ ଟେଣ୍ଡର ନେଇଥିବା ସଂସ୍ଥା ଉପରେ ଜରିମାନା ଆଦାୟ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
>
> **ଜେପି ବର୍ମା, ପ୍ରକଳ୍ପ ନିର୍ଦ୍ଦେଶକ, ଜାତୀୟ ରାଜପଥ**
>
> ◆ ଦାଦାବଟି ଆଦାୟ ହେଉଥିବାର ସୂଚନା ନାହିଁ, ଭିଡିଓ ଯଦି ଅଛି ଦିଅନ୍ତୁ, ଦେଖିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।
>
> **ଜୟନ୍ତ ବେହେରା, ଆଇଆଇସି, ଜଳେଶ୍ୱର ଥାନା**

■ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ଭିତ୍ତିଭୂମି ବିକାଶ ଓ ଡାକ୍ତର ପଦବୀ ପୂରଣ ପାଇଁ ଦାବିପତ୍ର



ବାଲେଶ୍ୱର(ଉତ୍ତର), ୬।୯(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଆସୋସିଏସନ୍ ଅଫ୍ ଟ୍ୱିଟର ଆକ୍ଟିଭିଷ୍ଟସ(ଆଟା)ର ଟ୍ୱିଟର ଆକ୍ଟିଭିଷ୍ଟସମାନଙ୍କ ପକ୍ଷରୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ ବିଭାଗ ଖୋଲିବା ସହିତ ବିଶେଷଜ୍ଞ ଡାକ୍ତର ନିଯୁକ୍ତ କରିବା ଓ ବିଭିନ୍ନ ରୋଗର ପରୀକ୍ଷା ନିରୀକ୍ଷା କରିବା ସକାଶେ ଅତ୍ୟାଧୁନିକ ଉନ୍ନତମାନର ଯନ୍ତ୍ର ସରଞ୍ଜାମ ଯୋଗାଇ ଦେବା ପାଇଁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ତାଙ୍କ ବାସଭବନରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ବ୍ଲକରେ ସମୁଦାୟ ୫୦ଟି ପଞ୍ଚାୟତ ଥିଲାବେଳେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ତେବେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେଉଛି ଏକମାତ୍ର ପ୍ରମୁଖ ଡାକ୍ତରଖାନା। ସାଢ଼େ ୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ବ୍ଲକରେ ରୋଗୀ ସେବା ପାଇଁ ଶିଶୁ ଚିକିତ୍ସା, ମେଡିସିନ୍, ହୃଦରୋଗ, ସ୍ତ୍ରୀ ଓ ପ୍ରସୂତୀ, ଚକ୍ଷୁ, କର୍ଣ୍ଣ, ଗଳା ଓ ନାଶା ପରି ଅନେକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ବିଭାଗ ନ ଥିବାରୁ ପ୍ରତିଦିନ ହଜାର ହଜାର ଗରିବ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜୀବନ ବଞ୍ଚାଇବା ପାଇଁ ବହୁ କଷ୍ଟରେ ରୋଗୀମାନେ ସମୟ, ଶ୍ରମ ଓ ଅର୍ଥ ବ୍ୟୟ କରି ଶହେ କିଲୋମିଟର ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ୩ ଶହ କିଲୋମିଟର ଦୂର କଟକ ଓ ଭୁବନେଶ୍ୱର ଯିବା ପାଇଁ ବାଧ୍ୟ ହେଉଛନ୍ତି। ଅନେକ କ୍ଷେତ୍ରରେ ରାସ୍ତାରେ ରୋଗୀଙ୍କ ମୃତ୍ୟୁ ହେଉଥିବା ନିଜର ମଧ୍ୟ ରହିଛି। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ ଜଣ ଡାକ୍ତର ନିଯୁକ୍ତି ହେବାକୁ ସରକାରୀ ନିୟମ ଥିଲା ବେଳେ ଏଠାରେ ମାତ୍ର ୭ ଜଣ ଡାକ୍ତରରେ ରୋଗୀ ସେବା ଚାଲିଛି। ସେଥିରୁ କେବଳ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଛଡ଼ା ଅନ୍ୟ କୌଣସି ବିଭାଗରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ତେଣୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡ଼ିସିନ, ଇଏନଟି ଓ ଶିଶୁ ରୋଗ ବିଭାଗ ଖୋଲିବା ସହିତ ତୁରନ୍ତ ବିଶେଷଜ୍ଞ ଡାକ୍ତର ନିଯୁକ୍ତ କରିବା ପାଇଁ ଆସୋସିଏସନ୍ ଅଫ୍ ଟ୍ୱିଟର ଆକ୍ଟିଭିଷ୍ଟସ୍ (ଆଟା)ର ବାଲେଶ୍ୱର ଜିଲ୍ଲା ସଂଯୋଜକ ମୁକେଶ ଦଳାଇ ଭୋଗରାଇ ବ୍ଲକରେ ଗତ ଅକ୍ଟୋବର ୨୦୨୪ରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ସଂଖ୍ୟା (୩୫୨୩) ପ୍ରଦାନ ସହିତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ମୁଖ୍ୟମନ୍ତ୍ରୀଙ୍କୁ ଅନଲାଇନ୍ ଯୋଗେ ଦାବିପତ୍ର ପ୍ରଦାନ କରି ଜଣାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ। ଏ ନେଇ 'ଆଟା'ର ବାଲେଶ୍ୱର ଜିଲ୍ଲା ସଂଯୋଜକ ମୁକେଶ ଦଳାଇ, ଅତିରିକ୍ତ ଜିଲ୍ଲା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଜେନା, ଭୋଗରାଇ ବ୍ଲକ ସଂଯୋଜକ ରାଜୁ କୁମାର ଦଳାଇ ଓ ନଳିନୀକାନ୍ତ ଜେନା ପ୍ରମୁଖ ବିଧାୟକଙ୍କୁ ତାଙ୍କ ବାସଭବନରେ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଭୋଗରାଇ ବିଧାୟକ ଶ୍ରୀ ଦାସ ମଧ୍ୟ ଏଭଳି ଜନସ୍ୱାର୍ଥ ସମ୍ବଳିତ ନ୍ୟାର୍ଯ୍ୟ ଦାବିପ୍ରତି ନିଶ୍ଚିତ ଧ୍ୟାନଦେଇ ସରକାରଙ୍କ ନିକଟରେ ଉକ୍ତ ଦାବି ଉପସ୍ଥାପନ କରିବାକୁ ଟ୍ୱିଟର ଆକ୍ଟିଭିଷ୍ଟମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକୋତ୍ସବ

ଖଇରା, ୬।୯ (ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ଅଧୀନ ଖଇରା ବ୍ଲକ ପରିସରରେ ଥିବା ଶିକ୍ଷକ ଭବନ ପରିସରରେ ସଂଘର ୧୯ ତମ ବାର୍ଷିକ ଉତ୍ସବ ସହିତ ଗୁରୁଦିବସ ପାଳିତ ହୋଇ ଯାଇଛି। ସଭାପତି ଜଗନ୍ନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟବକ୍ତା, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ପ୍ରାକ୍ତନ ବିଇଓ ଗଦାଧର ଦାସ, ଏବିଇଓ ମାଣିକ ମିଶ୍ର, ବିଭିନ୍ନ ସଂଘର କର୍ମକର୍ତ୍ତା ଲକ୍ଷ୍ମଣ କୁମାର ସେନ, କୈଳାସ ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ନାରାୟଣ ଚନ୍ଦ୍ର ପେଡା, କମଳଲୋଚନ ଜେନା, ଜୟନ୍ତ କୁମାର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ଦାଶ, ସୁଶାନ୍ତ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୨୦୨୪-୨୫ରେ ଅବସର ଗ୍ରହଣ କରିଥିବା ୨୧ଜଣ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କାର୍ଯ୍ୟରତ କୃତି ଶିକ୍ଷକ ରାଧାରଞ୍ଜନ ଦାସଙ୍କୁ ସରସ୍ୱତୀ ସ୍ମୃତିଶିକ୍ଷକ କୌମୁଦୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନାରାୟଣ ଚନ୍ଦ୍ର ମହାପାତ୍ର ବିବରଣୀ ପାଠ, ଦୁର୍ଗାମାଧବ ଜେନା ଅତିଥି ପରିଚୟ ଓ ସୁଦର୍ଶନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱିତୀୟ ଥର ବନ୍ଦକୁ ଖଇରାବାସୀଙ୍କ ପୂର୍ଣ୍ଣ ସମର୍ଥନ



ଖଇରା, ୬।୯ (ସମିସ): ବାଲେଶ୍ୱର ଜିଲାର ଖଇରାକୁ ଏନଏସି ତାଲିକାରୁ ବାଦ ଦିଆଯିବା ପ୍ରତିବାଦରେ ଖଇରାବାସୀଙ୍କ ପ୍ରତିବାଦ, ଆନ୍ଦୋଳନ ଅବ୍ୟାହତ ରହିଛି। ଖଇରା ସ୍ୱାଭିମାନ ମଞ୍ଚ ଆନୁକୂଲ୍ୟରେ ଖଇରା ବନ୍ଦ ପାଳନର ୨ଦିନ ପରେ ବିଜେଡି ପକ୍ଷରୁ ଶନିବାର ଖଇରା ବନ୍ଦକୁ ଖଇରାବାସୀ ପୂର୍ଣ୍ଣ ସମର୍ଥନ କରିଛନ୍ତି। ସକାଳ ୬ରୁ ମଧ୍ୟାହ୍ନ୧୨ଟା ପର୍ଯ୍ୟନ୍ତ ଏହି ବନ୍ଦ ଡାକରାକୁ ଖଇରାବାସୀ ସ୍ୱତପ୍ରବୃତ୍ତ ସମର୍ଥନ ଜଣାଇଥିଲେ। ୬ ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିବାବେଳେ ସ୍କୁଲ କଲେଜ ବ୍ଲକ, ତହସିଲ ବନ୍ଦ ରହିଥିଲା। ୪ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ପଥପ୍ରାନ୍ତ ସଭାରେ ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନୀଳଗିରିର ପ୍ରାକ୍ତନ ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୁପଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ବେହେରା ପ୍ରମୁଖ ଯୋଗଦେଇ ଖଇରାର ନ୍ୟାର୍ଯ୍ୟ ଦାବିକୁ ବିଜେପି ସରକାର ଛଡାଇ ନେଇଛନ୍ତି। ଏଣୁ ହକ୍ ପାଇଁ ଲଢେଇ ଜାରି ରହିବା ଦରକାର ବୋଲି ବକ୍ତବ୍ୟ ଦେଇଥିଲେ। ସେହିଭଳି ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ତଥା ଦଳୀୟ ନେତା ଜୟନ୍ତୀ ପତି, ରବିନ୍ଦ୍ର ବେହେରା, ବିଜୟ ବାରିକ, ମୁକେଶ ଜେନା, ରବିନ୍ଦ୍ର ମହାନ୍ତି, ଜିତେନ୍ଦ୍ର ବେହେରା, କମଳ ଲୋଚନ ଜେନା, ଟୁନି ଧିନ୍ଦା, ନାରାୟଣ ଦାସ, ଦମୟନ୍ତୀ ସିଂ ପ୍ରମୁଖ ଉପସ୍ଥିତ ରହି ପୂର୍ବରୁ ବିଜେଡି ସରକାରରେ ଏନ୍‌ଏସି ଭାବେ ଘୋଷିତ ଖଇରାର ଦାବିକୁ ବିଜେପି ସରକାର ପୂରଣ ନ କଲେ ଏହାର ଜବାବ ଖଇରାବାସୀ ଦେବେ ବୋଲି ପ୍ରକାଶ କରିଥିଲେ। ଏଭଳି ସଫଳତା ପାଇଁ ପ୍ରାକ୍ତନ ବିଧାୟକ ପାଣିଗ୍ରାହୀ ଖଇରା ଜନସାଧାରଣ ଓ ବିଭିନ୍ନ ସଙ୍ଗଠନକୁ କୃତଜ୍ଞତା ଜଣାଇଥିଲେ।

## ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ପ୍ରଦୀପ ଦାସ



ବାଲିଆପାଳ, ୬।୯ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗ୍ରାମର ମାଆ ଶାନ୍ତିଲତା ଦାସ ଏବଂ ପିତା ଜଗନ୍ନାଥ ଦାସଙ୍କ ଏକମାତ୍ର ପୁଅ ପ୍ରଦୀପ କୁମାର ଦାସ ବସ୍ତା ବ୍ଲକ ଚୋରମରା ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ରୂପେ କାର୍ଯ୍ୟରତ। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ତାଙ୍କର ଅସାଧାରଣ ସାଧନା, କଠିନ ପରିଶ୍ରମ, ନିଷ୍ଠାପର ଉଦ୍ୟମ, ଦୃଢ଼ ଇଚ୍ଛାଶକ୍ତି, ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କର ସମର୍ପିତ ମନୋଭାବର ପ୍ରତିଫଳନ ସ୍ୱରୁପ ୨୦୨୫ ମସିହା ଦ୍ୱିତୀୟ ଥର ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ଏହି ସଫଳତା ନିମନ୍ତେ ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ସାରଙ୍କ ପ୍ରେରଣା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀଙ୍କ ଅକୁଣ୍ଠ ସମର୍ଥନ ତଥା ବସ୍ତା ବ୍ଲକର ସମସ୍ତ ଶିକ୍ଷକ ମାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ବ୍ରାଉନ୍‌ସୁଗର କାରବାରର ପେଣ୍ଠସ୍ଥଳୀ ଜଳେଶ୍ୱର ସହର

ଜଳେଶ୍ୱର ବ୍ଲକ୍, ୬।୯(ସମିସ): ଜଳେଶ୍ୱର ସହରରେ ଖୋଲାଖୋଲି ଚାଲିଛି ବ୍ରାଉନସୁଗର କାରବାର ବୋଲି ଅଭିଯୋଗ ହେଉଛି। ପଶ୍ଚିମବଙ୍ଗର ମୁର୍ସିଦାବାଦରୁ ଜଳେଶ୍ୱର ଭାୟା ଦୀଘା ରୁଟ୍‌ରେ ବାଇକ୍ ଓ କାର୍‌ରେ କୋଟି କୋଟି ଟଙ୍କାର ବ୍ରାଉନସୁଗର ଆସୁଛି ଏବଂ ଦୁଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ବେପାରକୁ ନିୟନ୍ତ୍ରଣ କରୁଛନ୍ତି ଜଳେଶ୍ୱରର ବେପାରୀ ବୋଲି ଅଭିଯୋଗ ହେଉଛି। ଜିଲ୍ଲା ପୁଲିସ ଓ ଅବକାରୀ ବିଭାଗ ଏହାର ଟେର୍ ପାଉନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାନୁଯାୟୀ, ପୂର୍ବରୁ ମୁର୍ସିଦାବାଦରୁ ଜଳେଶ୍ୱରକୁ ସିଧାସଳଖ ରେଳପଥ ନ ହେଲେ ସଡ଼କପଥରେ ବ୍ରାଉନସୁଗର ଆସୁଥିଲା। କେବେ ଆସିଲା ଏବଂ କେଉଁଠୁ ଆସିଲା ତାହା ପୁଲିସ ଓ ଅବକାରୀ ବିଭାଗ ଜାଣିପାଉଥିଲା। ଏବେ ପୁଲିସ ଓ ଅବକାରୀ ବିଭାଗକୁ ଚକ୍‌ମା ଦେଇ ମୁର୍ସିଦାବାଦ ବେପାରୀମାନେ ବ୍ରାଉନସୁଗର ଚାଲାଣର ନୂଆ ରୁଟ୍ ବାଛିଛନ୍ତି। ମୁର୍ସିଦାବାଦ ବେପାରୀ ଦୀଘା ଯାଏ ବ୍ରାଉନସୁଗର ପହଞ୍ଚାଉଛନ୍ତି ତ କେତେବେଳେ ଜଳେଶ୍ୱର ବେପାରୀ ନିଜେ ଯାଇ ସେଠାରୁ ଆଣୁଛନ୍ତି। ଦୀଘାରୁ କାର ନ ହେଲେ ବାଇକ୍‌ରେ ଜଳେଶ୍ୱରକୁ ସୁରକ୍ଷିତ ଭାବେ ବ୍ରାଉନସୁଗର ଆସୁଛି ବୋଲି ଅଭିଯୋଗ ହେଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପୁଲିସ ଓ ଅବକାରୀ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଦୁଇ ବିଭାଗ ପାଖରେ କୌଣସି ଖବର ରହୁନି କି ସୂଚନାଦାତାଙ୍କ ସହ ପୁଲିସ ଆଉ ଯୋଗାଯୋଗରେ ରହୁନି। କେବଳ ଛୋଟ ଛୋଟ ବ୍ରାଉନସୁଗର ବେପାରୀକୁ ପୁଲିସ୍ ଧରି ବାହାବା ନେଉଛି ବୋଲି ଅଭିଯୋଗ ହେଉଛି। ପୁଲିସର ନିଷ୍କ୍ରିୟତାକୁ ଦେଖି ବ୍ରାଉନସୁଗର ବେପାରୀ ତଥା ପୁରୁଣା ବ୍ୟବସାୟୀ ବିନା ଭୟରେ ବେପାର କରୁଛନ୍ତି। ଜଳେଶ୍ୱରର ୧୦ରୁ ଅଧିକ ବ୍ରାଉନସୁଗର ବେପାରୀ ଯେଉଁମାନଙ୍କ ନାମରେ ଏନଡିପିଏସ ମାମଲାର ୱାରେଣ୍ଟ ରହିଛି। ଅଥବା ଦୀର୍ଘଦିନ ହେଲା ଫେରାର ରହିଛନ୍ତି, ସେମାନେ ଜଳେଶ୍ୱର ଠାରୁ ଅଳ୍ପ ଦୂରରେ ପଶ୍ଚିମବଙ୍ଗ ସୀମା ଅଞ୍ଚଳରେ ରହି ଚଳାଇଛନ୍ତି କାରବାର। କୋଟି କୋଟି ଟଙ୍କା ରୋଜଗାର କରିବାସହ ସହରର ମୂଲ୍ୟବାନ ସ୍ଥାନରେ ନିଜ ଓ ପତ୍ନୀ ନାମରେ ଏପରିକି ବନ୍ଧୁବାନ୍ଧବଙ୍କ ନାମରେ ଜାଗା କିଣୁଛନ୍ତି। ଜାତୀୟ ରାଜପଥ, ଜଳେଶ୍ୱର ଷ୍ଟେସନ କଲୋନୀ, ରାଜପୁରର ବିଦ୍ୟାଧରପୁର, ଶାସନବାଡ, ଶେଖ୍ୱବାଡ ସମେତ ସୁବର୍ଣ୍ଣରେଖା ନଦୀକୂଳ ଗୋପଠାରୁ ରାଜପୁର ଯାଏଁ ଥିବା ଅଞ୍ଚଳରେ ଏବେ ବ୍ରାଉନସୁଗର ବେପାର ଚାଲିଛି ବୋଲି ଅଭିଯୋଗ ହେଉଛି। ରାତି ହେଲେ ଜଳେଶ୍ୱର ଗ୍ୟାରେଜ ବଜାରକୁ ଲାଗୁଛି ବେପାରୀଙ୍କ ଗାଡି। ରାଜ୍ୟର ଓ ବାହାରର ବେପାରୀ ତଥା ସ୍ଥାନୀୟ କିଛି ଯୁବକ ଯେଉଁମାନେ ବ୍ରାଉନସୁଗର ସେବନ କରୁଛନ୍ତି ସେମାନଙ୍କ ଚରାଭୂଇଁ ପାଲଟିଛି ଏହି ଅଞ୍ଚଳ। ମୁର୍ସିଦାବାଦରୁ ଦୁଇ ପ୍ରକାର ବ୍ରାଉନସୁଗର ଆସୁଥିବା ବେଳେ ଏହାର ଦର ହ୍ରାସ ପାଇଛି। କଞ୍ଚା ବ୍ରାଉନସୁଗର ମିଳୁଛି ଯାହାକୁ ଶୁଖାଇବା ପରେ ଗୁଣ୍ଡ କରିବାକୁ ପଡ଼ିଥାଏ। ତାହାର ମୂଲ୍ୟ କିଲୋ ପିଛା ୩୦ରୁ ୩୫ ଲକ୍ଷ ଟଙ୍କା ଥିବାବେଳେ ସେବନ ଉପଯୋଗୀ ବ୍ରାଉନସୁଗରର ମୂଲ୍ୟ କିଲୋ ପିଛା ୪୦ରୁ ୪୫ ଲକ୍ଷ ଟଙ୍କା। ଜଳେଶ୍ୱରର ବେପାରୀମାନେ ଅନ୍ୟତ୍ର ଚାଲାଣ ସମୟରେ ଏହି ବ୍ରାଉନସୁଗରର ମୂଲ୍ୟ ଦୁଇ ଗୁଣା ନେଉଛନ୍ତି। ଆଉ ଛୋଟ ଛୋଟ ବେପାରୀମାନେ ଗୋଟିଏ ପୁଡ଼ିଆର ଦର ଦୁଇଗୁଣ କରି ବିକ୍ରି କରୁଛନ୍ତି। ରାଜପୁର, ଶାସନବାଡ଼, ସେକବାଡ, ପଞ୍ଚୁଘଣ୍ଟା, ପଥରପୁରା, ବିଦ୍ୟାଧରପୁର, ଝାଡେଶ୍ୱପୁର ଆଦି ଅଞ୍ଚଳରୁ ୩୦ରୁ ଅଧିକ ବେପାରୀ ରହିଛନ୍ତି। ଯେଉଁମାନେ ଏହି ବେପାର କରି କୋଟି କୋଟି ଟଙ୍କାର ମାଲିକ ହୋଇଛନ୍ତି ବୋଲି ଅଭିଯୋଗ ହେଉଛି। ନିଶା ସେବନକାରୀମାନେ ରାତି ବଢ଼ିଲେ ଟଙ୍କା ପାଇଁ ଲୁଟ୍ ତରାଜ କରୁଛନ୍ତି। ପୁଲିସ ଯଦି ସହରର ମୁଖ୍ୟ ରାସ୍ତା ଓ କାରବାର ହେଉଥିବା ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଇବା ସହିତ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରନ୍ତା ତାହାଲେ ବେପାରୀଙ୍କ ଗତିବିଧି ଉପରେ ତୀକ୍ଷଣ ନଜର ରଖିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଜଳେଶ୍ୱର ନିଶା କାରବାରର ହବ୍ ପାଲଟିଥିବାରୁ ନୂଆ ଡିଆଇଜି ଓ ଏସପି ଏନେଇ ଦୃଷ୍ଟି ଦିଅନ୍ତୁ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏ ନେଇ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରାଙ୍କୁ ମତନେବାରୁ ସେ କହିଥିଲେ ଏବାବଦରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବୁ। ସେହିପରି ଜଳେଶ୍ୱର ଅବକାରୀ ବିଭାଗର ଅଧିକାରୀ ଚନ୍ଦନ କୁମାର ନାୟକଙ୍କୁ ପଚାରିବାର ସେ କହିଥିଲେ ଆମ ପାଖରେ କର୍ମଚାରୀଙ୍କ ସଂଖ୍ୟା କମ୍ ଥିବାରୁ ବ୍ରାଉନସୁଗର କାରବାରୀଙ୍କୁ ଧରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

> ● ମୁର୍ସିଦାବାଦରୁ ନୂଆ ରୁଟ୍ ବାଛିଛନ୍ତି ଚାଲାଣକାରୀ
>
> ● ସିସିଟିଭି ଏବଂ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଦାବି




# 'ସଖୀ' ୱାନ୍ ଷ୍ଟପ୍ ସେଣ୍ଟରରେ ସୁରକ୍ଷା ଢିଲା

ବାଲେଶ୍ୱର, ୬।୯ (ସମିସ)




**ଉଦ୍ଧାର କରି ଛାଡିଲା ପୁଲିସ, ଖସିଗଲେ ୨ ଅନ୍ତେବାସୀ**

**ନିଖୋଜକୁ ୯ ଦିନ ବିତିଲା, ପୁଲିସ ହାତ ଖାଲି**

ବାଲେଶ୍ୱର ଜିଲ୍ଲାର "ସଖୀ' ୱାନ ଷ୍ଟପ ସେଣ୍ଟରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ସେଣ୍ଟରରେ ୧୩ ଜଣ କର୍ମଚାରୀ ଥିବା ସତ୍ତ୍ୱେ ପୁଲିସ ଉଦ୍ଧାର କରି ଦେଇଥିବା ଜଣେ ଯୁବତୀ ଏବଂ ଜଣେ ନାବାଳିକା ଅନ୍ତେବାସୀଙ୍କୁ ସୁରକ୍ଷିତ ରଖିବାରେ ବିଫଳ ହୋଇଛି ସେଣ୍ଟର। ସନ୍ଧ୍ୟା ସମୟରେ କର୍ମଚାରୀ ଦାୟିତ୍ୱରେ ଥିବା ସତ୍ତ୍ୱେ ୨ ଅନ୍ତେବାସୀ ସେଣ୍ଟରରୁ କୁଆଡେ ପଳାଇଯିବା ସୁରକ୍ଷା ବ୍ୟବସ୍ଥା ଉପରେ ବିରାଟ ପ୍ରଶ୍ନବାଚୀ ଛିଡ଼ା କରିଛି।

ବ୍ୟକ୍ତିଗତ ଓ ସାର୍ବଜନୀନ ସ୍ଥାନରେ ମହିଳା, ଯୁବତୀ ଏବଂ ନାବାଳିକା ଉପରେ ହୋଇଥିବା ହିଂସାରୁ ସୁରକ୍ଷା ସହ ନାରୀମାନଙ୍କୁ ସାହାଯ୍ୟ ଓ ସମର୍ଥନ ପ୍ରଦାନ, ଚିକିତ୍ସା, ଆଇନ, ମନୋବିଜ୍ଞାନୀଙ୍କ ଓ କାଉନସିଲ ସହ ତ୍ୱରିତ ସେବା ସହ ଅସ୍ଥାୟୀ ସେଲଟର ଭାବେ ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ମେଡିକାଲ ପରିସରରେ କାର୍ଯ୍ୟରତ କରୁଛି 'ସଖୀ' ୱାନ୍ ଷ୍ଟପ ସେଣ୍ଟର। ଏଠାରେ ମାସିକ ୩୦ରୁ ଉର୍ଦ୍ଧ ନିର୍ଯାତିତ, ନିଷ୍ପେସିତ, ଦୁଷ୍କର୍ମର ଶିକାର ଆଇନ ସହାୟତା ତଥା ସୁରକ୍ଷା ଦୃଷ୍ଟିକୋଣରୁ ପୁଲିସ ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର ପରେ ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶକ୍ରମେ ୱାନ ଷ୍ଟପ ସେଣ୍ଟରରେ ଛଡା ଯାଇଥାଏ। ସୁରକ୍ଷା ଦୃଷ୍ଟି କୋଣରୁ ସୁରକ୍ଷିତ ସ୍ଥାନ ଭାବି ଏଠାରେ ଅନ୍ତେବାସୀଙ୍କୁ ରଖା ଯାଉଛି। ଜଳେଶ୍ୱର ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ଥିବା ନେଇ ନାବାଳିକଙ୍କ ମାଆ ଜଳେଶ୍ୱର ଥାନାରେ ଜୁଲାଇ ୨୨ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ନାବଳିକାଙ୍କୁ ଗତ ଅଗଷ୍ଟ ୨୨ ତାରିଖରେ ସ୍ଥାନୀୟ ଅଞ୍ଚଳରୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। ପୁଲିସ କୋର୍ଟର ବିଚାରପତିଙ୍କ ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ ପରେ ବିଭିନ୍ନ ସମସ୍ୟା ଦେଖାଇ ଶିଶୁ ମଙ୍ଗଳ କମିଟିରେ ଗତ ୨୨ ତାରିଖରେ ହାଜର କରିଥିଲା। ପରେ ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶ କ୍ରମେ ସୁରକ୍ଷା ଦୃଷ୍ଟିକୋଣରୁ ନାବାଳିକାଙ୍କୁ ଫକୀର ମୋହନ ମେଡିକାଲ ପରିସରରେ ଥିବା 'ସଖୀ' ୱାନ ଷ୍ଟପ ସେଣ୍ଟରରେ ଛାଡ଼ିଥିଲା। ହେଲେ ସୁରକ୍ଷା ଦାୟିତ୍ୱରେ ଥିବା ସେଣ୍ଟରର କର୍ମଚାରୀଙ୍କ ଅବହେଳା ପାଇଁ ଗତ ୨୯ ତାରିଖରେ ଗଣେଶ ଠାକୁର ଭସାଣୀ ଚାଲିଥିବା ବେଳେ ସନ୍ଧ୍ୟା ସମୟରେ ନାବାଳିକାଜଣକ ଫେରାର ହୋଇ ଯାଇଥିଲା। ଏକା ନାବାଳିକା ନୁହନ୍ତି ବରଂ ପୁଲିସ ଉଦ୍ଧାର କରି ଦାୟିତ୍ୱରେ ରଖିବା ପାଇଁ ଦେଇଥିବା ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳର ଜଣେ ୧୯ ବର୍ଷୀୟ ଯୁବତୀ ମଧ ସେହି ଉକ୍ତ ସଖୀ ୱାନ ଷ୍ଟପ ସେଣ୍ଟରରୁ ଫେରାର ହୋଇ ଯାଇଥିଲେ। ଏ ବାବଦରେ ସେଣ୍ଟର ଅଧିକାରୀଙ୍କ ନିକଟରେ ସୂଚନା ନାହିଁ। କର୍ମଚାରୀ ଶୌଚାଳୟକୁ ଯାଇଥିବା ସମୟରେ ୨ ଅନ୍ତେବାସୀ ଚାବି ଖୋଲି ଲୁଚି ପଳାଇ ଥିବାର ଅଜବ ଉତ୍ତର ରଖିଛନ୍ତି ୱାନ ଷ୍ଟପର ପରିଚାଳକ ଗୋପାଳ କୃଷ୍ଣ କର। ସେପଟେ ୨ ଅନ୍ତେବାସୀ ନିଖୋଜ ହେବା ନେଇ ବାଲେଶ୍ୱର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ନିଖୋଜକୁ ୯ ଦିନ ବିତିଥିଲେ ସୁଦ୍ଧା ୨ ଫେରାର ଅନ୍ତେବାସୀଙ୍କୁ ଉଦ୍ଧାର କରିବାରେ ପୁଲିସ ବିଫଳ ହୋଇଛି।

ମାତ୍ର ୬ ଜଣ ଅନ୍ତେବାସୀ ଥିବାବେଳେ ସେଠାରେ ୧୩ ଜଣ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସନ୍ଧ୍ୟା ସମୟରେ ଚାବି ଖୋଲି ନାବାଳିକା ଫେରାର ହେବା ପଛରେ ବିଭାଗୀୟ କର୍ମଚାରୀ କିମ୍ବା ଅଧିକାରୀଙ୍କ ହାତ ଅଛି କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାକୁ ୯ ଦିନ ବିତିଥିଲେ ମଧ ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ।

### ମତାମତ

▸ ସେଦିନ ଗଣେଶ ପୂଜା ଭସାଣୀରେ ପୁଲିସ ବ୍ୟସ୍ତ ଥିଲା, ସନ୍ଧ୍ୟାରେ ଆମ କର୍ମଚାରୀ ଶୌଚ ହେବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ତାଲା ଖୋଲି ୨ ଅନ୍ତେବାସୀ କୁଆଡେ ପଳାଇ ଯାଇଛନ୍ତି। ବାଲେଶ୍ୱର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କୁ ମଧ ଅବଗତ କରିଛୁ।

**ଗୋପାଳକୃଷ୍ଣ କର, ପରିଚାଳକ ସଖୀ ୱାନ ଷ୍ଟପ ସେଣ୍ଟର**

▸ ନାବାଳିକାଙ୍କ ମାଆଙ୍କ ପକ୍ଷରୁ ଅଭିଯୋଗ ପରେ ବିଭିନ୍ନ ସ୍ଥାନରେ ଚଢଉ ପରେ ନାବାଳିକାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲୁ, ବିଚାରପତିଙ୍କ ନିକଟରେ ହାଜର ପରେ ମାଆକୁ ହସ୍ତାନ୍ତର କରିଥିଲେ ସୁଦ୍ଧା ମାଆ ନାବାଳିକାକୁ ନେବାକୁ ଅମଙ୍ଗ ହୋଇଥିଲେ। ତେଣୁ ସୁରକ୍ଷା ଦୃଷ୍ଟିକୋଣରୁ ନାବାଳିକାକୁ ଶିଶୁ ମଙ୍ଗଳ କମିଟିରେ ହାଜର ପରେ ବାଲେଶ୍ୱର ସଖୀ ୱାନ ଷ୍ଟପ ସେଣ୍ଟରରେ ଛାଡିଥିଲୁ। ସେଠାରୁ ସେ କୁଆଡେ ଚାଲି ଯାଇଥିବାର ସୂଚନା ପାଇଛୁ।

**କରନ ମାରାଣ୍ଡି, ମାମଲାର ତଦନ୍ତ ଅଧିକାରୀ, ଜଳେଶ୍ୱର ଥାନା**

▸ ୨ ଅନ୍ତେବାସୀ ସଖୀ ୱାନ ଷ୍ଟପ ସେଣ୍ଟରରୁ ପଳାଇ ଯିବା ଘଟଣାର ତଦନ୍ତ ଚାଲିଛି, ଜିଲ୍ଲାପାଳଙ୍କୁ ମଧ ଅବଗତ କରାଯାଇଛି। ୨ ଅନ୍ତେବାସୀଙ୍କୁ ଉଦ୍ଧାର ପାଇଁ ଟାଉନ ଥାନା ପୁଲିସ ସହ ଯୋଗାଯୋଗରେ ଅଛୁ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ମୃତ୍ୟୁଞ୍ଜୟ ପଣ୍ଡା, ଅଧ୍ୟକ୍ଷ ଜିଲ୍ଲା ଶିଶୁ ମଙ୍ଗଳ କମିଟି**

## ଲାୟନ୍ସ କ୍ଲବ ବାଲେଶ୍ୱର ଏମ୍ପାୱାର ପକ୍ଷରୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୬।୯(ସମିସ): ଗୁରୁଦିବସ ଅବସରରେ ଲାୟନ୍ସ କ୍ଲବ ବାଲେଶ୍ୱର ଏମ୍ପାୱାର ପକ୍ଷରୁ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମତି ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀମତୀ ମଣ୍ଡଳ ଦୀର୍ଘ ୩୨ ବର୍ଷ ଧରି ବିଭିନ୍ନ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ହଜାର ହଜାର ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବିଦ୍ୟାଳୟରେ କ୍ଲବର ସଭାପତି ରିତିକ ଜି, ପୂର୍ବତନ ସଭାପତି ମିତା ମାନ୍ନା, ନିର୍ଦ୍ଦେଶକ ସେଖ ଆୟୁବ, ନିର୍ଦ୍ଦେଶକ ବିଶ୍ୱରୂପ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମୋମେଣ୍ଟୋ, ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଅଭୟ କୁମାର ଦାସ, ବଳରାମ ସାମଲ, ଅଜିତ ବେହେରା, ପୁଷ୍ପାଞ୍ଜଳି ସାହୁ, ଲିଜା ଦିବେଦୀ, ମମତା ନାୟକ, ମମତା ହାଜରା, ରୁମାରାଣୀ ଚୌହ୍ୱାନ, ମମତା ଦେ, ଜୟନ୍ତୀ ଦାସ, ଶାଶ୍ୱତ ମହାପାତ୍ର, ମାନସ ରଞ୍ଜନ ଦାସ, ଜୟନ୍ତୀ ଦାସ, ମାନସୀ ଆଚାର୍ଯ୍ୟ, ଝରଣା ମଲ୍ଲିକ, ବବିତା ଗିରିଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ଭାରତୀୟ ଜୀବନ ବୀମା ନିଗମ ବାଲେଶ୍ୱର ଶାଖାର ବୀମା ସପ୍ତାହ ଉଦ୍‌ଯାପିତ

ବାଲେଶ୍ୱର, ୬।୯ (ସମିସ): ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ବାଲେଶ୍ୱର ଶାଖା ପକ୍ଷରୁ ଚାଲିଥିବା ୬୯ ତମ ବୀମା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଶାଖା ମୁଖ୍ୟ ପ୍ରବନ୍ଧକ ମୃଣ୍ମୟ କୁମାର ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲେ। ଏଥିସହିତ ୬୯ ବର୍ଷରେ ପହଞ୍ଚିଥିବା ଜୀବନ ବୀମା ନିଗମର ବ୍ୟବସାୟିକ ସଫଳତା ସାଙ୍ଗକୁ ଜନସେବାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ଶାଖାର ପ୍ରଶାସନିକ ପ୍ରବନ୍ଧକ ହରେକୃଷ୍ଣ ବେବେର୍ତ୍ତା, ମନୋଜ ରଂଜନ ଦାସ ଓ ବୀମା ପ୍ରବନ୍ଧକ ବୁଦ୍ଧିରାମ ସିଂ ମଞ୍ଚାସୀନ ହୋଇ ଏଲଆଇସି ବାଲେଶ୍ୱର ଶାଖାର କାର୍ଯ୍ୟଧାରା ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ବିଦ୍ୟାଳୟ ଛାତ୍ରଛାତ୍ରୀ, ଜୀବନ ବୀମା ନିଗମ କର୍ମଚାରୀ ଓ ଅଭିକର୍ତ୍ତାଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏଥିରେ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ଅଭିକର୍ତ୍ତା ଅଞ୍ଜନ କୁମାର ସାହୁ ଶେଷରେ ଧନ୍ୟବାଦ ଦେଇଥିଲେ। ସୁସ୍ମିତା ଦାସ, ସସ୍ମିତା ବେହେରା, ମଞ୍ଜୁଲତା ସେଠୀ, ଅଞ୍ଜୁପ୍ରଭା ବହେରା, ଅଶୋକ କୁମାର ସ୍ୱାଇଁ, ଶିବାଶିଷ ବରର୍ତ୍ତୀ, ଗିରିଜା ଶଙ୍କର ବେହେରା, ଭାଗିରଥୀ ପାତ୍ର, ବସନ୍ତ କୁମାର ପୁହାଣ, ସୁଧୀର କୁମାର ବଳ, ରଶ୍ମିରଂଜନ ଜେନା, ବିପ୍ଳବ କୁମାର ମହାନ୍ତି, କୌଶିକ ପଣ୍ଡା, ଅଜିତ କୁମାର ଦେଙ୍କ ପ୍ରମୁଖଙ୍କ ସମେତ ଶାଖାର ବିଭିନ୍ନ ବିଭାଗ ଅଧିକାରୀ, କର୍ମଚାରୀ ଓ ଅଭିକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୮ରୁ 'ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ' ପାଳନ

ବାଲେଶ୍ୱର, ୬।୯(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସନ୍ତା ୮ରୁ ୧୨ ସେପ୍ଟେମ୍ବର ପର୍ଯ୍ୟନ୍ତ 'ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ-୨୦୨୫' ପାଳିତ ହେବ। ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ଆଲୋକିତ କରିବା, ନିରବତାକୁ ଭାଙ୍ଗିବା, ଯୁବମନଙ୍କୁ ସଶକ୍ତ କରିବା ଓ ସାମୂହିକ ସମର୍ଥନର ସଂସ୍କୃତିକୁ ଦୃଢ଼ କରିବା ଇତ୍ୟାଦି ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ରହିଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସଂକଳିତ କାର୍ଯ୍ୟକ୍ରମ ମଧ୍ୟରେ ୮ ସେପ୍ଟେମ୍ବରରେ ସଂଶ୍ଳିଷ୍ଟ ମହାବିଦ୍ୟାଳୟଗୁଡ଼ିକରେ ସଚେତନତା ବ୍ୟାଖ୍ୟାନ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହେବ। ୯ ସେପ୍ଟେମ୍ବରରେ ନିବନ୍ଧ, ଚର୍ଚ୍ଚା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହେବ। ୧୦ ସେପ୍ଟେମ୍ବରରେ ଇଣ୍ଟର୍‌ଆକ୍ଟିଭ ସେମିନାର ଓ "ମେଣ୍ଟାଲ୍ ହେଲଥ୍ ଫାର୍ଷ୍ଟ-ଏଡ୍' ଟ୍ରେନିଙ୍ଗ ପ୍ରଖ୍ୟାତ ମନୋବିଜ୍ଞାନୀ ପ୍ରଫେସର ଅଜିତ କୁମାର ମହାନ୍ତି, ଡ଼କ୍ଟର ନରେନ୍ଦ୍ର ସିଂହ ଥଗୁଣା (ଆଭାସୀ ମାଧ୍ୟମ), ଡ. ଶଶୀମଣି ମିଶ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ। ୧୧ ସେପ୍ଟେମ୍ବରରେ 'ମାନସିକ ସ୍ୱାସ୍ଥ୍ୟ ଓ ସୋସିଆଲ୍ ମିଡିଆ ଡିଜିଟାଲ୍ ଜୀବନରେ ସମତୁଳନ' ବିଷୟରେ କର୍ମଶାଳା ଆୟୋଜିତ ହେବ। ୧୨ ସେପ୍ଟେମ୍ବରରେ ଆଞ୍ଚଲ ରେଖାଣୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ସଚେତନତା ସଭା ସହିତ ଏହି ସପ୍ତାହ ଶେଷ ହେବ।

## ଇନଟାକ୍ ବାଲେଶ୍ୱର ଚାପ୍ଟରର ସ୍ୱନକ୍ଷତ୍ର ଉତ୍ସବ




ବାଲେଶ୍ୱର, ୬।୯(ସମିସ): ଇଣ୍ଡିଆନ ନ୍ୟାସନାଲ ଟ୍ରଷ୍ଟ ଫର୍ ଆର୍ଟ ଏଣ୍ଡ କଲଚୁରାଲ ହେରିଟେଜ୍ "ଇନଟାକ୍' ପକ୍ଷରୁ ବାଲେଶ୍ୱର ଚାପ୍ଟରର ୧୬ତମ ସ୍ୱନକ୍ଷତ୍ର ଦିବସ ଉଦ୍ୟୋଗ ଭବନରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ବରିଷ୍ଠ ଅଧିକାରୀ ଜ୍ଞାନରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପୁରାତନ ଐତିହ୍ୟ ସଂରକ୍ଷଣ କରିବାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥଲେ। ଇନଟାକ୍‌ର ରାଜ୍ୟ ଆବାହକ ବିଶ୍ୱଜିତ ମହାନ୍ତି ବହୁ ପୁରାତନ ଐତିହ୍ୟର ସୁରକ୍ଷା ନେଇ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ବାଲେଶ୍ୱର ଚାପ୍ଟରର ଆବାହକ ଉଦୟ ରଂଜନ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସହ ଆବାହକ ଯୁବଦ୍ୟୋଗୀ ସଂଗ୍ରାମ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ସମ୍ପାଦିତ ସ୍ମରଣିକା "ପରମ୍ପରା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଲି ଗୋହିରି ରତ୍ନାକର ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଖିଳ କୁମାର ଦାସ ମାନପତ୍ର ପାଠ କରିଥିଲେ। ଏହା ସହିତ ପୂର୍ବରୁ ଆୟୋଜିତ ସେଲିବ୍ରେଟିଂ ଇଣ୍ଡିଆ, ବିଶ୍ୱ ଐତିହ୍ୟ ଦିବସରେ ଚିତ୍ରକଳା ପ୍ରତିଯୋଗିତା ଓ ସିଟି ରାଉଣ୍ଡ ଅଫ ହେରିଟେଜ୍ କୁଇଜ୍ ପ୍ରଭୃତି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଲିଭା ଦାସ ଓ ସଂଘମିତ୍ରା ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅତିରିକ୍ତ ସହ ଆବାହକ ଅର୍ଚ୍ଚନା ନନ୍ଦୀ, ମାତୃଦତ୍ତ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ହରେନ ରଣା ଧନ୍ୟବାଦ ଦେଇଥିଲେ। ଭାବଗ୍ରାହୀ ମହାନ୍ତି, ଯଶୋଦା ନନ୍ଦନ ଆଶ, ସୌରଭ କୁମାର ବେହେରା, ଶିତିକଣ୍ଠ ଦୀକ୍ଷିତ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୁଲଗ୍ନା ପବ୍ଲିକ ସ୍କୁଲ ପକ୍ଷରୁ ଗୁରୁ ଦିବସ



ବାଲେଶ୍ୱର, ୬।୯ (ସମିସ): ସୁଲଗ୍ନା ପବ୍ଲିକ ସ୍କୁଲ ପକ୍ଷରୁ ପବିତ୍ର ଗୁରୁ ଦିବସ ପାଳିତ ହୋଇଛି। ଆୟୋଜିତ ସମାରୋହରେ ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ମଧୁସ୍ମିତା ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍?ାରା ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, କବିତା ଆବୃତ୍ତି ସହ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବାଲେଶ୍ୱର, ମଠସାହି, ସରିତା ନଗରସ୍ଥିତ ସୁଲଗ୍ନା ପରିସରରେ ପାଳିତ ଗୁରୁଦିବସ ପାଳନ ସମାରୋହରେ ସୁଲଗ୍ନା ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ପ୍ରତିଷ୍ଠାତା ଡ. ଘନଶ୍ୟାମ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡ଼. ଶଙ୍କର୍ଷଣ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦୈନିକ ଅପରାହ୍ନର ସମ୍ପାଦକ ବଂଶୀଧର ଜେନା, ସୁଲଗ୍ନା ଡ଼ିଗ୍ରୀ କଲେଜର ପ୍ରିନ୍ସିପାଲ ଡ଼. ଧରଣୀଧର ପୋଷ, ସୁଲଗ୍ନା ଯୁକ୍ତ ୨ କଲେଜର ପ୍ରିନ୍ସପାଲ୍ ପ୍ରଫେସର ଚକ୍ରଧର ସାହୁ, ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ସଭାରେ ଉପସ୍ଥିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରାଯିବା ପରେ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଇଂରାଜୀ ଅଧ୍ୟାପକ ଶ୍ରୀ ଜେନ୍ ମଞ୍ଚ ସଂଚାଳନ କରିଥିଲାବେଳେ ଅଧ୍ୟାପକ ଆର୍ଯ୍ୟବ୍ରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ମିନି ଏବଂ ସବ୍‌ଜୁନିଅର ରାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ବାଲେଶ୍ୱର, ୬।୯(ସମିସ): ବ୍ୟାଡମିଣ୍ଟନ ସଂଘ ଏବଂ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ସ୍ଥାନୀୟ ଆଇଟିଆଇସ୍ଥିତ ବିଜୁ ପଟ୍ଟନାୟକ ଇନଡୋର୍ ଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ମିନି (୯ ବର୍ଷରୁ ଓ ୧୧ ବର୍ଷରୁ କମ୍) ଏବଂ ସବ୍ ଜୁନିଅର ରାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ପ୍ରାୟ ୨୫୦ରୁ ଉଦ୍ଧ୍ୱର୍ ଖେଳାଳୀ ଅଂଶଗ୍ରହଣ କରିଛନ୍ତି। ବାଲେଶ୍ୱର ଜିଲ୍ଲାରୁ ୩୫ ଜଣ ଖେଳାଳି (ବାଳକ/ବାଳିକା) ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ଏହି ପ୍ରତିଯୋଗିତା ସୁଚାରୁରୂପେ ପରିଚାଳନା ପାଇଁ ସ୍ୱୀକୃତି ପ୍ରାପ୍ତ ୨୫ ଜଣ ଅମ୍ପାୟାରଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଉପଜିଲ୍ଲାପାଳ ଶିବ ମାଳବ୍ୟ ମୁଖ୍ୟଅତିଥି, ସମାଜସେବୀ ଡ. ଶାନ୍ତନୁ ଦାସ ମୁଖ୍ୟବକ୍ତା ଏବଂ ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସଭାପତି ଚିନ୍ମୟ ବିଶ୍ୱାଳ, ସଚିବ ମନୋରଞ୍ଜନ ପଣ୍ଡା, ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଯୁଗ୍ମ ସଚିବ ଜୟପ୍ରକାଶ ସିଂ, ପ୍ରତିଯୋଗିତା ନିର୍ଦ୍ଦେଶକ ସମୀର କାନ୍ତ ଦାସ, ପ୍ରତିଯୋଗିତା ନିରୀକ୍ଷକ ନିରଞ୍ଜନ ବିଶ୍ୱାଳ, ବାଲେଶ୍ୱର ଡିଆଇପିଆରଓ ରାଜେଶ ପ୍ରିୟଦର୍ଶୀ, ଅମ୍ପାୟାର ନିରୀକ୍ଷକ ସୁଭାଷ ସାହୁ, ମୁଖ୍ୟ ଖେଳ ପରିଚାଳକ ଲକ୍ଷପତି ନନ୍ଦ, ୟୁକୋ ବ୍ୟାଙ୍କର ମୁଖ୍ୟ ଆଞ୍ଚଳିକ ପରିଚାଳକ ସୁଦୀପ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ପାଞ୍ଚଦିନିଆ ମଧ୍ୟସ୍ଥତା ତାଲିମ୍ କର୍ମଶାଳା ଉଦ୍‌ଯାପିତ



ବାଲେଶ୍ୱର, ୬।୯(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର, ଭଦ୍ରକ ଏବଂ ଯାଜ୍‌ପୁର୍ ମନୋନୀତ ଆଇନ୍‌ଜୀବୀମାନଙ୍କ ପାଇଁ ଆୟୋଜିତ ୫ ଦିନିଆ/ ୪୦ ଘଂଟିଆ ମଧ୍ୟସ୍ଥତା ତାଲିମ୍ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର ଅଧ୍ୟକ୍ଷତା କରି ମଧ୍ୟସ୍ଥତା ବିବାଦର ସମାଧାନ ପ୍ରକ୍ରିୟାରେ ଏକ ଅବିଚ୍ଛେଦ୍ୟ ଅଂଶବିଶେଷ ବୋଲି ମତ ରଖିଥିଲେ। ଉପରୋକ୍ତ ସମାରୋହରେ ସର୍ବୋଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା ଏବଂ ସମନ୍ୱୟ ପ୍ରକଳ୍ପ କମିଟିର ବରିଷ୍ଠ ପ୍ରଶିକ୍ଷକ ନୀନା ଖରେ ଏବଂ ବରୁଣା ଭଣ୍ଡାରୀ, ଜିଲ୍ଲା କୋର୍ଟ ବାଲେଶ୍ୱରର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ, ଜିଲ୍ଲା ବାର ଏସୋସିଏସନ୍ ସଭାପତି କେଶବ ଚନ୍ଦ୍ର ଆଚାର୍ଯ୍ୟ, ସମ୍ପାଦକ ସମ୍ବିତ୍ କୁମାର ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ସଚିବ ତଥା ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ୍ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର, ୬।୯(ସମିସ): ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମେ ଆଇ ହେଲ୍ପ ୟୁ' ର ମିଳିତ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶୋଭାରାମପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ଏହି ଶିବିରରେ ୬୦ ବର୍ଷରୁ ଉର୍ଦ୍ଧ ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ବଣ୍ଟନ କରାଯାଇଥିଲା। ଏଥି ସହିତ ୭୦ ବର୍ଷରୁ ଉର୍ଦ୍ଧ ବରିଷ୍ଠ ନାଗରିକ ମାନଙ୍କର ଆୟୁଷ୍ମାନ ବୟବନ୍ଦନା ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରସ୍ତୁତି କରାଯାଇଥିଲା। ଏହି ଶିବିରରେ ଡାକ୍ତର ଶୁଭଶ୍ରୀ ସାହୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ରାସ୍ତା ନିର୍ମାଣ ଲାଗି ବିଡିଓଙ୍କୁ ଦାବିପତ୍ର


ଜଳେଶ୍ୱର, ୬।୯ (ସମିସ): ଜଳେଶ୍ୱର ବ୍ଲକର ବର୍ତନା ପଂଚାୟତ ଅଧିନ ସେହି ଗାଁରେ ରାସ୍ତାର ଅବସ୍ଥା ଅବର୍ଣ୍ଣନୀୟ। ଗାଁର ଦକ୍ଷିଣସାହିରେ ଥିବା ରାମଚନ୍ଦ୍ର ବେହେରା ଘରଠାରୁ ଶ୍ୟାମ ଜେନା ଛକ, ଶ୍ୟାମ ଜେନା ଛକଠାରୁ ମୂରଲୀଧର ଜେନା ଘର ଓ ରାମଚନ୍ଦ୍ର ବେହେରା ଘରଠାରୁ ବର୍ତ୍ତନା ୟୁପି ସ୍କୁଲ ପର୍ଯ୍ୟନ୍ତ ରାସ୍ତାର କାଦୁଅରେ ପରିପୂର୍ଣ୍ଣ। କାର୍ତ୍ତିକ ବେହେରା ଘରଠାରୁ ଶ୍ୟାମସୁନ୍ଦର ଜେନାଙ୍କ ଘର ପର୍ଯ୍ୟନ୍ତ ରାସ୍ତା ମରାମତି ଲାଗି ପିଇଓ ମନୋଜ କୁମାର ଟୁଡୁଙ୍କ ନାମରେ ୪୩୨୧୦ ଟଙ୍କା ପୈଠ ହୋଇଥିଲେ ମଧ ଅଦ୍ୟାବଧି କୌଣସି ମରାମତି କରାଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ସରପଂଚ ପ୍ରତିନିଧି ପଦ୍ମଲୋଚନ ବେହେରାଙ୍କୁ ପଚାରିବାରୁ ଉପରୋକ୍ତ ରାସ୍ତା ଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ଲାଗି ପ୍ରୟାସ ଚାଲିଛି। ଅତି ଆବଶ୍ୟକ ହେଉଥିବା ରାସ୍ତାରେ ଖୁବ୍‌ଶୀଘ୍ର ମରାମତି କରାଯିବ। ପୂର୍ବରୁ କାର୍ତିକ ବେହେରା ଘରଠାରୁ ବର୍ତନା ୟୁପି ସ୍କୁଲ ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇଥିଲେ ମଧ ଏବେ ପୁଣି ତାହା ଖରାପ ହୋଇଯାଇଥିବା କହିଛନ୍ତି। ତେଣୁ ରାସ୍ତା ଗୁଡିକୁ ଉନ୍ନତିକରଣ କରାଯିବା ସହିତ କଂକ୍ରିଟ କିମ୍ବା ପିଚୁ ରାସ୍ତାରେ ରୂପାନ୍ତରିତ କରାଯିବା ଲାଗି ଗ୍ରାମର ବିଜୟ ସାମଲ, ତ୍ରିଲୋଚନ ଦାସ, ତପନ ଜେନା, ରବିନ୍ଦ୍ର ନାଥ ଜେନା, ଶ୍ରୀକାନ୍ତ ଜେନା, ଅକ୍ଷୟ ଜେନା, ଚନ୍ଦନ ଜେନା ପ୍ରମୁଖ ବିଡିଓଙ୍କୁ ଲିଖିତଭାବେ ଦାବି କରିଛନ୍ତି।

## ଯାନ୍ତ୍ରିକ ତ୍ରୁଟି; ଦେଢ ଘଣ୍ଟା ଅଟକିଲା କରମଣ୍ଡଳ ଏକ୍ସପ୍ରେସ

ବାଲେଶ୍ୱର, ୬।୯ (ସମିସ) : ବାଲେଶ୍ୱର ହଳଦୀପଦା ଷ୍ଟେସନ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଯାତ୍ରୀବାହୀ ଚେନାଇ ହାୱଡ଼ା କରମଣ୍ଡଳ ଏକ୍ସପ୍ରେସ ଟ୍ରେନ ଦୀର୍ଘ ଦେଢ ଘଣ୍ଟାରୁ ଅଧିକ ସମୟ ଅଟକିଥିବା ବେଳେ ଇଞ୍ଜିନ ସଜଡାଯିବା ପରେ ଗନ୍ତବ୍ୟ ସ୍ଥଳକୁ ଯାଇଥିବା ଜଣାପଡିଛି। ଆଜି ଡାଉନ ଲାଇନରେ ୧୨୮୪୨ ଚେନାଇ ହାୱଡ଼ା କରମଣ୍ଡଳ ଏକ୍ସପ୍ରେସ ଚେନାଇରୁ ହାୱଡ଼ା ଅଭିମୁଖେ ଫେରୁଥିଲା। ସକାଳ ୬.୪୩ ମିନିଟ୍ ସମୟରେ ହଳଦୀପଦା ଷ୍ଟେସନ ନିକଟରେ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ପାଇଁ ଅଟକିଥିଲା। ରେଳ ବିଭାଗର ଇଞ୍ଜିନିୟର ପହଞ୍ଚି ଯାନ୍ତ୍ରିକ ତ୍ରୁଟି ଥିବା ଟ୍ରେନ ଇଞ୍ଜିନକୁ ସଜାଡ଼ିବା ପରେ ଟ୍ରେନ ୮.୫୬ ସମୟରେ ଗନ୍ତବ୍ୟସ୍ଥଳ ହାୱଡ଼ାକୁ ଯାଇଥିବା ଜଣାପଡିଛି। ଦୀର୍ଘ ଦେଢ ଘଣ୍ଟାରୁ ଅଧିକ ସମୟ ଧରି ଟ୍ରେନ ଅଟକି ରହିବା ଯୋଗୁଁ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ।

# ବାଲେଶ୍ୱର ଜିଲ୍ଲା ମେଡିକାଲରେ ଲିଫ୍ଟ ଅଚଳ

ବାଲେଶ୍ୱର, ୬।୯ (ସମିସ)



ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମସ୍ତ ବିଭାଗ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ରେମୁଣାକୁ ସ୍ଥାନାନ୍ତର ହେବା ପରେ ବାଲେଶ୍ୱରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ସଙ୍କଟକୁ ଠେଲି ଯାଇଛି। ଅବ୍ୟବସ୍ଥା ଭିତରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚାଲିଥିବା ବେଳେ ରୋଗୀ ହନ୍ତସନ୍ତ ହେଉଛନ୍ତି। ମେଡିକାଲରେ ଦୀର୍ଘଦିନ ଧରି ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଲିଫ୍ଟ ମେଡିସିନ ୱାର୍ଡ ଏବଂ ଅସ୍ଥିଶଲ୍ୟ ବିଭାଗ ୱାର୍ଡରେ ଅଚଳ ହୋଇ ପଡି ରହିଛି। ରେମୁଣାରେ ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲ ଖୋଲିବା ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗ ସହ ସହ ସ୍ୱାସ୍ଥ୍ୟ ସେବାରେ ନିଯୁକ୍ତ ଥିବା କର୍ମଚାରୀଙ୍କୁ ସେଠାକୁ ନିଆଯାଇଛି। ରେମୁଣା ମେଡିକାଲରେ ବିଭିନ୍ନ ବିଭାଗର ରୋଗ ପରୀକ୍ଷା ମେସିନ ନ ଥିବା ବେଳେ ବାଧ ହୋଇ ମେଡିକାଲ କଲେଜ ଜିଲ୍ଲା ଚିକିତ୍ସାଳୟ ଉପରେ ନିର୍ଭର କରୁଛି। ଫଳରେ ରୋଗୀମାନେ ରେମୁଣାରୁ ବାଲେଶ୍ୱର ଦୌଡି ଦୌଡି ନୟାନ୍ତ ହେଉଛନ୍ତି। ରୋଗୀ ଆଡମିଶନ ରେମୁଣାରେ ହୋଇଥିବା ବେଳେ ରୋଗ ପରୀକ୍ଷା ମେସିନ ଏବେ ବି ବାଲେଶ୍ୱରରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ରହିଛି। ଫଳରେ ରେମୁଣା ମେଡିକାଲ କଲେଜରୁ ରୋଗ ପରୀକ୍ଷା ପାଇଁ ରୋଗୀଙ୍କୁ ବାଲେଶ୍ୱର ଆଣିବାକୁ ପଡୁଛି। ଏହାର ଫାଇଦା ନେଇ ଅସାଧୁ ଘରୋଇ ଆମ୍ବୁଲାନ୍ସ ଚାଳକ ୧ ହଜାରରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଦାବି କରୁଛନ୍ତି, ରେମୁଣାରୁ ବାଲେଶ୍ୱରକୁ ଦୂରତା ମାତ୍ର ୭ କିମି ହୋଇଥିବା ବେଳେ ରୋଗୀଙ୍କୁ ୭ କିମି ରାସ୍ତା ଯିବାକୁ ହେଲେ ରୋଗୀଙ୍କ ସମ୍ପର୍କୀୟଙ୍କୁ ୧ ହଜାରରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଛି। ଫଳରେ ରୋଗୀ ଯିବା ଆସିବାକୁ ୨ ହଜାରରୁ ୪ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ପରିବହନ ବିଭାଗ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଲିଫ୍ଟ ଅଚଳ ଯୋଗୁଁ ୪ ମହଲା ପର୍ଯ୍ୟନ୍ତ ରୋଗୀମାନଙ୍କୁ ଚଲାଇ ଚଲାଇ ନେବାକୁ ପଡୁଛି। ଅଚଳ ଲିଫ୍ଟ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

# ଜେଜେ



ଗଂଗାଧର ବିଶ୍ୱାଳ


ଜେଜେ ନାମକ ଅନ୍ତରଙ୍ଗ ସଂପର୍କର ମଣିଷ ସହିତ ପରିଚିତ ହେବା ଆଗରୁ ଜେଜେ ଚାଲିଯାଇଥିଲେ। ତେଣୁ ପ୍ରାପ୍ତବୟସ୍କ ହେବା ପରେପରେ ପିଲାଦିନର ମଧୁର ଆଳାପକୁ ମନେ ପକାଇବା ବିନା ମୋର ଆଉ କିଛି ଉପାୟ ନ ଥିଲା। ମୁଁ ଶୁଣିଚି, ଶେଷ ସମୟ ବେଳକୁ ଜେଜେଙ୍କର ପାଗଳାମି ଆରମ୍ଭ ହୋଇଯାଇଥିଲା । କାହାକୁ କ'ଣ କହୁଥିଲେ ଜାଣି ପାରୁନଥିଲେ। ଆମ ଘର ଲୋକମାନେ ଜେଜେଙ୍କ ଅଭଦ୍ରୋଚିତ କଥା ଶୁଣି କିଛି ମନେ କରୁନଥିଲେ । ବରଂ ତାଙ୍କ ମଥା ଠିକ୍ ନାହିଁ କହି ଅତି ସହଜ ଭାବରେ ଗ୍ରହଣ କରୁଥିଲେ ଓ ଜମାରୁ ଗୁରୁତ୍ୱ ଦେଉନଥିଲେ।

ମୋର ମନେପଡୁଚି, ଦିନେ ଦିନେ ଜେଜେଙ୍କୁ ଘର ଭିତରେ ଅଟକ ରଖାଯାଉଥିଲା । କେବଳ ଖାଇବା ସମୟ ହେଇଗଲେ ଖାଦ୍ୟ ନେଇ ଅତି ସତର୍କତାର ସହିତ ଥୋଇ ଦିଆଯାଉଥିଲା । ମୁଁ କବାଟ ଫାଙ୍କରେ ଅତି ସନ୍ତର୍ପଣରେ ଲକ୍ଷ୍ୟ କରୁଥିଲି ଯେ, ଜେଜେ ଖାଦ୍ୟ ତକ ଝାମ୍ପିନେଇ ଘର ଭିତରର ଏକ ନିଛାଟିଆ ଅନ୍ଧାର ଆଡ଼କୁ ଉଠିଯାଉଥିଲେ।

ସେତେବେଳେ ମୁଁ କେବଳ ନିରୀହ ପଶୁପକ୍ଷୀର ନିର୍ଦ୍ଦୟତାରେ ଭିଜିଯିବା ବିନା ମୋର କିଛି କରିବାର ଚିନ୍ତା ବି ନଥିଲା । ହୁଏତ ମୋ ମନ ଭିତରେ ଭାବନାର ଝଡ଼ ଉଠୁଥିଲା ଓ ଯେଉଁ ଜେଜେଙ୍କ ପାଇଁ ଏ ଘର, ଏ ସଂସାର ସେଇ ଜେଜେଙ୍କର ଭଲ ହେବା ପାଇଁ ଆକୁଳତାର ଲେଶମାତ୍ର ଦେଖାଯାଉନଥିଲା ।

ଅବଶ୍ୟ ସେତେବେଳର ଘରୋଇ ଜଞ୍ଜାଳ, ପାରିବାରିକ ଝାମେଲା ଓ ଦାରିଦ୍ର୍ୟ ଯୋଗୁଁ ପେଟ ବିକଳରେ ଆଉ ସବୁ ନିଆରା ହେଇଯାଉଥିବାବେଳେ ବାପା କିମ୍ବା ମା' କେହି ଯେ ବିବ୍ରତ ନଥିଲେ ତାହା ନୁହେଁ, ମାତ୍ର ଅପାରଗତା ଏବଂ ଅକ୍ଷମତା ହିଁ ସମ୍ଭବତଃ ପ୍ରତିବନ୍ଧକର ଉଚ୍ଚ ପାଚେରି ହେଇ ଠିଆହେଇଥିଲା ।

କେବଳ ଖାଇବା କଥା ବୁଝିବା ବ୍ୟତୀତ ତାଙ୍କ ଗାଧୁଆ, ନିତ୍ୟକର୍ମ, ଶୋଇବା ଓ କୁନିକୁନି ନାତି ନାତୁଣୀଙ୍କ ସହିତ ମିଶିବା, ସକାଳ ସଞ୍ଜରେ ବୁଲିଯିବାର ଆନନ୍ଦକୁ କେହି ଚିନ୍ତା ବି କରୁନଥିଲେ। ହୁଏତ ଜେଜେ ବି ଆବଶ୍ୟକ ମନେ କରୁନଥିଲେ ଏସବୁ ।



ମୋର ମନେପଡୁଚି ଜେଜେ ଭଲ ଥିବାବେଳେ ବାରଣ୍ଡାରେ ବସୁଥିଲେ। ବାରଣ୍ଡା ଶେଷରେ ତିଆରି ହେଉଥିବା ମାଟିଲିପା ଶକ୍ତ ପାଚେରି ଭଳି ଉଚ୍ଚସ୍ଥାନଟିରେ ଜେଜେ ବସି ରହୁଥିଲେ । ତାଙ୍କର ତେଲିଆ ଜଙ୍ଘର ନିବିଡ଼ ଆକର୍ଷଣରେ କାନ୍ଥଡ଼ାଟିର ଦେହ ବି ତେଲିଆ ହେଇଯାଇଥିଲା ଓ ସେଠାରେ କେହି ବସିବାକୁ ରାଜି ହେଉନଥିଲେ ।

ବାରଣ୍ଡାର ଦକ୍ଷିଣ ପଟରେ ଗୋଟେ ଝରକା ଥିଲା । ସେଇଟା ସବୁବେଳେ ଖୋଲା ରହୁଥିଲେ ବି ତାଳପତର ତିଆରି ପରଦାରେ ଢାଙ୍କି ରହୁଥିଲା। ପାଖରେ ଗୋଟେ କାଠ ଚେୟାର୍ ପଡୁଥିଲା। ତହିଁରେ ଜେଜେ ବସୁଥିଲେ ଓ କେବେକେବେ ଆମ ଘରେ ରହୁଥିବା ଜଣେ ପାରିବାରିକ ସଭ୍ୟ ଟିପୁ (କୁକୁର) ଏବଂ ଆଉ ଜଣେ ଶଙ୍କି (ବିଲେଇ) ଜେଜେଙ୍କର ଖୁବ୍ ଆପଣାର ହେଇଯାଇଥିଲେ ।

ଯେଉଁ ସମୟରେ ଜେଜେଙ୍କର ଅନ୍ୟମନସ୍କତା ଓ ପାଗଳାମିର ରାଜୁତି ଦେଖାଗଲା, ସେ ସମୟରେ ଆମ ଘରର କେହି ହେଲେ ବି ଜେଜେ ଅଛନ୍ତି, ତାଙ୍କ କଥା ବୁଝିବା ଦରକାର ବୋଲି ଆଦୌ ଜଣାପଡୁନଥିଲା ।

ସମୟ ସମୟରେ ମୁଁ ଖାଇବାବେଳେ ଟିପୁ ଓ ଶଙ୍କି ଆସି ମୋ ପାଖରେ ଘଷିରଞ୍ଜି ହେଉଥିଲେ। ଅଥଚ କୁକୁର ଓ ବିଲେଇ ପ୍ରତି ଅନ୍ତରଙ୍ଗତାର ଅଭାବ ଦେଖାଦେବାରୁ ପାଖ ପଶେଇ ନଦେବାର ଯଥେଷ୍ଟ ଏଲର୍ଜି ଦେଖାଗଲା। ମୁଁ ଯେବେ ସେମାନଙ୍କୁ ମାରି ଗୋଡ଼େଇଲି ସେମାନେ ଆଶ୍ରୟ ଭିକ୍ଷା ପାଇଁ ଜେଜେଙ୍କ ରୁଦ୍ଧ କୋଠରି ଭିତରକୁ ପଶିଯାଉଥିଲେ।

କୁକୁର ଓ ବିଲେଇର ଅବାଧ ପ୍ରବେଶ ଦେଖି ମୁଁ ବିସ୍ମିତ ହେଇ ଯାଉଥିଲି । କାରଣ ଜେଜେଙ୍କ ପାଖକୁ ଯିବାକୁ କେହି ଆମେ ସାହସ କରୁନଥିବାବେଳେ ସେ ଦୁଇ ଜଣଙ୍କ ଯିବା ଆସିବା କଥା ଚିନ୍ତାକଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ। ସତ କହିବାକୁ ଗଲେ, ଜେଜେଙ୍କ କାର୍ଯ୍ୟକଳାପ ଦେଖିବା ପାଇଁ ଓ ଖାଦ୍ୟ ଦେବାପାଇଁ ଟିଣ କବାଟରେ ଗୋଟେ ଫାଙ୍କ ତିଆରି ହେଇଥିଲା ।

କିଛି ସମୟ ପରେ ଟିପୁ ଓ ଶଙ୍କି ଫେରିଆସି ବାହାର ବାରଣ୍ଡାରେ ବସି ରହୁଥିଲେ । ମୁଁ ଯେତେବେଳେ ବାହାରକୁ ଯାଉଥିଲି ଦେଖୁଥିଲି କୁକୁର ଓ ବିଲେଇ ଜନ୍ମରୁ ଘୋଡ଼ା-ମଇଁଷି କିମ୍ବା ସାପ-ନେଉଳର ସଂପର୍କରେ ପରିଚିତ ଥିବାବେଳେ ଟିପୁ ଓ ଶଙ୍କି ବ୍ୟତିକ୍ରମ କାହିଁକି ?

କେବେ ଜେଜେଙ୍କର ଦେହାନ୍ତ ହେଲା ମନେ ନାହିଁ । କିନ୍ତୁ ଘରର ଏକମାତ୍ର ନାତି ଭାବରେ ମୁଁ ତାଙ୍କ ଶବ ସହିତ ମଶାଣିକୁ ଯାଇଥିଲି। ମୋ ବାପା ଜେଜେଙ୍କୁ ମୁଖାଗ୍ନି ଦେଇଥିଲେ। ଗାଁ ରାସ୍ତା ଶେଷ ବରଗଛ ପାଖ ଫେରନ୍ତା ରାସ୍ତାରେ ଦେଖିଥିଲି, ଟିପୁ ଓ ଶଙ୍କି ଏକାଠି ବସି ଶୋକ ପାଳନ କରୁଥିଲେ।

ଏହାପରେ ଆମ ଘରେ ମୁଁ ଆଉ କେବେ ଟିପୁ ଓ ଶଙ୍କିକୁ ଦେଖିବାକୁ ପାଇନି କିମ୍ବା ଏପର୍ଯ୍ୟନ୍ତ ପୋଷା କୁକୁର କି ପୋଷା ବିଲେଇ ଆମ ଘରେ ରହିଥିବାର ପ୍ରମାଣ ବି ନାହିଁ ।


ଅବଶ୍ୟ ପ୍ରତିବର୍ଷ ଜେଜେଙ୍କ ଶ୍ରାଦ୍ଧ ବାର୍ଷିକୀରେ ମୋ ବାପା ବେଶ୍ ତତ୍ପର ଜଣାଯାଉଛନ୍ତି। ସେଇଦିନରେ ମୁଁ ଟିପୁ ଓ ଶଙ୍କି କଥା ମନେପକାଉଛି । ■

'ଆମ ଘର'
ନିଉ କଲୋନି, ନେଳିଆବାଗ
ଶ୍ରୀକଣ୍ଠପୁର
ବାଲେଶ୍ୱର-୭୫୬୦୦୧
ମୋ: ୯୪୩୭୧୨୯୨୬୫

# ପୁସ୍ତକ ପରିଚୟ

## ଜୀବନର ମୋଜାଇକ୍

ଡକ୍ଟର ମୌସୁମୀ ପରିଡ଼ା





ଶୌର୍ଯ୍ୟ ପ୍ରକାଶନ
ଓଡ଼ିଆ ବଜାର,
କଟକ-୭୫୩୦୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୮୦ ଟଙ୍କା

ନିକଟ ଅତୀତରେ ପ୍ରକାଶ ପାଇଛି କଥାକାର ଡକ୍ଟର ମୌସୁମୀ ପରିଡ଼ାଙ୍କ 'ଜୀବନର ମୋଜାଇକ୍' ପୁସ୍ତକ। ଏହି ପୁସ୍ତକରେ 'କୃଷ୍ଣଗର୍ଭ' ଓ 'ଦୁଶ୍ଚରିତ୍ରା' ଶୀର୍ଷକ ଦୁଇଟି ଉପନ୍ୟାସ ସଂକଳିତ ହୋଇଛି। ପ୍ରେମ ମଣିଷ ମନରେ ବୁଣି ଦିଏ ରଙ୍ଗିନ ସ୍ୱପ୍ନ। ତେବେ ସବୁ ସ୍ୱପ୍ନ ସତ ହୁଏନା। ସବୁ ପ୍ରେମ ସଫଳ ହୁଏନା। ହୃଦୟର ଅନେକ କଥା ମନ ଭିତରେ ଚାପି ହୋଇ ରହିଯାଏ। ଏଭଳି ପ୍ରେମ ଓ ନାମହୀନ ସଂପର୍କକୁ ନେଇ ଗତିଶୀଳ ହୋଇଛି 'କୃଷ୍ଣଗର୍ଭ' ଉପନ୍ୟାସର କାହାଣୀ। ଶୁଭ ଓ ମୁକ୍ତାଙ୍କ ମନର ଭାବନା, ହୃଦୟର ଅନାବିଳ ପ୍ରେମ, ପରସ୍ପର ପ୍ରତି ବିଶ୍ୱାସ ଓ ଭଲ ପାଇବା ରହିଯାଇଛି ନିଜ ନିଜ ଭିତରେ। ସମୟ ଚକ୍ରରେ ଉଭୟେ ପାଲଟି ଯାଇଛନ୍ତି ଦୁଇଟି ଭିନ୍ନ ପଥର ଯାତ୍ରୀ। ଜୀବନ, ପ୍ରେମ, ମାନବୀୟ ସଂପର୍କର କମନୀୟ ଭାବ ପ୍ରସ୍ଫୁଟିତ ଫୁଟି ଉଠିଛି 'କୃଷ୍ଣଗର୍ଭ' ଉପନ୍ୟାସରେ। ସେହିପରି 'ଦୁଶ୍ଚରିତ୍ରା' ଉପନ୍ୟାସରେ ମାନବୀୟ ଆବେଗ, ଆତ୍ମୀୟତା, ପ୍ରେମକୁ ନେଇ ଏହାର କାହାଣୀ ଗତିଶୀଳ। ଉପନ୍ୟାସଟିକୁ ସରଳ ଓ ସୁଖପାଠ୍ୟ କରିବା ପାଇଁ ନଅଟି ଭାଗରେ ବିଭକ୍ତ କରାଯାଇଛି। ପରିସ୍ଥିତିରେ ପଡ଼ି ଜଣେ ନାରୀ ସମାଜ ପାଇଁ କିଭଳି ଦୁଶ୍ଚରିତ୍ରା ପାଲଟି ଯାଇଛି, ତାହା ଏହି ଉପନ୍ୟାସରେ ପ୍ରସ୍ଫୁଟିତ ହୋଇଉଠିଛି। ଶିବାନୀ, ଅମର, ବିମଳେନ୍ଦୁ, ଭବାନୀ, ଅଞ୍ଜନା ଦେବୀ, ମୈତ୍ରୀ ଅପା, କ୍ରାନ୍ତି ଭାଇ ପ୍ରଭୃତି ଚରିତ୍ର ଉପନ୍ୟାସର କାହାଣୀକୁ ରୋମାଞ୍ଚିତ କରିଛନ୍ତି। 'କୃଷ୍ଣଗର୍ଭ' ଓ 'ଦୁଶ୍ଚରିତ୍ରା' ଉପନ୍ୟାସର କାହାଣୀ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ। ■

## ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ

ପୂର୍ଣ୍ଣଚନ୍ଦ୍ର ପଧାନ




ତରାବତୀ ପଧାନ
ଭୈନାତୋରା
ଅମ୍ବାଭୋନା, ବରଗଡ଼
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ବିରଚିତ 'ଶ୍ରୀମଦ୍‌ଭାଗବତ' ଓଡ଼ିଆ ଜାତିର ଏକ ଅମୂଲ୍ୟ ସଂପଦ। ପ୍ରତିଟି ଓଡ଼ିଆ ଘରେ ଏହାକୁ ଶ୍ରଦ୍ଧା ଓ ଭକ୍ତିର ସହିତ ପୂଜା କରାଯାଏ। ଓଡ଼ିଆ ଭାଗବତକୁ ଅନୁସରଣ କରି ପୂର୍ଣ୍ଣଚନ୍ଦ୍ର ପଧାନ ରଚନା କରିଛନ୍ତି 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ'। ଭାଗବତକୁ ସଂକ୍ଷିପ୍ତରେ ରଚନା କରିବା ପ୍ରୟାସ ନିଶ୍ଚିତ ପ୍ରଶଂସନୀୟ। ନିଜସ୍ୱ ଭାବ ଓ ଆଧ୍ୟାତ୍ମିକ ଚିନ୍ତନ ଦ୍ୱାରା ସେ ପ୍ରଥମ ସ୍କନ୍ଧରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ରଚନା କରିଛନ୍ତି। ପ୍ରତିଟି ସ୍କନ୍ଧରେ କେତୋଟି ଅଧ୍ୟାୟ ରହିଛି। ପୁରାଣ ଓ ଇତିହାସ ପ୍ରତି ତାଙ୍କର ଗଭୀର ପ୍ରବେଶର ଉଦାହରଣ ହେଉଛି 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ'। ଖୁବ୍ ପରିଶ୍ରମ କରି ସେ ଭାଗବତର ସଂକ୍ଷିପ୍ତ ରୂପ ରଚନା କରିଛନ୍ତି। ଅତି କମ୍ ସମୟ ମଧ୍ୟରେ ପାଠକମାନେ ସଂପୂର୍ଣ୍ଣ ଭାଗବତ ଉପରେ ସମ୍ୟକ୍ ଧାରଣା ପାଇ ପାରିବେ। ପ୍ରତିଟି ଅଧ୍ୟାୟର ଶେଷରେ ଉପଦେଶାତ୍ମକ ପଦଟିଏ ରହିଛି। ଯାହା ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ଜନମାନସକୁ ସତ୍‌ପଥରେ ପରିଚାଳିତ ହେବା ପାଇଁ ସହାୟକ ହେବ। ସରଳ ଓ ବୋଧଗମ୍ୟ ଭାଷା, ନିରାଡ଼ମ୍ବର ଉପସ୍ଥାପନା ଶୈଳୀ, ଛଳ ଛଳ ଭାବ ପୁସ୍ତକଟିକୁ ସୁଖପାଠ୍ୟ କରିଛି। ଚଉଦ ଅକ୍ଷର ବିଶିଷ୍ଟ ପଦ ସଂଯୋଜନା କରି ଲେଖକ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଛନ୍ତି। ଆଧ୍ୟାତ୍ମିକ ଭାବରେ ରସସିକ୍ତ ଏହି ପୁସ୍ତକର ପ୍ରତିଟି ସ୍କନ୍ଧ। 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ' ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

# ହେନା



ବନଜ ଦେବୀ

ମୁହଁ ସଞ୍ଜର ଶେଷ ପହରଟି ଲେଉଟି ଗଲେ
ନୀରବତାର କୋମଳ ଆଉଁଷାଟି,
ଘୂରି ଆସିଲେ ଗାଁ' ଚାରିଆଡ଼
ନିଦ ଅଳସ ରାତିର ସ୍ୱପ୍ନ ଉପରକୁ
କିଏ ସେ ସୁଗନ୍ଧର ସୌଦାଗର
ଫିଙ୍ଗିଦିଏ ସୁବାସିତ ଏକ ସୂକ୍ଷ୍ମଜାଲ ।

ଚାରିଆଡ଼ ଚହଟୁଥାଏ ଜହ୍ନ ଆଲୁଅରେ,
ମାନିନୀ ନଈଟା ନିଦ ଜରଜର ଅଳସରେ
ନିଛାଟିଆ ନଈ ପଠାରେ
ବଉଳ ଗଛର ଛାଇ ତଳେ
ବୁଦି ବୁଦି ବାଉଁଶ ବଣ ଓ ସରୁ ପାଦଚଲା ରାସ୍ତାରେ
ମର୍ମରିତ ପବନର ଟୁକୁରା ଅଂଶରେ
ପେଣ୍ଠା ପେଣ୍ଠା ସୁଗନ୍ଧର ସମ୍ମୋହନ
ଯାଦୁକରୀ ମାୟାବୀ ସ୍ପର୍ଶରେ
ସବୁଜ ଘେରାଉ ସେଇ ବସ୍ତିଟାକୁ
କରେ ସ୍ୱପ୍ନାଚ୍ଛନ୍ନ ।

ଘର ବାହୁଡ଼ା ବାଟୋଇଟି ଅଟକିଯାଏ କ୍ଷଣେ ଦଣ୍ଡେ,
ଉଡ଼ିଯାଉଥିବା ରାତିଚର ପକ୍ଷୀଟି
ଭୁଆଁ ବୁଲିଯାଏ
ଝରକା ପାଖେ ନୂଆ ବୋହୂଟିର ପ୍ରତୀକ୍ଷା, ବି
ପୁଲକି ଉଠେ ତୁହା ତୁହା
ଅସମର୍ଥ କବିଟିର ଶବ୍ଦ ପୁଟୁଳି ବତୁରିଯାଏ ସେ ପ୍ଲାବନରେ
ମନ୍ଦିର ବେଢ଼ାର ଚମ୍ପା ଗଛଟି ମଥା ନତ୍ କରିଦିଏ ନୀରବରେ

ହେ ଅପୂର୍ବ ସୁଗନ୍ଧର ଯାଦୁକର
ତୁ ପରିହାସ କରୁ ଦେବତାର ଅସ୍ୱୀକାର
ମାଳା କରି ଦେଇ ସୁଗନ୍ଧର କାରବାର,

ହେ, ବାମ୍ବା, ଯାଦୁକର
ତୋ ମାୟାର ସ୍ୱପ୍ନ ଜାଲରେ
ବନ୍ଧା ପଡ଼େ ବିଶ୍ୱ ଚରାଚର
ତୋର ପ୍ରଥମ ସ୍ପର୍ଶ ସ୍ପନ୍ଦନ
ଦ୍ୱିତୀୟ ସଂଚାଳନ
ଅବଲୀଳା କ୍ରମେ ପ୍ଲାବନ ଓ ନିଶ୍ଚେତନ
ତୁ ଅନାସକ୍ତ ପ୍ରେମର ଚେତନ । ■

ଶିବଛାୟା
ରଥ ରୋଡ୍, ଭୁବନେଶ୍ୱର-୨



# ଦେଖିପାରିନି ଏଯାଏଁ ସମୁଦ୍ର



ପ୍ରେମାନନ୍ଦ ଖଣ୍ଡୁଆଳ

ଭଲଭାବରେ ଦେଖିପାରିନି
ଏଯାଏଁ ସମୁଦ୍ର
ଲହଡ଼ିକୁ ଗଣି ପାରିନି ଆଙ୍ଗୁଳି ରେଖାରେ
ହାତ ବୁଲେଇ ସମତଳ କରିପାରିନି
କୁବା କୁବା ପିଠି,
ବୁଝି ପାରିନି ତା ଶବ୍ଦ
ବୁଝେଇ ପାରିନି କିଛି ଗୋଟେ ତାକୁ ।

ଦେଖେଇ ପାରିନି
ତା'ର ଖେଳ, ତା'ର ବୟସ୍କ ଚପଳ
ତା'ର ରାଗ, ତା'ର ଧାବମାନ ବେଗ
ପବନର ଡେଣା ଲାଗିଲେ
କେମିତି ଦାନ୍ତ, ନଖ ଖଞ୍ଜି ହୋଇଯାଏ
ଧାଡ଼ି ଧାଡ଼ି ଲହଡ଼ିରେ,
ମୁଣ୍ଡ ଝାମ୍ପୁରା କରି
ପାଲଟିଯାଏ ବାୟାଣୀ
ଚାକୁଲୁ ଚାକୁଲୁ ଖାଇଯାଏ
ମାଇଲ ମାଇଲ ମାଟି
ଚାଳ, ଚୁଲି, ଜମି, ଜଙ୍ଗଲ
ଅସଂଖ୍ୟ ମଣିଷଙ୍କ ଆଖିରୁ ନିଦ
ପେଟରୁ ଭୋକ
ଛାତିରୁ ବିବେକ
ସୁଖେଇ ଦିଏ ଲୁହ, ଲହୁ
ପକ୍ଷୀଙ୍କ କଣ୍ଠରୁ ଗୀତ
ଗଛଙ୍କ ସବୁଜ, ଫୁଲରୁ ରଙ୍ଗ, ମହୁ ।

ମୋ ନପାରିଲା ପଣରେ
ମୁଁ ଘାରି ହେଉଛି ଅହରହ
ହାତମୁଠାରୁ ଖସିଯାଇଥିବା ସମୟକୁ
ଟାଣିଆଣି ଦେଖେଇ ଦେବାକୁ ଚାହୁଁଥିଲି
କେମିତି ସମୁଦ୍ର ଧାସରେ
ଦରସିଝା ହୁଏ ଜୀବନ
କେମିତି ପାଦକୁ ଲାଗେ ଥରିଲେ ବସୁଧା
କେମିତି ଅଧାଗଢ଼ା ରହିଯାଏ ସପ୍ନ
ପ୍ରଖର ଦୌଡ଼େ ନିଃଶ୍ୱାସ
କେତେ କଷ୍ଟଲାଗେ ସଜାଡ଼ିବା
ବିଶ୍ୱାସ ଟିକକ,
କେମିତି ଲୁହରେ ଫୁଟାଯାଏ
ହସର ପ୍ରତିବିମ୍ବ
ଖୁସିର କଦମ୍ବ ।

ଭଲଭାବରେ ଦେଖିପାରିନି
ଏଯାଏଁ ସମୁଦ୍ର
ଆକାଶରେ ଦେଖିପାରିନି
ଇନ୍ଦ୍ରଧନୁର ଛବି
ଛାତିରେ ଆଙ୍କିପାରିନି
ସମୟ ଓ ସମୁଦ୍ରର ଯୁଗଳ ମିଳନ
ପଢ଼ି ପାରିନି ମନ ବର୍ଣ୍ଣବୋଧ
ଗାଇ ପାରିନି ତଥାପି
ଜୀବନ୍ତ ଜୀବନ ବେଦ । ■

ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ: ୯୩୩୭୩୧୩୬୭୫

# "ଲେଖାଲେଖି ମୋ' ଅନ୍ତରକୁ ନିର୍ମଳ ଓ ପରିଶୁଦ୍ଧ କରିବା ପାଇଁ ଏକ ସାଧନା"






ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଥରେ ବିଶ୍ୱକବି ରବୀନ୍ଦ୍ରନାଥ କହିଥିଲେ- "ଲେଖକ ତା'ର ପରିବାରରୁ ପ୍ରଥମେ ସାରସ୍ୱତ ସାଧନାର ମନ୍ତ୍ର ଶିଖିଥାଏ ।" ନିଜ ଲେଖାଲେଖି ସମ୍ପର୍କରେ ଭାବିଲା ବେଳେ ଏଇକଥା ହିଁ ସ୍ୱତଃ ମୋ ହୃଦୟରେ ଧ୍ୱନିତ ହେଉଥାଏ ସର୍ବଦା । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରିବାରରେ ମୋର ଜନ୍ମ । ଅନେକ ବ୍ୟକ୍ତି ମୋତେ ବେଳେ ବେଳେ ପଚାରନ୍ତି, ଆପଣ କ'ଣ କବିଙ୍କୁ ଦେଖିଥିଲେ ? ମୁଁ ତାଙ୍କୁ କ'ଣ ଉତ୍ତର ଦେବି ଭାବିପାରେ ନାହିଁ । କାରଣ ବାଲ୍ୟକାଳରୁ ତାଙ୍କର ସୂକ୍ଷ୍ମ ଉପସ୍ଥିତି ଯେପରି ଅନୁଭବ କରି ଆସିଛି ଅତି ନିବିଡ଼ ଭାବରେ ତାଙ୍କୁ ଦେଖିନାହିଁ ପରି ଲାଗେ ନାହିଁ କେବେ । ତାଙ୍କ ଫଟୋଚିତ୍ର ବା ପ୍ରତିମୂର୍ତ୍ତି ମୋତେ କେବେ ନିଷ୍ପ୍ରାଣ ମନେ ହୋଇନାହିଁ । ପୁଣି ମୋର ପୂଜ୍ୟ ପିତାମହ କବିପୁତ୍ର ଭଗବାନ ମେହେରଙ୍କଠାରୁ ଆରମ୍ଭ କରି ପରିବାରର ପ୍ରତ୍ୟେକଙ୍କ ଭିତରେ ଦେଖିଛି କବି ଆତ୍ମାର ଅନନ୍ୟ ଝଲକ । ପରିବାରରେ ସଯତ୍ନରେ ସଂରକ୍ଷିତ ବ୍ୟାସକବି ଫକୀରମୋହନ, କବିବର ରାଧାନାଥଙ୍କଠାରୁ ଆରମ୍ଭ କରି ପ୍ରତିଟି କବିଙ୍କ ଚିଠିପତ୍ର, ସେ ସମୟର ଓଡ଼ିଆ ଓ ବଂଗଳା ପୁସ୍ତକ ତଥା ପତ୍ରପତ୍ରିକା ମୋ' ଭିତରେ ସୃଷ୍ଟି କରିଆସିଛନ୍ତି ଦିବ୍ୟ କଂପନ। ମନେପଡୁଛି ଛୋଟବେଳେ ପ୍ରତିଦିନ ରାତିରେ ପିତାମହଙ୍କ ସହ ଶୋଇବା ବେଳେ ରାମାୟଣର ମହନୀୟ ଚିରିତ୍ରସବୁ ସହ ମୋ' ଅନ୍ତସର୍ତ୍ତାକୁ କିପରି ସେ ଯୋଡ଼ି ଦେଉଥିଲେ । ସେହିପରି ବଡ଼ମା ଧନମତି ମେହେର ମହାଭାରତର ଚରିତ୍ରମାନଙ୍କ ସହ ଏକାତ୍ମ କରି ଦେଇଥିଲେ ମୋତେ । ଆଉ ମୋର ବାପା କବି ପୌତ୍ର କିଶୋର ଚନ୍ଦ୍ର ମେହେର ଭାରତୀୟ ସାହିତ୍ୟର ମହାନ ସ୍ରଷ୍ଟା ଓ ସୃଷ୍ଟି ସହ ସଂଯୁକ୍ତ କରି ଦେଉଥିଲେ ମୋ ହୃଦୟକୁ ନିବିଡ଼ ଆନ୍ତରିକତାରେ ।

ମୁଁ ବୁଦ୍ଧିମାନ କି ବିଚକ୍ଷଣ ଛାତ୍ର ତ ନଥିଲି ଆଦୌ । ତେବେ କିଏ ସ୍ନେହ ଛଳଛଳ ଦୃଷ୍ଟିରେ ମୋତେ ଟିକିଏ ଚାହିଁଦେଲେ, ଭଲ ଲେଖାଟିଏ ପଢ଼ିଦେଲେ, ଭଲ ଗୀତଟିଏ ଶୁଣିଦେଲେ କି ଭଲ ସିନେମାଟିଏ ଦେଖିଦେଲେ, ଛୋଟ ବାଛୁରୀର କଅଁଳ ଆଖିକୁ ଦେଖିଦେଲେ ଉଦ୍‌ବେଗଳିତ ହୋଇଉଠୁଥିଲା ହୃଦୟତନ୍ତ୍ରୀ। ମୋର ସକଳ ଅଯୋଗ୍ୟତା, ଅପାରଗତା ଓ ଅକ୍ଷମତା ସତ୍ତ୍ୱେ ଲେଖକଟିଏ ହେବାର ଭାବୋଚ୍ଛ୍ୱାସକୁ ମୁଁ ରୁଦ୍ଧ କରି ପାରିନଥିଲି । ହାଇସ୍କୁଲରେ ପଢ଼ିବା ବେଳେ ମୋର ବଡ଼ବାପା ପୂର୍ଣ୍ଣଚନ୍ଦ୍ର ମେହେର ବଂଗଳା ଅକ୍ଷର ସହ ମୋତେ ପରିଚିତ କରାଇ ଦେଇଥିଲେ । ସେତେବେଳେ ସ୍ୱାମୀ ବିବେକାନନ୍ଦଙ୍କ ଏକ ବଂଗଳା ଲେଖାକୁ ମୁଁ ଓଡ଼ିଆରେ ଅନୁବାଦ କରି ସ୍କୁଲ୍ ମାଗାଜିନ୍‌ରେ ଦେଇଥିଲି । ସେ ବର୍ଷ ମେଗାଜିନ୍ ନ ବାହାରିବାରୁ ମୋ ଲେଖା ବି ଅପ୍ରକାଶିତ ହୋଇ ରହିଗଲା ଚିରଦିନ ପାଇଁ । ପରେ କଲେଜ ଜୀବନରେ ଗଳ୍ପ ଲେଖା ଆରମ୍ଭ କରିଥିଲି ଆଉ ପରେ ପରେ ପ୍ରବନ୍ଧ ଆଉ ସମାଲୋଚନା । ସେଇ ୧୯୭୮-୭୯ ମସିହାରୁ ଏ ଯାବତ୍ ଅନ୍ତଃସ୍ଥଳର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ମୋର ସୀମିତ ଶକ୍ତି ଅନୁସାରେ କିଛି ନା କିଛି ଲେଖି ଚାଲିଛି । ବାଲ୍ୟକାଳରୁ ଏ ପର୍ଯ୍ୟନ୍ତ ଘର ଓ ବାହାରେ ବହୁ ମଣିଷଙ୍କ ଶ୍ରଦ୍ଧାରେ ମୁଁ ଆପ୍ଲୁତ । ପୁଣି କେତେ ତିକ୍ତ ଅନୁଭୂତିରେ ଭାରାକ୍ରାନ୍ତ ଓ ବେଦନାକ୍ତ । ତେବେ ମଣିଷ ଜୀବନ ପ୍ରତି ନିଜକୁ ଯେତିକି ଉନ୍ମୁଖ କରି ରଖିଛି ସେତିକି ଗଭୀର ଭାବରେ ଧୀରେ ଧୀରେ ଅନୁଭବ କରି ଆସିଛି ଯେ ମଣିଷର ଈର୍ଷା, ଦ୍ୱେଷ, କ୍ରୋଧ, ଘୃଣା-ଏସବୁ ତା'ର ଖୋଳପା ମାତ୍ର । ଏହାର ଅଭ୍ୟନ୍ତରରେ ଯେଉଁ ନିଦା ମଣିଷଟିଏ ଲୁଚି ରହିଥାଏ ସେ ହେଉଛି ସୁନ୍ଦରତମଙ୍କ ଦ୍ୟୁତିରେ ଚିର ଭାସ୍ୱର । ଗଙ୍ଗାଧର ସାହିତ୍ୟଠାରୁ ଆରମ୍ଭ କରି ମନୋଜ ଦାସଙ୍କ ସାହିତ୍ୟକୃତି ପର୍ଯ୍ୟନ୍ତ ସବୁଠି ମଣିଷ ଆତ୍ମାର ସ୍ନିଗ୍ଧତା ମୋତେ ଅଭିଭୂତ କରିଛି । ମୁଁ ଗଳ୍ପ, ମୌଳିକ ପ୍ରବନ୍ଧ, ସମାଲୋଚନାତ୍ମକ ପ୍ରବନ୍ଧ, ଗବେଷଣାତ୍ମକ ନିବନ୍ଧ, ଜୀବନୀ, ନାଟକ ଯାହା ବି ଯେତେବେଳେ ଲେଖିଛି ସବୁଥିରେ ମାନବିକତାର ଅନୁଭବରେ ମହିମ୍ନ ମଣିଷଟିକୁ ଆବିଷ୍କାର କରିବା ପାଇଁ ଅତି ଆନ୍ତରିକ ଭାବରେ ଚାହିଁଛି ।

ଅନେକ ବର୍ଷ ତଳେ ବଂଗଳା ସାହିତ୍ୟର ସୁପ୍ରସିଦ୍ଧ କଥାଶିଳ୍ପୀ ବିମଳ ମିତ୍ରଙ୍କ 'ଘାଟ୍‌ବାବୁ' ଗଳ୍ପଟି ମୋ ଭିତରେ ସୃଷ୍ଟି କରିଥିଲା ଅନନ୍ୟ ଶିହରଣ । ଲେଖକ ହେବାର ଆକାଂକ୍ଷା ରଖିଥିବା ପିଲାଟିକୁ ଚିଠିରେ ଦର୍ଶାଇଥିଲେ ଯେ, କେବଳ ବିଖ୍ୟାତ ଲେଖକ ହେବାର ବାସନା ରଖିବା ଜୀବନର ପ୍ରକୃତ ଆଭିମୁଖ୍ୟ ନୁହେଁ । ନିଜର ପରିପାର୍ଶ୍ୱର ମଣିଷମାନଙ୍କୁ ଆଉ ପୃଥିବୀକୁ ନିଃସ୍ୱାର୍ଥପର ଭାବରେ ଭଲ ପାଇବା ହିଁ ଆମର ସର୍ବପ୍ରଥମ ଓ ସର୍ବପ୍ରଧାନ କର୍ତ୍ତବ୍ୟ ।

କିଶୋର କାଳରୁ ସବୁବେଳେ ଏକ ସୁନ୍ଦରତମ ପୃଥିବୀର ସ୍ୱପ୍ନରେ ମୁଁ ଅଧୀର ହୋଇଛି । ନିଜ ପରିବାର, ପରିପାର୍ଶ୍ୱ, ନିଜ ଶିକ୍ଷାନୁଷ୍ଠାନ, ନିଜ ଅଞ୍ଚଳଠାରୁ ଆରମ୍ଭ କରି ସର୍ବତ୍ର, ଶ୍ରଦ୍ଧା ଭାବର ଏକ ନିର୍ଝର ହୋଇ ସମସ୍ତଙ୍କ ହୃଦୟକୁ ସୂକ୍ଷ୍ମ କୋମଳ ଭାବାବେଗରେ ସ୍ପନ୍ଦିତ କରିଦେବା ପାଇଁ ବ୍ୟାକୁଳ ହୋଇ ଉଠିଛି। ବୃକ୍ଷଲତା, ପାହାଡ଼ପର୍ବତ, ପରିଚିତ ଅପରିଚିତ ସବୁ ମଣିଷ ସହ ଏକାତ୍ମ ହୋଇଯିବାର ଅନୁଭବରେ ତଲ୍ଲୀନ ହୋଇଉଠିଛି ମୋ ହୃଦୟ । ରାତି ରାତି ଧରି ଦୁଇ ଆଖିରୁ ଅନବରତ ବୋହିଛି କୃତଜ୍ଞତାର ଅଶ୍ରୁଧାର । ପୁନଶ୍ଚ ପ୍ରତିଟି ଲୋମକୂପରେ ଏ କି କମ୍ପନ! ଏ କି ସଙ୍ଗୀତ!! ଏ କି ବିଗଳନ !!! ପ୍ରେମର ବର୍ଷାରେ ସାରା ପୃଥିବୀକୁ ଭିଜାଇ ଦେବାର ଏ କି ଉଦ୍‌ବେଳନ। ଏହି ବିରଳ ଅନୁଭୂତି ହିଁ ହାତରେ କଲମ ଧରିବାର ଶକ୍ତି ଦେଇଛି ମୋତେ । ତେବେ ସମୟ କ୍ରମେ ମୁଁ ସଚେତନ ହୋଇ ଉଠିଛି-ଆହା। ମୋର ଏ ଜୀବନ ଏ ସାରା ପୃଥିବୀରେ କେତେ କ୍ଷୁଦ୍ରାତିକ୍ଷୁଦ୍ର, କେଡ଼େ ନଗଣ୍ୟ, କେତେ ସାଧାରଣ ଓ କେତେ ପ୍ରଭାବହୀନ । ଏ ସବୁ ସତ୍ତ୍ୱେ ଏ ଜୀବନକୁ ଏକାନ୍ତ ତାତ୍ପର୍ଯ୍ୟହୀନ ବୋଲି ମୁଁ ଭାବି ପାରିନାହିଁ। ଅନ୍ତତଃ ଆପଣାକୁ ଏକ ଅତିକ୍ଷୁଦ୍ର ଶିଶିରବିନ୍ଦୁ ବୋଲି ମନେକରି ମୁଁ ଆଶ୍ୱସ୍ତ ହୋଇଛି । ମୋର ଆଉ ଏହାଠାରୁ ବେଶି ଭୂମିକା ନାହିଁ । ଶୀତଳ ସକାଳରେ କେଉଁ ସବୁଜ ପତ୍ର, କେଉଁ ସୁନ୍ଦର ଫୁଲର ମସୃଣ ପାଖୁଡ଼ା ଅବା କେଉଁ ଘାସ ଲଟା ଉପରେ ପଡ଼ିଥିବା ଛୋଟିଆ, ଅତି ଛୋଟିଆ ଶିଶିର ବିନ୍ଦୁଟିଏ ମୁଁ । କେତୋଟି ମୁହୂର୍ତ୍ତର ଏ ଜୀବନ ମୋର । ଏ ବିଶାଳ ଜଗତରେ କେଉଁ ନିସ୍ତବ୍ଧ ଗହନ ଅରଣ୍ୟରେ ଅପରିଚିତ, ଅଜ୍ଞାତ କାକର ବିନ୍ଦୁଟିଏ ହୋଇ ଖସି ପଡ଼ିବା ଓ ପୁଣି ସମସ୍ତଙ୍କ ଅଜାଣତରେ ନିମିଷକେ ଏ ବିଚିତ୍ର ରହସ୍ୟମୟ ବିଶ୍ୱର ଅନନ୍ତ ରହସ୍ୟରେ ସଂପୂର୍ଣ୍ଣ ନିରବ ଭାବରେ ମିଳେଇ ଯିବା ହିଁ ମୋର ନିୟତି । ତେବେ ଏପରି କ୍ଷୁଦ୍ର ଶିଶିର ବିନ୍ଦୁର ହୃଦୟରେ ମଧ ବିଶ୍ୱ ବିଧାତା କେତେ ସ୍ୱପ୍ନ ଭରି ନ ଦିଅନ୍ତି ! ସେ ସବୁ ସ୍ୱପ୍ନକୁ ଅସ୍ୱୀକାର କରିହେବ ବା କିପରି ! ସ୍ୱପ୍ନ ସବୁ ସାକାର ମଧ୍ୟ ହେବାର ସମ୍ଭାବନା ନାହିଁ। କେବଳ ଏତିକି ପ୍ରାର୍ଥନା ସବୁ ଉତ୍ତପ୍ତତା ଉପରେ ଶୀତଳ କାକର ବିନ୍ଦୁଟିଏ ହୋଇ ମୁଁ ଖସି ପଡୁଥାଏ । ଏ ପୃଥିବୀର ଦୁଃଖ ଓ ଯନ୍ତ୍ରଣା ଲାଘବ କରିବାର ସାମର୍ଥ୍ୟ ଯଦିଓ ଶିଶିର ବିନ୍ଦୁଟିଏର ନଥାଏ ତଥାପି ବେଦନା ଜର୍ଜରିତ କାହାର ଜୀବନରେ କୋମଳ ସ୍ପର୍ଶ ଟିକିଏ ଦେବା ପାଇଁ ଓହ୍ଲାଇ ଆସୁଥାଏ ମୁଁ । ସଂସାରକୁ ଆବିଳ କରି ଦେଉଥିବା ଅପଶକ୍ତିମାନଙ୍କୁ ଅପସାରଣ କରିବାର କ୍ଷମତା ଯଦିଓ ମୋର ନାହିଁ ତଥାପି ସରଳତାର ନିଷ୍କପଟତାର ଉଜ୍ଜ୍ୱଳ ବିନ୍ଦୁଟିଏ ହୋଇ ଝଟକି ଉଠିବାପାଇଁ ମୁଁ ନିରନ୍ତର ପ୍ରାର୍ଥନାରତ । ମୋ ଲେଖା ମୋ ନିଜ ଅନ୍ତରକୁ ନିର୍ମଳ ଓ ପରିଶୁଦ୍ଧ କରିବା ଲାଗି ଏକ ସାଧନା । ଯେତେ ଅଳ୍ପ ସଂଖ୍ୟକ ହୁଅନ୍ତୁ ପଛକେ ମୋ ପ୍ରିୟ ପାଠକଙ୍କ ଅନ୍ତର ସହ ସଂଯୁକ୍ତ ହୋଇଯିବା ପାଇଁ ମୋ ଲାଗି ଏହା ଏକ ଆନ୍ତରିକ ଧ୍ୟାନ । ଅତିକ୍ଷୁଦ୍ର ଶିଶିର ବିନ୍ଦୁଟିଏ ପରି ମୋ ଲେଖା ଯଦି କାହା ଅନ୍ତରକୁ ସାମାନ୍ୟ ବି ଶାନ୍ତି ଓ ଶୀତଳତା ପ୍ରଦାନ କରି ପାରିଲା, ଅନ୍ତରାତ୍ମାର ମହତ୍ ସ୍ପନ୍ଦନ ସହ ସଂଯୁକ୍ତ ହୋଇଯିବା ପାଇଁ ସାମାନ୍ୟ ବି ଶିହରଣ ସୃଷ୍ଟି କଲା, ସେତିକିରେ ମୁଁ ଆଶ୍ୱସ୍ତ ଓ ଆନନ୍ଦିତ । ■

ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର
ମୋ: ୯୯୩୭୩୬୫୬୯୮

## ପାହାଡ଼ରୁ ନରକଙ୍କାଳ ଉଦ୍ଧାର

**କୁଆମରା,୬।୯(ସମିସ):** ଦୁଇ ମାସ ତଳେ ନିଖୋଜ ହୋଇଥିବା ଜଣେ ବ୍ୟକ୍ତିଙ୍କ ନରକଙ୍କାଳକୁ ଶନିବାର ଖୁଣ୍ଟା ପୁଲିସ ଏକ ପାହାଡ଼ରୁ ଜବତ କରିଛି। ଖୁଣ୍ଟା ଥାନା ଅନ୍ତର୍ଗତ ମାହାଲିବସା ଗ୍ରାମର ଟେମ୍ପା ମାଙ୍କଡିଆ (୫୨) ଜୁଲାଇ ୧ ତାରିଖରେ ଘରୁ କୁଆଡେ ପଳାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା; ହେଲେ ୨ମାସ ହେଲା କୌଣସି ପାଇନଥିଲା। ଶନିବାର ତାଙ୍କ ପୁଅ ନରେନ୍ଦ୍ର ଅଗ୍ନିକୁଆଁରୀ ଜଙ୍ଗଲକୁ କାଠ କାଟିବାକୁ ଯାଇଥିବାବେଳେ ପାହାଡ ଉପରକୁ ଉଠିଥିଲେ। ପରେ ଏକ ବରଗଛରେ ରଶି ଝୁଲୁଥିବା ଦେଖି ନିକଟକୁ ଯାଇଥିଲେ। ତଳେ ମଣିଷ କଙ୍କାଳ ପଡିଥିବା ଦେଖିବାକୁ ପାଇଥିଲେ। ସେଠାରେ ସେ ବାପାଙ୍କ ଲୁଗାପଟାରୁ ଚିହ୍ନିଥିଲେ। ପରେ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛି।

## ଭିଜିଲାନ୍ସ ଜାଲରେ ପୁଲିସ ଏସ୍ଆଇ

**କଟକ, ୬।୯(ସମିସ):** ଜଣେ ପୁଲିସ ଅଧିକାରୀ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସମ୍ପୃକ୍ତ ପୁଲିସ ଅଧିକାରୀଜଣଙ୍କ ହେଉଛନ୍ତି, କଟକ ଜିଲ୍ଲା ବାଙ୍କୀ ସୁବର୍ଣ୍ଣପୁର ଆଉଟପୋଷ୍ଟର ଏସ୍ଆଇ (ସବ୍-ଇନ୍ସପେକ୍ଟର) ପ୍ରସନ୍ନ କୁମାର ମାହାଳି। ବୀମା କମ୍ପାନୀଠାରୁ ଅର୍ଥ ଦାବି ପାଇଁ ଜଣେ ଇଟା କାରଖାନା ମାଲିକ ଏତଲାର ସାର୍ଟିଫାଏଡ୍ କପି ପାଇଁ ସମ୍ପୃକ୍ତ ପୁଲିସ ଏସ୍ଆଇଙ୍କୁ ନିବେଦନ କରିଆସୁଥିଲେ। ହେଲେ ଏହାକୁ ଦେଉନଥିଲେ ଓ ଏଥିପାଇଁ ୨୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପରେ ଇଟା କାରଖାନା ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶ୍ରୀ ମାହାଳିଙ୍କୁ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ ଗିରଫ କରିଛି। କିଛି ଅଜଣା ଦୁର୍ବୃତ୍ତ ସମ୍ପୃକ୍ତ ବ୍ୟକ୍ତି ଅଭିଯୋଗକାରୀଙ୍କ ଇଟା କାରଖାନାକୁ ପୋଡ଼ି ଦେଇଥିଲେ। ଏନେଇ ଇଟା କାରଖାନା ମାଲିକ ପୂର୍ବରୁ ଏକ ଏତଲା ପ୍ରଦାନ କରିଥିଲେ। ତେବେ ବୀମା କମ୍ପାନୀଠାରୁ ଅର୍ଥ ପାଇବା ପାଇଁ ପଞ୍ଜିକୃତ ମାମଲା ସହିତ ଜଡ଼ିତ ଏତଲାର ପ୍ରମାଣିକୃତ କପି ସମ୍ପୃକ୍ତ ଏସ୍ଆଇଙ୍କୁ ମାଗିଥିଲେ। ଏସ୍ଆଇ ଶ୍ରୀ ମାହାଳି ତାଙ୍କ ନିକଟରୁ ୨୦ ହଜାର ଟଙ୍କା ଦାବି କରିଥିଲେ। ପରେ ଅଭିଯୋଗକାରୀ ଜଣକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ।

## ୨୭ରେ ଓଟିଇଟି ପରୀକ୍ଷା

**କଟକ, ୬।୯(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ସିଟିଂରେ ପେପର୍-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର୍-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ରାଜ୍ୟର ୧୯୩ଟି କେନ୍ଦ୍ରରେ ୭୫ହଜାର ୪୦୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଆସନ୍ତା ୧୭ ତାରିଖରେ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହେବ।

ପ୍ରକାଶଥାଉକି ପ୍ରଥମେ ଗତ ଜୁଲାଇ ୨୦ତାରିଖରେ ଏହି ପରୀକ୍ଷା କରାଯିବ ବୋଲି ସ୍ଥିର ହୋଇଥିଲା। ତେବେ ପ୍ରଶ୍ନପତ୍ର ଲିକ ଘଟଣା ପାଇଁ ଜୁଲାଇ ୨୦ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ପରେ ତରବରିଆ ଭାବେ ଅଗଷ୍ଟ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନିହାର ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କ ସମେତ ମୋଟ୮ ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଅଭିଯୁକ୍ତମାନଙ୍କ ଜାମିନ ଖାରଜ ପରେ ସେମାନେ ଏବେ ବି ଜେଲରେ ରହିଛନ୍ତି।

# ଅବଶିଷ୍ଟାଂଶ

## ଆଜି ପୂର୍ଣ୍ଣଗ୍ରାସ...

ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରାଯିବ। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ଅନ୍ୟାନ୍ୟ ନୀତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ଶନିବାର ରାତି ୨ଟାରୁ ଦ୍ୱାର ଫିଟାଯିବ। ୨ଟା ୪୦ରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିବ। ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଇନ୍ଦ୍ରଗୋବିନ୍ଦ ବନ୍ଦାପନା ନୀତି ଶେଷ କରି ମହାପ୍ରଭୁ ବାହୁଡ଼ା ବିଜେ କରିବେ। ରାତି ୯ଟା ୫୭ ମିନିଟ୍ ୨୨ ସେକେଣ୍ଡ ସୁଦ୍ଧା ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଗ୍ରହଣଭୋଗ ଓ ଅନ୍ୟାନ୍ୟ ନୀତି ହେବ।

## 'ଭାରତ ସହ...

ଆମେରିକା ସଂପର୍କରେ ସୁଧାର ଆଣିପାରେ ବୋଲି ଅନୁମାନ କରାଯାଉଛି।

ଗତକାଲି ଟ୍ରମ୍ପ କହିଥିଲେ ଯେ ଚୀନ ହାତରେ ଭାରତ ଓ ରୁଷକୁ ଆମେରିକା ହରାଇଛି। ଏହି ତିନି ଦେଶ ମଧ୍ୟରେ ସଂପର୍କର କଟାକ୍ଷ କରି ଶୁଭକାମନା ଜଣାଇଥିଲେ। କିନ୍ତୁ ଏହାର ୧୨ ଘଣ୍ଟା ଭିତରେ ଭାରତ ଓ ମୋଦୀଙ୍କୁ ସେ ଏମିତି ପ୍ରଶଂସା କରିଛନ୍ତି ଯେ ଯେମିତି ସଂପର୍କ ସୁଦୃଢ଼ ରହିଛି। ହ୍ୱାଇଟ୍ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଲେ, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଁ ଭଲ ମିତ୍ର ହୋଇରହିବୁ। ମୋଦୀ ହେଉଛନ୍ତି ଜଣେ ମହାନ ପ୍ରଧାନମନ୍ତ୍ରୀ। କିନ୍ତୁ ଏବେ ସେ ଯାହା କରୁଛନ୍ତି ତାହା ମୋତେ ପସନ୍ଦ ଲାଗୁନାହିଁ। ଏହାସତ୍ତ୍ୱେ ଭାରତ-ଆମେରିକା ସମ୍ପର୍କ ବହୁତ ସ୍ୱତନ୍ତ୍ର। ଚିନ୍ତା କରିବାର କୌଣସି କାରଣ ନାହିଁ।'

ଟ୍ରମ୍ପଙ୍କ ଏଭଳି ମତ ପରିବର୍ତ୍ତନକୁ ସ୍ୱାଗତ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଭାରତ ଉପରେ ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପରେ ନିରବ ରହିଥିବା ମୋଦୀ ଆଜି ଟ୍ରମ୍ପଙ୍କ ଟିପ୍ପଣୀକୁ ନିଜ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ଆମ ସମ୍ପର୍କକୁ ନେଇ ଥିବା ତାଙ୍କ ବିଚାରକୁ ପ୍ରଶଂସା ଓ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଭାରତ-ଆମେରିକା ମଧ୍ୟରେ ଏକ ସକରାତ୍ମକ ଏବଂ ଦୂରଦୃଷ୍ଟିସମ୍ପନ୍ନ ରଣନୈତିକ ସହଯୋଗ ରହିଛି ବୋଲି ମୋଦୀ କହିଛନ୍ତି।

ଏହା ପୂର୍ବରୁ ଶୁକ୍ରବାର ସକାଳେ ଟ୍ରମ୍ପ ଭାରତକୁ ଧମକ ଦେଇଥିଲେ। ସେ କହିଥିଲେ ଯେ 'ଭାରତ ଏବଂ ରୁଷ୍‌କୁ ଆମେ ଚୀନ୍ ହାତରେ ହରାଇ ଦେଲା ଭଳି ଲାଗୁଛି। ଉଭୟ ଦେଶର ଭବିଷ୍ୟତ ଭଲ ହେବ ବୋଲି ଆଶା।।' ଅନ୍ୟପକ୍ଷରେ ଭାରତ ସହ କୌଣସି ବାଣିଜ୍ୟ ଆଲୋଚନା ହେବନାହିଁ ବୋଲି ପୂର୍ବରୁ ଟ୍ରମ୍ପ କହିଥିଲେ। କେବଳ ଏତିକି ନୁହେଁ. ଭାରତ ଉପରେ ଆହୁରି ଶୁଳ୍କ ବସାଇବାକୁ ମଧ୍ୟ ଧମକ ଦେଇଥିଲେ। କିନ୍ତୁ ସେ ଗତକାଲି ସନ୍ଧ୍ୟାରେ ଭାରତ ଏବଂ ଅନ୍ୟ ଦେଶଙ୍କ ସହ ବାଣିଜ୍ୟ ଆଲୋଚନା ଆଗେଇ ଚାଲିଛି ବୋଲି ସୂଚନା ଦେଇଥିଲେ। ଭାରତ ରୁଷ ତୈଳ କିଣିବା ନୈରାଶ୍ୟଜନକ। ଏଥିପାଇଁ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗା ଯାଇଛି ବୋଲି କହିଥିଲେ। ତେବେ ଭାରତ, ରୁଷ ଓ ଚୀନ ଏକାଠି ହେଉଥିବା ଦେଖି ଟ୍ରମ୍ପ ନିଜର ଭୁଲ ବୁଝିବା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି। ଭାରତ ସହ ତିକ୍ତତା ନେଇ ଆମେରିକାରେ ମଧ୍ୟ ଟ୍ରମ୍ପ ତୀବ୍ର ସମାଲୋଚନାର ଶିକାର ହୋଇଛନ୍ତି। ତେବେ ଟ୍ରମ୍ପ ଏଭଳି ଜଣେ ରାଷ୍ଟ୍ରପତି ଯାହାକୁ ନେଇ କିଛି ଭବିଷ୍ୟବାଣୀ କରାଯାଇପାରିବ ନାହିଁ ଅନେକ କୁଟନୀତି ବିଶେଷଜ୍ଞ ମତ ଦେଇଛନ୍ତି।

## ବ୍ରିକ୍ସ ଆଭାସୀ ବୈଠକରେ ଯୋଗ ଦେବେନି ପ୍ରଧାନମନ୍ତ୍ରୀ

### ବିଦେଶ ମନ୍ତ୍ରୀ ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ

**ନୂଆଦିଲ୍ଲୀ:** ସୋମବାର ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭା ବ୍ରିକ୍ସ ନେତାମାନଙ୍କର ଆଭାସୀ ବୈଠକ ଡାକିଛନ୍ତି। କିନ୍ତୁ ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ ନାହିଁ। ମୋଦୀଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ବୈଠକରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ଆମେରିକା ବିଭିନ୍ନ ଦେଶରେ ଲାଗୁ କରିଥିବା ଉଚ୍ଚ ଟାରିଫ୍ ଓ ବହୁପକ୍ଷୀୟ ସହଯୋଗ ବୃଦ୍ଧି ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ତେବେ ଆମେରିକା ବିରୋଧରେ କୌଣସି ମଞ୍ଚ ପ୍ରସ୍ତୁତ କରିବା ଏହି ବୈଠକ ଉ।।ଦ୍ଦେଶ୍ୟ ନୁ।।ହେଁ ବୋଲି ବ୍ରାଜିଲ ରାଷ୍ଟ୍ରପତି ଲୁଲା ସ୍ପଷ୍ଟ କରିଛନ୍ତି। ୨୦୨୬ରେ ବ୍ରିକ୍ସ ସମ୍ମିଳନୀରେ ଅଧ୍ୟକ୍ଷତା ପୂର୍ବରୁ ଭାରତ ସାବଧାନତା ଅବଲମ୍ବନ କରୁଥିବାରୁ ମୋଦୀ ଏହି ଆଭାସୀ ବୈଠକରେ ଯୋଗ ଦେବେ ନାହିଁ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ଆମେରିକା ଲାଗୁ କରିଥିବା ୫୦% ଟାରିଫ୍ ଉଠାଇବା ପାଇଁ ଭାରତକୁ ବ୍ରିକ୍ସ ଛାଡିବାକୁ କହିଛି। ଆମେରିକା ଶିଳ୍ପ ମନ୍ତ୍ରୀ ହାୱାର୍ଡ ଲୁଟନିକ୍ ଭାରତ ଉପରେ ଟାରିଫ ଉଠାଇବା ପାଇଁ ୩ଟି ସର୍ତ୍ତ ରଖିଛନ୍ତି। ଉଲ୍ଲେଖଥାଉ କି, ୨୦୨୬ରେ ଭାରତ ବ୍ରିକ୍ସ ସମ୍ମିଳନୀର ୧୮ତମ ସଂସ୍କରଣରେ ଆୟୋଜନ କରିବା ସହ ଅଧ୍ୟକ୍ଷତା କରିବ।

## ଶୁଳ୍କ କମାଇବାକୁ...

ଲୁଟ୍‌ନିକ କହିଥିଲେ ଯେ ଯଦି ରୁଷ୍ ଏବଂ ଚୀନ୍ ମଧ୍ୟରେ ଭାରତ ସେତୁ ହେବାକୁ ଚାହୁଁଛି ତେବେ ହେଉ। କିନ୍ତୁ ଭାରତକୁ ଡଲାରକୁ କିମ୍ବା ଆମେରିକାକୁ ସମର୍ଥନ କରିବାକୁ ହେବ। ନୂଆଦିଲ୍ଲୀ ନିଜର ସବୁଠାରୁ ବଡ଼ ଗ୍ରାହକକୁ ସମର୍ଥନ କରୁ କିମ୍ବା ୫୦ ପ୍ରତିଶତ ଶୁଳ୍କ ଦେଉ। ତେବେ ଭାରତ ଖୁବଶୀଘ୍ର ଆମେରିକା ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲାଚନାରେ ସାମିଲ ହେବ ବୋଲି ଆମେରିକା ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଆମେରିକା ସର୍ବଦା ଆଲୋଚନା ପାଇଁ ପ୍ରସ୍ତୁତ ଅଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ନେଇ ବିବାଦ ରହିଛି ସତ, କିନ୍ତୁ ଖୁବଶୀଘ୍ର ଭାରତ କ୍ଷମା ମାଗି ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ଟେବୁଲକୁ ଆସିବ ବୋଲି ଲୁଟ୍‌ନିକ କହିଛନ୍ତି। ମାସେ ଦୁଇ ମାସ ଭିତରେ ଏଭଳି ହେବ। ଟ୍ରମ୍ପଙ୍କ ସହ ନୂଆ ଚୁକ୍ତି କରିବା ପାଇଁ ଭାରତ ପ୍ରୟାସ କରିବ। ଏହି ଚୁକ୍ତି ମଧ୍ୟ ଟ୍ରମ୍ପଙ୍କ ସର୍ତ୍ତରେ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଚୂଡ଼ାନ୍ତ ରୂପ ଦେବେ ବୋଲି ଲୁଟନିକ କହିଛନ୍ତି।

## ଆପୋସ ସମାଧାନ...

ସମାଧାନ କରନ୍ତି, ତାହେଲେ ଏହା ଇତିହାସରେ ପ୍ରଥମ ଘଟଣା ହେବ ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତ ମାସରେ ପ୍ରତି ସପ୍ତାହରେ ବୈଷୟିକ ଟିମ ବୈଠକ କରିବ। ଉଭୟ ରାଜ୍ୟ ମଧ୍ୟରେ ଥିବା ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ। ଉଭୟ ରାଜ୍ୟ ମଧ୍ୟରେ ପ୍ରାୟ ୪୬ଟି ପ୍ରସଙ୍ଗ ରହିଥିବା ସେମାନେ ଟ୍ରିବ୍ୟୁନାଲଙ୍କୁ ଜଣାଇଛନ୍ତି। ତେବେ ସେଥିମଧ୍ୟରୁ ୪୦ଟି ପ୍ରସଙ୍ଗ ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଆପୋସ ବୁଝାମଣାକୁ ଜଳ ବିଶେଷଜ୍ଞ ଏବଂ ମହାନଦୀ ସହ ଜଡ଼ିତ ସାମାଜିକ ସଂଗଠନ ଗୁଡ଼ିକ ସ୍ୱାଗତ କରିଛନ୍ତି। ତେବେ ଛତିଶଗଡ଼ ସହ କୌଣସି ନିର୍ଦ୍ଦିଷ୍ଟ ଆଲୋଚନା ପୂର୍ବରୁ ରାଜ୍ୟ ସରକାର ଜଳ ବିଶେଷଜ୍ଞ, ନଦୀ ସହ ଜଡ଼ିତ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା କରିବା ଜରୁରୀ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

## ଆଜି ରାଜ୍ୟବ୍ୟାପୀ...

ରାଜ୍ୟର ୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବୌଦ୍ଧରେ ସର୍ବାଧିକ ୮୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଡୁଙ୍ଗୁରିପାଲୀରେ ୮୦ ମିମି, ବଲାଙ୍ଗୀରରେ ୭୫ ମିଲିମିଟର, କନ୍ଧମାଳର କୋଟଗଡରେ ୬୨ ମିଲିମିଟର, କୋରାପୁଟର ନନ୍ଦପୁରରେ ୬୧ ମିଲିମିଟର, କଳାହାଣ୍ଡିର ଲାଞ୍ଜିଗଡରେ ୫୯ ମିଲିମିଟର, କୋରାପୁଟର ସେମିଳିଗୁଡାରେ ୫୪ ମିଲିମିଟର, କେନ୍ଦୁଝରର ବାଂଶପାଳରେ ୪୯.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ବିଭାଗ ମଧ୍ୟରେ...

ରାଉରକେଲା, ସମ୍ବଲପୁର ସହ ସମସ୍ତ ପ୍ରମୁଖ ସହର ତଥା ସମସ୍ତ ଜିଲ୍ଲାର ରାସ୍ତାଘାଟର ସ୍ଥିତି ସମୀକ୍ଷା କରିଥିଲେ। ଏଥି ସହିତ ରାସ୍ତାର ସ୍ଥାୟୀତ୍ୱ ଏବଂ ମରାମତି ସହ ଯେଉଁ ସଂସ୍ଥା ଓ ବିଭାଗମାନେ ରାସ୍ତା ବ୍ୟବହାର କରୁଛନ୍ତି, ସେନେଇ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ନେଇ ମନ୍ତ୍ରୀ ସୂଚନା ଦେବା ସହିତ ସମ୍ପୃକ୍ତ ଇଞ୍ଜିନିୟରମାନେ ଆସନ୍ତା ଦୁଇଦିନ ମଧ୍ୟରେ ଅଞ୍ଚଳ ଗସ୍ତ କରି ରାସ୍ତାର ସ୍ଥିତି ବିଷୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ବିନା ଅନୁମତିରେ ରାସ୍ତା ଖୋଳାକୁ ନେଇ ଆଲୋଚନା କରିଥିଲେ। ବିଏମ୍‌ସି, ଇଡ୍‌କୋ, ଓପିଟିସିଏଲ୍, ୱାଟ୍‌କୋ ଆଦିର ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତା, ଡ୍ରେନ୍ ଆଦି ଖରାପ ହେଉଥିବା ସମୀକ୍ଷାରୁ ଜଣାପଡ଼ିଥିଲା। ତେଣୁ ରାସ୍ତାର ମରାମତି, ସ୍ଥାୟୀତ୍ୱ ଏବଂ କ୍ଷତିଭରଣା ପାଇଁ କ'ଣ କରାଯାଇପାରିବ, ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ବିଧାୟକ ବାବୁ ସିଂ, ନବକିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସିଏମ୍‌ସି ମେୟର ସୁବାସ ସିଂ, ବିଏମ୍‌ସି କମିସନର ଚଞ୍ଚଳ ରାଣା, ସିଏମ୍‌ସି କମିସନର କିରନ୍‌ଦୀପ୍ କୌର ସହୋତା, ନଗର ଉନ୍ନୟନ ବିଭାଗ ମ୍ୟୁନିସିପାଲ ପ୍ରଶାସନର ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


### ନୂଆଖାଇ ଶୁଭେଚ୍ଛା ବାର୍ତ୍ତା

ପଶ୍ଚିମ ଓଡ଼ିଶାର ବିଶେଷ ଲୋକପର୍ବ ନୂଆଁଖାଇ ଅବସରରେ ଜିଲ୍ଲାର ସମସ୍ତ ଅଭିଭାବକ, ଅଭିଭାବିକା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ବୁଦ୍ଧିଜୀବି, ଶିକ୍ଷାବିତ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମରତ ବିଭାଗୀୟ ଅଧିକାରୀବୃନ୍ଦ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି । ଚଳିତ ବର୍ଷ ୨୦୨୫-୨୬ ଓଡ଼ିଶାରେ ପିଏମ ଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର ରାଇଜିଂ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ଅବସରରେ ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କର ବୈଜ୍ଞାନିକ ମନୋଭାବକୁ ବଢ଼ାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢ଼ାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢ଼ାଇବା ଦିଗରେ ପିଏମଶ୍ରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଆମ ସୁବର୍ଣ୍ଣପୁର ଜିଲ୍ଲାପାଇଁ ପର୍ଯ୍ୟାୟକ୍ରମେ ୮ କୋଟି (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) ସରକାରୀ ବିଦ୍ୟାଳୟମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଏଥିପାଇଁ ସରକାର ପର୍ଯ୍ୟାପ୍ତ ମାତ୍ରାରେ ପାଣ୍ଠି ଯୋଗାଇ ଦେଇଛନ୍ତି । ପିଏମଶ୍ରୀ ସ୍କୁଲ ଗୁଡିକ ଉତ୍ସାହଜନକ ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବାଙ୍ଗୀଣ ଶିକ୍ଷା ପ୍ରଦାନ କରିବ। ଏହି ସ୍କୁଲ ଗୁଡିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ସାମଗ୍ରିକ ବିକାଶ ବୃଦ୍ଧି କରିବା ଦିଗରେ ସହାୟକ ହେବ। ପିଏମଶ୍ରୀ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀଙ୍କ ଯତ୍ନ ନିଆଯିବା ସହ ସେମାନଙ୍କ ପାଠପଢ଼ା ପାଇଁ ଉତ୍ତମ ଭିତ୍ତିଭୂମି ଏବଂ ଉପଯୁକ୍ତ ସମ୍ବଳ ସହିତ ଅନେକ ଅଭିଜ୍ଞତା ଆଧାରିତ ଶିକ୍ଷା ପ୍ରଦାନ କରାଯିବ । ଜିଲ୍ଲାର ପ୍ରତ୍ୟେକ ପିଲା ଏହି ଯୋଜନାଦ୍ୱାରା ଉପକୃତ ହୋଇ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ କରିବାରେ ମା ସୁରେଶ୍ୱରୀ ସହାୟକ ହୁଅନ୍ତୁ ।

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜିକା, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର



### OFFICE OF THE NOTIFIED AREA COUNCIL KASHINGAAR, GAJAPATI

C-1015

Ph. & FAx No.: 06815-284215, email: kasingarn.hud@nic.in
Notice No.: 1009 / NAC , Date: 03.09.2025
'e' - Procurement Notice
Bid Identification No. KNGR/NAC/02/2025-26

| | | |
|---|---|---|
| 1 | Nature of the work | Preparation of Comprehensive Drainage Master Plan and DPR for Storm Water Drainage System of Kashinagar NAC in the District of Gajapati, Odisha. |
| 2 | Date and time of availability of bid documents in the portal | From 06.09.2025 at 10.00 A.M. to 17.09.2025 at 5.00 P.M. |
| 3 | Last date / Time for receipt of bids in the portal | 17.09.2025 at 5.00 P.M. |
| 4 | Submission of Documents (Bid Processing Fee, EMD, Annexure, other documents etc.) by Register Post or Speed Post | On or before 20.09.2025 by 5.00 P.M. |
| 5 | Date and time of opening of bid | 22.09.2025 at 11.00 A.M. |
| 6 | Name and address of the officer Inviting Bid | Executive Officer, Kashinagar NAC. |

Further details can be seen from the e-procurement portal "https://tendersorissa.gov.in"

Executive Officer
N.A.C. Kashinagar, Gajapati

OIPR-13116/11/0017/2526

A-588

E-mail : eemisundargarh@yahoo.co.in

### GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SUNDARGARH.
'e' Procurement Notice
Bid Reference No. SE MID SNG 04/2025-26

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil Construction work. |
| 2 | No of Works: - | 05 (Five) Nos. |
| 3 | Estimated cost: - | Varies from Rs. 5.03 lakh to Rs. 5.48 lakh (Approximately) |
| 4 | Period of completion | 02 (Two) Calendar months |
| 5 | Date and Time of availability of bid documents in the portal: - | From dt.09.09.2025 at 10.00 AM to dt.18.09.2025 up to 5.30 PM. |
| 6 | Last date / time of receipt of bids in the portal: - | Dt.18.09.2025 up to 5.30 PM |
| 7 | Date of opening of Bid: - | Dt.19.09.2025 at 11.00 AM onwards |
| 8 | Name and address of the OIT: - | Superintending Engineer, Minor Irrigation Division, Sundargarh. |

** Further details can be seen from the e-Procurement market place http://tendersodisha.gov.in

Superintending Engineer
M.I. Division, Sundargarh

OIPR-32124/11/0032/2526

O-689

E-Mail ID - rwd.padampur@yahoo.co.in
Ph.No. 9437255440

### Government of Odisha "e" Procurement Notice
Bid Identification No: Online- 07-OF 2025-26

1. Name of the work : Building works (As per Annexure-'A')
2. Amount put to Bid Excluding GST : As per Annexure-'A'
3. Class of contractor : "D" "C" & "B" Class
5. Date & Time of availability of bid document in the portal : From Dt. 08.09.2025 at 10.00 A.M.
6. Last date & Time for receipt of bids in the portal : Dt. 17.09.2025up to 05:00 P.M.
7. Last date of seeking clarification : Dt. 16.09.2025 up to 5.00 P.M
8. Date & Time of technical bid opening : Dt. 18.09.2025 at 11.00 A.M .
9. Date & Time of technical bid opening for Double Cover bids : To be intimated later on
10. Name and address of the Officer Inviting Bid : Executive Engineer, R.W.Division, Padampur, At/Po-Padampur, Dist-Bargarh,Pin- 768036

(1) Other details can be seen from DTCN available in website www.tendersodisha.gov.in
(2) Corrigendum if any shall only be published in the above website

Sd/-
Executive Engineer,
Rural Works Division, Padampur

OIPR-25069/11/0034/2526

O-696

Email id: eerw_blgr@yahoo.co.in

### GOVERNEMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: BOLANGIR
e-Procurement Notice
IFB IDENTIFICATION NO. EEBLGR-Online-05/2025-26

| | | | |
|---|---|---|---|
| 1. | Name of work | : | Building Works |
| 2. | Total no of works | : | 40 (Forty) nos |
| 3. | Approximate Estimated Cost | : | Rs 1.68 Lakh to Rs. 10.08 Lakh |
| 4. | Time for completion | : | 2 (Two) calendar months |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | : | As per TCN No. EEBLGR-Online-05/2025-26 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division. Bolangir | EEBLGR-online-05/2025-26 | 10.09.2025 at 11.00 A.M | 23.09.2025 upto 5.00PM | 22.09.2025 upto 1.00PM | 24.09.2025 at 11.00A.M |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.

Executive Engineer
R.W. Division, Bolangir

OIPR-25068/11/0027/2526



**AFFIDAVIT**

I, Shubhasmita Jena, D/o- Bira Kishor Jena, resident of At- Baidyarajpur, Saipura-III, Jajpur, Dist- Jajpur, PIN- 755007, Odisha declared by this affidavit No-719, dtd- 05/09/2025 that now onwards I shall be known as **SUBHASMITA JENA** for all future purposes.

**AFFIDAVIT**

By virtue of an affidavit sworn before The Executive, Magistrate, Baripada, Mayurbhanj, dated 01-03-2025. I, SARAJINI SOREN, W/o-Lt. Biswanath Soren, AT-Jamsola, PO-Chaksuliapada, PS-Suliapada, Dist- Mayurbhanj, declare that my actual & correct name is SARAJINI SOREN as per my aadhar & Bank pass book. But in the pension payment order vide No.5/043539/90 (ARMY) of my deceased husband my name has been wrongly mentioned as SAROJANI DEVI. SARAJINI SOREN and SAROJANI DEVI are one & same parson, i.e. my self. Henceforth I shall be known as SARAJINI SOREN for all purposes.
**SARAJINI SOREN**

**LOST**

I, **Lingaraj Mishra**, aged about 72 years, S/o Late Raghunatha Mishra, resident of At- Biraramachandrapur Part-4, PO-Biraramachandrapur, PS- Satyabadi, Dist- Puri, PIN- 752014, Odisha declare that on dtd. 01/08/2025, while I was coming from Sakhigopal bazar to my resident at Biraramachandrapur in a Auto Rickshaw, I have lost my original interim deed (Link Document) sale deed No. 11541400619, date- 29/10/2014 and Khata-219, Plot No-896, Area-A0.12dcml, Mouza- Biramchandrapur in name of Gopal Chandra Mishra along with other documents which was kept in my hand bag somewhere said bag has been misplaced / lost anywhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the LICHFL, at: IPICOL House within 15 days from the date of publication and after that the documents will lose its legal force and LICHFL will not be responsible for any claim what-so-ever on the property after 15 days.
**LICHFL Branch, BBSR**
**N.C. Pattnaik, Advocate**
**Mob: 9853311189**

**AFFIDAVIT**

By virtue of an affidavit sworn before executive magistrate, Titilagarh, dated 02-09-2025 I, Nimai Herna, Address- At/Po-Luthurbandh, Titilagarh, Balangir, 767033 declare that I have changed my name from Lime Herna to Nimai Herna. Henceforth, I shall be known as Nimai Herna for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-06/09/2025. I, **Ajaya Padhi** (Applicant name), S/O- Duryodhan Padhi, Permanent resident of At-Kursud, P.O. Kursud, P.S. Sindhekela, Dist- Balangir, (Odisha), PIN- 767035, now residing at the same place affirm that I have changed my minor daughter's name from **Manisa Padhi** (old name) to **Archita Padhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Archita Padhi** (new name).
**Ajaya Padhi**

**AFFIDAVIT**

I, Rubina Begum, aged about 33 years, W/o-Mohammed Hussain, resident of Kalimandir Pada, Po-Bhawanipatna, Ps-Town, Bhawanipatna, Dist- Kalahandi, Odisha, PIN- 766001 declare by this affidavit No- 1811 , dtd. 06.09.2025, that now onwards I shall be known as **RUBINA BANO** for all future purposes.

**AFFIDAVIT**

I, Dasarath Lal Gupta, S/o- Chhedi Lal Gupta, resident of Gandhi Nagar, Jatani, Dist-Khordha, PIN- 752050, Odisha declared by this affidavit No- 171, dtd- 25/07/2025 that now onwards I shall be known as **DASRATH LAL GUPTA** for all future purposes.

**PUBLIC NOTICE**

We are pleased to announce that "Koustuv Institute of Professional Studies" (KIPS) will be changing its name to "College of Engineering Bhubaneswar (COEB), effective from the session 2025-26.
If anyone have any questions or objections, please do not hesitate to reach out to us within 30 days from the date of publication of this Notice through E-Mail. We appreciate your understanding and continued support.
Contact Information: Koustuv Institute of Professional Studies (KIPS) Mail ID- **kips@koustuvgroup.ac.in** Regional Director of Education (RDE), Govt. of Odisha, E-mail: **rdebbsr@rediffmail.com**

**AFFIDAVIT**

By virtue of an affidavit sworn before Executive Magistrate, Niali, dated-29/08/2025. I, **Mita Nayak,** D/O- Bishnu Charan Nayak, Address: At-Alakunda, Po-Tampalo, Ps-Charichhak, Dist- Puri, Odisha, PIN-752110 declare that I have changed my name from **Mitali Nayak** to **Mita Nayak.** Henceforth, I shall be known as **Mita Nayak** for all purposes.
**(Mita Nayak)**

**AFFIDAVIT**

I, Digambara Malik, S/o-Muralidhar Malik, resident of At/Po-Barunia, Ps-Badachana, Dist-Jajpur, PIN- 754082, Odisha declared by this affidavit No-725, dtd-06/09/2025 that now onwards I shall be known as **DIGAMBAR MALIK** for all future purposes.

**AFFIDAVIT**

By virtue of an affidavit No. 5302, sworn before the Executive Magistrate, Champua, dated- 04/09/2025, I **Mohammad Akhlak,** resident of At- Word No.5, Champua, P.o/P.s- Champua, Dist-Keonjhar, Odisha, Pin- 758041 declare that I have changed my minor daughter name from **ANSARA AKHLAK** (old name) to **ANSARAH AKHLAQUE** (new name). Henceforth she shall be known as **ANSARAH AKHLAQUE** for all future purposes.
**Mohammad Akhlak**

**AFFIDAVIT**

I, Farzana Pervin, D/o-Sk Masiuddin, resident of Purusottampur, Khairabad, Jafarpur, Po-Aranga Purusottampur, Dist- Jajpur, PIN-755007, Odisha declared by this affidavit No- 721, dtd- 05/09/2025 that now onwards I shall be known as **FARZANA PARWEEN** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Lalmati Dhakad**, aged about 73 years, W/o.: Lalasin Dhakad resident of Village: Rauliguda, PO.: Gangala, P.S./Dist.: Malkangiri, Odisha, declare by this Affidavit No.: 8940, Dated: 06.09.2025 that I have changed my name from Balamati Dhakad to **Lalmati Dhakad**. Henceforth I shall be known as **Lalmati Dhakad** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Sohela on dated 04.09.2025, I Sri Nakula Samini, S/o- Ganda Samini resident of Vill.- Tandol, Ps.- Sohela, Dist.- Bargarh, Odisha state that in my son's Aadhar Card his name has been wrongly mentioned as **NIPU SAMNI** where as in his school certificate the name has been mentioned as **MIKU SAMINI**. His actual name is **MIKU SAMINI** and DOB is **20.09.2010**.

**AFFIDAVIT**

By virtue of an affidavit No. 5303, sworn before the Executive Magistrate, Champua, dated- 04/09/2025, I **Mohammad Akhlak,** resident of At- Word No.5, Champua, P.o/P.s- Champua, Dist-Keonjhar, Odisha, Pin- 758041 declare that I have changed my minor daughter name from **ROKAIYA AKHLAK** (old name) to **RUQAIYA AKHLAQUE** (new name). Henceforth she shall be known as **RUQAIYA AKHLAQUE** for all future purposes.
**Mohammad Akhlak**

**AFFIDAVIT**

By virtue of an affidavit sworn before Executive Magistrate, Banpur vide no-3378, dated-3/9/2025 I, Gouranga Maharana, S/o- Jalandhar Maharana, of Address At/Po- Badasireipur, Ps- Banpur, Khordha, Odisha, Pin-752031, declare that I have changed my name from **Gourang Moharana**, S/o- Makadam Moharana to **Gouranga Maharana**, S/o- Jalandhara Maharana. Henceforth, I shall be known as **Gouranga Maharana**, S/o- Jalandhara Maharana for all purposes.

**AFFIDAVIT**

I, Nasad Ali Khan, S/O- Asaf Ali Khan, Presently residing At - Mohana, PO, Mohana, PS - Salipur, Dist -Cuttack, Pin - 754201, Odisha, declare by this affidavit No - 132, dated - 05.09.2025, that now onwards I shall be known as **NAUSHAD ALI KHAN** for all future purposes.

**AFFIDAVIT**

I, Murali Malik, S/o- Gandharba Malik, resident of At/Po- Barunia, Ps- Badachana, Dist- Jajpur, PIN- 754082, Odisha declared by this affidavit No- 726, dtd- 06/09/2025 that now onwards I shall be known as **MURALIDHAR MALIK** for all future purposes.

**AFFIDAVIT**

I, Hanifa, aged about 31 years, W/o- Mohammed Sabir, resident of At- Ward No-2, Khariar, Dist- Nuapada, Odisha, PIN- 766107 declare by this affidavit No. 1810, dtd- 06/09/2025, that now onwards I shall be known as **HANIFA BANU** for all future purposes.

# ନକଲି ସୁନାଇଟା ଠକେଇ ଘଟଣାରେ ୫ ଗିରଫ

ନୀଳଗିରି, ୬।୯ (ସମିସ)



ବାଲେଶ୍ୱର ଜିଲ୍ଲା ନୀଳଗିରିରେ ନକଲି ସୁନା ଇଟା କାରବାର ଘଟଣାରେ ନୀଳଗିରି ଓ ବରହମପୁର ପୁଲିସ ମିଳିତ ଭାବେ ଚଢ଼ାଉକରି ଏହାର ମୁଖ୍ୟ କାର୍ଯ୍ୟକାର ନୀଳଗିରି ଏନ.ଏ.ସି ବାଣପୁର ଗ୍ରାମର ବିଷ୍ଣୁ ମହାନ୍ତିଙ୍କ ସମେତ ୪ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଗ୍ରୁପ ଅତି ଚତୁରତାର ସହ ଅସଲି ସୁନାକୁ ଦେଖାଇ ନକଲି ସୁନା ବେପାର କରୁଥିଲେ। ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅଧୀନ ସେବକନଗର ଗାଁର କୃଷ୍ଣ ନାୟକ ନାମକ ବ୍ୟକ୍ତିଙ୍କୁ ନୀଳଗିରି ଥାନା ବାଣପୁର ଅଞ୍ଚଳର ବିଷ୍ଣୁ ମହାନ୍ତି(୬୦) ଶସ୍ତାରେ ସୁନ ଇଟା ଯୋଗାଇଦେବ କହି ପ୍ରଲୋଭିତ କରିଥିଲା। ଏ ନେଇ ସମ୍ପୃକ୍ତ ବ୍ୟକ୍ତି କିଛିଦିନ ପୂର୍ବରୁ ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ତେଲିପାଳ ଅଞ୍ଚଳରେ ପହଞ୍ଚି ପୂର୍ବ ମୂଲଚାଲ ଅନୁଯାୟୀ ୧୬ ଲକ୍ଷ ଟଙ୍କା ଧରି ଆସିଥିଲେ। ମାତ୍ର ସେଠାରେ ମାଷ୍ଟର ମାଇଣ୍ଡ କୁହାଯାଉଥିବା ବିଷ୍ଣୁ ନ ପହଞ୍ଚି ୪ଜଣ ସହଯୋଗୀଙ୍କୁ ପଠାଇଥିଲା। ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ୧୬ ଲକ୍ଷ ଟଙ୍କା ଛଡ଼ାଇ ଛୁରାମାଡ଼ କରି ଫେରାର ହୋଇଯାଇଥିଲେ। ଜୀବନ ଭୟରେ କୃଷ୍ଣ ଆହତ ଅବସ୍ଥାରେ ନିଜ ଗ୍ରାମକୁ ଯାଇ ନିକଟସ୍ଥ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ଏ ସଂକ୍ରାନ୍ତରେ ଗତ ସେପ୍ଟେମ୍ବର ୧ରେ ନୀଳଗିରି ବରହମପୁର ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ ଏକ ମାମଲା (ନଂ.୧୧୨/୨୫) ରୁଜୁ କରି ଖୋଳତାଡ଼ ଆରମ୍ଭ କରିଥିଲା। ଶୁକ୍ରବାର ରାତି ୮ ଘଣ୍ଟାରେ ନୀଳଗିରି ଥାନା ଅଧୀନ ବାଣପୁର ଗ୍ରାମର ବାବୁଲି ଓରଫ ବିଷ୍ଣୁ ଚରଣ ମହାନ୍ତି (୬୦), ସେହିପରି ନୀଳଗିରି ଥାନା ଅଧୀନ ସାରୁପାଳ ଗ୍ରାମର ପିଙ୍କୁ ଓରଫ ଆଶିଷ କୁମାର ସ୍ୱାଇଁ(୨୦), ନୀଳଗିରି ଧୋବସିଲା ଗ୍ରାମର ନଳି ଓରଫ ଲଳିନ ମହାନ୍ତି (୨୨), ବାଲେଶ୍ୱର ଚାନ୍ଦିପୁର ଥାନା ଅଧୀନ ଚାନ୍ଦିପୁର ଗ୍ରାମର ରାଜା ଓରଫ ରାଜେନ୍ଦ୍ର ଡାକୁଆ (୫୦), କଟକ ସାଲେପୁର ଥାନା ଅଧୀନ କୁଲ୍କୁଳିପଡା ଗ୍ରାମର ମୁନା ଓରଫ ଅକ୍ଷୟ କୁମାର ସାମଲ (୩୭) ଙ୍କୁ ନୀଳଗିରି କୋର୍ଟରେ ପୁଲିସ ହାଜର କରିଛି। ସେମାନଙ୍କଠାରୁ ତିନି ଲକ୍ଷ ଅଣାଅଶି ହଜାର ଟଙ୍କା, ୪ କେଜି ୧୯୭ ଗ୍ରାମ ର ପିତଳ ପ୍ଲେଟ୍, ୬ଟି ମୋବାଇଲ, ଦୁଇଟି ବାଇକ୍ କୁ ପୁଲିସ ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଗୁଣି ଗାରେଡ଼ିକୁ କେନ୍ଦ୍ରକରି ଦାଦାପୁତୁରା ଲହୁଲୁହାଣ

ନୀଳଗିରି, ୬।୯ (ସମିସ): ଗୁଣି ଗାରେଡ଼ିକୁ କେନ୍ଦ୍ର କରି ହଣାକଟା ଲାଗି ଗୁରୁତର ହୋଇଥିବା ବେଳେ ଉଭୟଙ୍କ ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ ମିରିଗିଣି ଗ୍ରାମରେ ଶନିବାର ଦିନ ବିଦୁକର ସ୍ୱାଇଁଙ୍କ ଘରେ ଉକ୍ତ ଗ୍ରାମର ମାୟା ଦେଉରି ଓରଫ ଦନାକ ପୂଜା କରୁଥିଲା। କାଳେ ଗୁଣି ଗାରେଡ଼ି କରି ଫୁଲ ଅରୁଆ ଚାଉଳ ଆଣି ଉକ୍ତ ଗ୍ରାମର ମାନସ ସ୍ୱାଇଁଙ୍କ ଘର ଦାଣ୍ଡରେ ପକାଇ ଥିବା ନେଇ ବିଦୁକର ସ୍ୱାଇଁଙ୍କ ଘରେ ଥିବା ମାୟାକୁ ମନରଞ୍ଜନ ସ୍ୱାଇଁ, ମାନସ ସ୍ୱାଇଁ ମିଳିତ ଭାବେ ଗାଳି ଗୁଲଜ କରିବା ସହ ପିଟି ଥିଲେ। ବିଦୁକର ଏହାକୁ ପ୍ରତିବାଦ କରିବାରୁ ମନୋରଞ୍ଜନ ସ୍ୱାଇଁ, ମାନସ ସ୍ୱାଇଁ, ପୁନି ସ୍ୱାଇଁ, ଲିଜା ସ୍ୱାଇଁ ମିଶି ଗାଳି ଗୁଲଜ କରିବା ସହ ଠେଙ୍ଗାରେ ବାଡେଇବାରୁ ବିଦୁକରର ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ବିଦୁକରର ପୁଅ ଲକ୍ଷ୍ମୀଧର ପ୍ରତିବାଦ କରିବାରୁ ତାକୁ ମଧ ମାଡ଼ ମାରିଥିଲେ। ଏପଟେ ମାନସ କୁମାର ସ୍ୱାଇଁ ଶନିବାର ଦିନ ଦୁଇଟା ସମୟରେ ଘରେ ଥିବା ବେଳେ ହଠାତ୍ ତାର ଦାଦା ବିଦୁକର ସ୍ୱାଇଁ ଓ ତାର ପୁଅ ଲକ୍ଷ୍ମୀଧର ସ୍ୱାଇଁ ପହଞ୍ଚି ମାନସର ସାନଭାଇ ମନୋରଞ୍ଜନକୁ ଗାଳି ଗୁଲଜ କରିବା ସହ ବିଧା, ଗୋଇଠା ମାରି ସହ ଠେଙ୍ଗାରେ ବାଡେଇ ଥିଲେ। ପାଟି ଶୁଣି ମାନସ ପ୍ରତିବାଦ କରିବାରୁ ତାକୁ ମଧ ମାଡ଼ ମାରି ଥିଲେ। ଏପରିକି ଦୁଇ ଜଣ ରକ୍ତାକ୍ତ ଅବସ୍ଥାରେ ନୀଳଗିରି ମେଡିକାଲରେ ଚିକିତ୍ସିତ ହୋଇଥିବାର ଜଣା ପଡ଼ିଛି। ଏ ନେଇ ନୀଳଗିରି ଥାନାରେ ଲକ୍ଷ୍ମୀଧର ସ୍ୱାଇଁଙ୍କ ଏତଲା ମୂଳେ ଏକ ମାମଲା ରୁଜୁ ହୋଇଥିବାବେଳେ ଅନ୍ୟପଟେ ମାନସ କୁମାର ସ୍ୱାଇଁ ଙ୍କ ଅଭିଯୋଗ ମୂଳେ ଆଉ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରକାଶ କରିଛନ୍ତି।

## ପାଞ୍ଚଟି ପଞ୍ଚାୟତରେ ହେବ ସ୍ୱତନ୍ତ୍ର ଅଡିଟ୍

ନୀଳଗିରି, ୬।୯ (ସମିସ): ନୀଳଗିରି ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବିଭିନ୍ନ କାମରେ ଅନିୟମିତତା ଅଭିଯୋଗ କରି ସ୍ଥାନୀୟ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଗତ ଏପ୍ରିଲ ୧୯ ରେ ଚିଠି ଲେଖିଥିଲେ। ଏହି ଚିଠି ମୂଳେ ଉପରୋକ୍ତ ବିଭାଗର ଗତ ଅଗଷ୍ଟ ୨୨ ପତ୍ରସଂଖ୍ୟା ୨୩୨୯୮ ମୂଳେ ଔପଦା ବ୍ଲକର ଗଡ଼ସାହି ଓ ନୀଳଗିରି ବ୍ଲକର ବେଗୁନିଆ, ବରହମପୁର, ସଜନାଗଡ଼, କେପିଲାଖରାଜ ୫ଟି ପଞ୍ଚାୟତରେ ୨୦୨୦-୨୧ ରୁ ୨୦୨୩-୨୪ର ସ୍ୱତନ୍ତ୍ର ଅଡିଟ ହେବ ବୋଲି ନିର୍ଦ୍ଦେଶ ହୋଇଛି। ପୂର୍ବତନ ବିଧାୟକ ଶ୍ରୀ ନାୟକ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଛନ୍ତି ଯେ, ଉପରୋକ୍ତ ପଞ୍ଚାୟତରେ ବିଭିନ୍ନ କାମରେ ବ୍ୟାପକ ଅନିୟମିତତା ହୋଇଛି। ଯନ୍ତ୍ରୀ, ପିଇଓଙ୍କ ନାମରେ କାର୍ଯ୍ୟାଦେଶ ହୋଇ ସେ ନିଜେ ନିଜେ ହିଁ ବିଲ କରୁଛନ୍ତି। ଏଥିରେ ତଦାରଖ ପାଇଁ ଅନ୍ୟ ଉଚ୍ଚ ଅଧିକାରୀ ଯାଉନାହାନ୍ତି। ଗୃହ, ରାସ୍ତା, ନିର୍ମାଣ, ପାନୀୟ ଜଳ ପାଇପ ଯୋଗାଣ ପ୍ରଭୃତି ଏକାଧିକ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଛି। ତଦନ୍ତ କରାଯାଇ ଅନିୟମିତତା ଓ ଦୁର୍ନୀତିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବାକୁ ଶ୍ରୀ ନାୟକ ଦାବି କରିଛନ୍ତି। ଏପରିକି ଏହି ସ୍ୱତନ୍ତ୍ର ଅଡିଟରମାନେ କ୍ଷେତ୍ରକୁ ଯାଇ ତଦନ୍ତ କଲେ ସବୁ ଅନିୟମିତତାର ପର୍ଦ୍ଦାଫାସ ହୋଇପାରିବ ବୋଲି ସୂଚନା ମିଳିଛି।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି, ୬।୯ (ସମିସ): ନୀଳଗିରି ବ୍ଲକ ଅନ୍ତର୍ଗତ ଭଉଁରୀୟାବାଡ ପଞ୍ଚାୟତରେ ଥିବା ଧିରିଘୁଟ ଖେଳ ପଡିଆରେ ମୁର୍ମୁ ହାଉସଦା କ୍ଲବ ଧିରିଘୁଟ ପକ୍ଷରୁ ପଞ୍ଚମ ୨ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଉପସ୍ଥିତ ରହି ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଶନିବାର ଫାଇନାଲ ମ୍ୟାଚରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ବିତରଣ କରିଥିଲେ।



ମୟୂରଭଞ୍ଜର ମୁର୍ମୁଗେଣ୍ଡା ଟୁର୍ନାମେଣ୍ଟର ପ୍ରଥମ ପୁରସ୍କାର ବିଜେତା ଦଳ ପାଇଁ ୩୦,୦୦୦ ଟଙ୍କା, ଉପ ବିଜେତା ବିର୍ସାମୁଣ୍ଡା ପୁରସ୍କାର ୨୦,୦୦୦ ଟଙ୍କା, ତୃତୀୟ ଏବଂ ଚତୁର୍ଥ ଦଳକୁ ୪୦୦୦ ଟଙ୍କା ନଗଦ ପୁରସ୍କାର ଦିଆଯାଇଥିଲା। ସଭାପତି ଦୁଲା ମାଝି, କୋଷାଧ୍ୟକ୍ଷ ରାମ ମାଝି, ସମ୍ମାନିତ ଅତିଥିଭାବେ ମଦନ ମୋହନ ମାଝି, ବିଶମ୍ବର ପରିଡା, ସୁନାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ପଡିଆର ଚାରିପାଖରେ ହଜାର ହଜାର ଫୁଟବଲ ପ୍ରେମୀ ଖେଳ ଉପଭୋଗ କରିଥିଲେ।

## ଖେଳ ପ୍ରତିଯୋଗିତାକୁ ଶୁଭାରମ୍ଭ କଲେ ବିଧାୟିକା



ବାଲିଆପାଳ, ୬।୯ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନରେ ବ୍ଲକ ସ୍ତରୀୟ ଖେଳ ଓ ଦୌଡ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ବସ୍ତା ବିଧାୟିକା ସୁବାସିନି ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରି ଜଗବନ୍ଧୁ ଜେନାଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ନମିତା ପ୍ରଭା ସାମଲ, ପ୍ରଧାନ ଶିକ୍ଷକ ସଞ୍ଜୟ ଜେନା, ସମରଞ୍ଜନ ଜେନା, ରାଜେନ୍ଦ୍ର ବେହେରା, ଅନ୍ନପୂର୍ଣ୍ଣା ପ୍ରଧାନ, ଇପ୍ସିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଷୋହଳଟି କ୍ଲଷ୍ଟରରୁ ଚାରି ଶହ ପିଲା ଖେଳ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଥିଲେ। ପ୍ରଥମ ଦିବସରେ ଫୁଟବଲ, ଭଲିବଲ, ଶହେରୁ ତିନି ହଜାର ମିଟର ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟପୁଟ, ଡିସକସ ପ୍ରମୁଖ ଖେଳ ୩୧୪ ପିଲା ଖେଳରେ ଅଂଶଗ୍ରହଣ କରିଥିଲେ। ଏହି ଖେଳ ଆସନ୍ତା ସୋମବାର ଉଦଯାପିତ ହେବ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ



ସୋର, ୬।୯ (ସମିସ) : ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ସଂଘର କ୍ଷୀରକୋଣି ସ୍ଥିତ କାର୍ଯ୍ୟାଳୟର ମାତା ଭୁବନେଶ୍ୱରୀ ଦେବୀ ସମ୍ମିଳନୀ କକ୍ଷରେ ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ତଥା ଗୁରୁ ଦିବସ ପାଳିତ ହୋଇଯାଇଛି। ଯୁବକ ସଂଘ ର ଗୁରୁ ତଥା ପ୍ରାକ୍ତନ ଶିକ୍ଷକ ଦିବାକର ମହାନ୍ତିଙ୍କୁ ଯୁବକ ସଂଘ ପକ୍ଷରୁ ଗୁରୁ ପୂଜନ କରାଯାଇଥିଲା। ଯୁବକ ସଂଘର ସଭାପତି କମଳ ଲୋଚନ ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ସମ୍ପାଦକ ସରୋଜ କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ପୌରହିତ୍ୟ କରିଥିଲେ। ଶିକ୍ଷା ଓ କଳା ଗୁରୁ ଦିବାକର ମହାନ୍ତି ନିଜ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଯୁବକ ସଂଘର ମୁଖ୍ୟ ପରିଚାଳକ ଲଳିତ କୁମାର ଦାସ, କୋଷାଧ୍ୟକ୍ଷ ବିଶ୍ୱରଂଜନ ସାହୁ, ସଦସ୍ୟ ଦେବାଶିଷ ପୋଇ, ପରେଶ ବେହେରା, ସ୍ଲୋଗାନ ଦାସ, ବିମ୍ବାଧର ବେହେରା, ଭଗ୍ୟଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ବାଲିଆପାଳ:** ମଧୁପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ପଞ୍ଚରୁଖି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଂଜିତା ପାତ୍ରଙ୍କ ସଭାପତିତ୍ୱ ରେ ଏକ ସଭାର ଆୟୋଜନ ହୋଇଥିଲା। ଏହି ଅବସରରେ ମୁଧୁପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୦୪ ମସିହା ପୁରାତନ ଛାତ୍ରଛାତ୍ରୀ ଦୃଗା ଶଙ୍କର ଗିରି, ଅନୋଜ କୁମାର ଗିରି, ଶିବଶଙ୍କର ବିଶ୍ୱାଳ, କବ୍ୟଲ ଜେନା ପ୍ରମୁଖ ସହଯୋଗ କରିଥିଲେ।

**ଜଳେଶ୍ୱର:** ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନସ୍ଥ ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନ ସମୂହରେ ପବିତ୍ର ଗୁରୁ ଦିବସ ପାଳନ ସହ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇ ଗୁରୁ ଯୁଗେ ଯୁଗେ ପୁଜ୍ୟ ଓ ନମସ୍ୟ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ସୁକୁମାର ରଣା, ଅଧ୍ୟାପକ ବିଷ୍ଣୁପଦ ପାତ୍ର, ଅଧ୍ୟାପକ ଅକ୍ଷୟ କୁମାର ଜେନା, ଅଧ୍ୟାପକ ସତ୍ୟ ମୟ ଆଚାର୍ଯ୍ୟ, ଅଧ୍ୟାପକ ଗଣେଷ ଚନ୍ଦ୍ର ସାହୁ ପ୍ରମୁଖ ମନୀଷୀ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ର ରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ମଧୁ ଛନ୍ଦା ମହାନ୍ତି ଯୋଗଦେଇ ମତ ରଖିଥିଲେ। ଆଇ ଟି ଆଇ ର ଅଧ୍ୟକ୍ଷ ପ୍ରକାଶ କୁମାର ଦିନ୍ଦା, ପ୍ରଶିକ୍ଷକ ମାନସ କୁମାର ମାଇତି, ପ୍ରଶିକ୍ଷକ ସୁଜୟ କୁମାର ବ୍ରହ୍ମ, ଗୌର ଗୋପାଳ ପରିଡା, ଅଧ୍ୟାପକ ସ୍ୱରାଜ ଜେନା, ସ୍ୱପ୍ନା ସେନାପତି ପ୍ରମୁଖ ଗୁରୁ ଶିଷ୍ୟ ସମ୍ପର୍କ ବିଷୟରେ ବକ୍ତବ୍ୟ ରଖିଥିଲେ।

**ଦୀନକୃଷ୍ଣ ମହାବିଦ୍ୟାଳୟ:** ଜଳେଶ୍ୱର



ବ୍ଲକ ସୁଗୋ ପଞ୍ଚାୟତ ଅନ୍ତର୍ଗତ ଧାନଶିମୁଳିଆ ସ୍ଥିତ ସର୍ବ ପୁରାତନ ମହାବିଦ୍ୟାଳୟରେ ଗୁରୁ ଦିବସ ଅବସରରେ ପୂଜ୍ୟ ପୂଜା ଓ ବିଗ୍ରହ ସିଂହାସନ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ସଭାପତିତ୍ୱ କରି ଗୁରୁ ଶିଷ୍ୟଙ୍କ ମଧ୍ୟରେ ଅନାବିଳ ସମ୍ପର୍କ ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତ ବିଭାଗ ର ଅଧ୍ୟାପକ ରତନ କୁମାର କର, ସ୍ୱାତି ଶ୍ରୀ କାମିକା ପ୍ରମୁଖ ଯୋଗଦେଇ ଗୁରୁ ଶିଷ୍ୟ ଆତ୍ମିକ ସମ୍ପର୍କ ବିଷୟରେ ମାର୍ମିକ ଅଭି ଭାଷଣ ରଖିଥିଲେ। ସଂସ୍କୃତ ବିଭାଗ ପକ୍ଷରୁ ସିଂହାସନ ପ୍ରତିଷ୍ଠା ସହିତ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା।

**ସିମୁଳିଆ:** ସିମୁଳିଆ ବ୍ଲକ୍ ଜାମୁଝାଡ଼ି ଠାରେ ଓଡ଼ିଶା ଶିଳ୍ପୀ ମହାସଂଘ ତରଫରୁ ଏକ ନିଆରା ଗୁରୁ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ଶିଳ୍ପୀ ମହାସଙ୍ଘ ସଭାପତି ଉଦୟ ମହାନ୍ତିଙ୍କ ନେତୃତ୍ୱରେ ବାଲେଶ୍ୱର, ଭଦ୍ରକ ଏବଂ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ହସ୍ତଶିଳ୍ପୀ ଏକତ୍ରିତ ହୋଇ ୧୫ ଜଣରୁ ଅଧିକ ଗୁରୁମାନଙ୍କୁ ପୂଜାର୍ଚ୍ଚନା କରି ତାଙ୍କର ଦୀର୍ଘାୟୁ କାମନା କରିଛନ୍ତି। ପବିତ୍ର ଗୁରୁଦିବସରେ ବେତ ଓ ବାଉଁଶରେ ସରୋଜିନୀ ଦାସ, ଚାନ୍ଦୁଆରେ ବାସନ୍ତୀ ନାୟକ, ରଶ୍ମିତା ମହାନ୍ତି, ମଞ୍ଜୁଲତା ପାତ୍ର, ଝୋଟରେ ମିନତୀ ବର, ରେବତୀ ବଢ଼େଇ, ଗୀତାରାଣୀ ବଢ଼େଇ ଟେଡିରେ ସମ୍ପାସିଲ, ପେଡ଼ିରେ ମିନତୀ ଦାସ, ସବାଇରେ ଆରତୀ ଦାସ ଏବଂ କଳ୍ପନା ଜେନା, କାଠ ଖୋଦେଇରେ ତପନ ମହାରଣା, ପଥରରେ ଅକ୍ଷୟ ମହାନ୍ତି ପ୍ରମୁଖ ଗୁରୁମାନଙ୍କୁ ଚନ୍ଦନ, ପୁଷ୍ପ ଓ ଦୁବ, ଅରୁଆ ଚାଉଳ ଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ ଏବଂ ସୋରର ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ଯୋଗ ଦେଇଥିବା ବେଳେ ସମ୍ପାଦକ ପ୍ରିୟରଞ୍ଜନ କର ସଭା ପରିଚାଳନା କରିଥିଲେ। ସରୋଜିନୀ ଦାସ, ପୂର୍ଣ୍ଣିମା ବର, ଆନନ୍ଦ ନାୟକ ସମେତ ସମସ୍ତ ହସ୍ତଶିଳ୍ପୀ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ଜୟଚଣ୍ଡୀ ଉଚ୍ଚ ବିଦ୍ୟାଳୟର ୩ ଜଣ ଶିକ୍ଷକ

ଜଳେଶ୍ୱର, ୬।୯ (ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୟଚଣ୍ଡୀ ଉଚ୍ଚ ବିଦ୍ୟାଳୟ ଚୋରମରାର ୩ ଜଣ ଶିକ୍ଷକ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ବିଜ୍ଞାନ ଶିକ୍ଷକ ସପନ କୁମାର ମଲ୍ଲିକ, ସଂସ୍କୃତ ଶିକ୍ଷକ ସୁଦାମ ଚରଣ ନାୟକ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଦୀପ କୁମାର ଦାସ। କଠିନ ପରିଶ୍ରମ, ଦୃଢ ଇଚ୍ଛାଶକ୍ତି, ଶିକ୍ଷକ, ଛାତ୍ରଛାତ୍ରୀ ତଥା ଗ୍ରାମବାସୀଙ୍କର ଭଲ ପାଇବାରୁ ଏହା ସମ୍ଭବ ହୋଇଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜେନାଲ ସିଂ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରୀତିଲତା ସୋରେନ, ବରିଷ୍ଠ ଶିକ୍ଷକ ରାଜା ସିଂ, କୃପାସିନ୍ଧୁ ହାଜିରା ଓ ଚୈତନ୍ୟ ହେମ୍ବ୍ରମ ସମେତ ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେୟ ଦେଇଛନ୍ତି।



## ସାପ କାମୁଡ଼ାରେ ବୃଦ୍ଧା ମୃତ

ଜଳେଶ୍ୱର ବ୍ଲକ, ୬।୯ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି ଅଧୀନ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ମାଳି ପାଳ ଗ୍ରାମର ସ୍ୱର୍ଗତ କିଶୋରୀମ ବିଶ୍ୱାଳଙ୍କ ପତ୍ନୀ ମଣ୍ଡୁ ବିଶ୍ୱାଳ (୬୨) ଆଜି ସନ୍ଧ୍ୟା ସମୟରେ ମାଳିପାଳ ବାଳିକା ବିଦ୍ୟାଳୟର ହଷ୍ଟେଲକୁ ରୋଷେଇ କରିବାକୁ ଯାଉଥିବା ବେଳେ ସ୍କୁଲ ଛକ ନିକଟରେ ଏକ ବିଷାକ୍ତ ସର୍ପ ଦଂଶନ କରିବାରୁ ସଙ୍ଗେ ସଙ୍ଗେ ତାଙ୍କୁ ଜଳେଶ୍ୱର ଡିଏଚ ଭଳି ହସ୍ପିଟାଲ ନିଆଯାଇ ଥିଲା। ସେଠାରେ ଡାକ୍ତର ରୋଗୀର ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇ ଥିଲା। ସେଠାରେ ତାଙ୍କର ଚିକିତ୍ସା ଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗ୍ରାମର ଯୁବ ନେତା ବ୍ରଜ ମୋହନ ଦାସ, ବୀରକିଶୋର ରାଉତ, ସରୋଜ ଦତ୍ତ, ଭାଗବତ ଘୋଷ ପ୍ରମୁଖ ତାଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ପାଖରେ ଦାବି ଜଣାଇଛନ୍ତି।

## ମଦ୍ୟପ ଯୁବକ ଗିରଫ

ସୋର, ୬।୯ (ସମିସ): ଗତ କାଲି ରାତିରେ ପବିତ୍ର ମହରମ ପର୍ବ ଉପଲକ୍ଷେ ସୋରର ବିଭିନ୍ନ ସାହିରୁ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷରେ ରଖି ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ୨ପ୍ଲାଟୁନରୁ ଅଧିକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। କେତେକ ସ୍ଥାନରେ ଭିଡକୁ ନିୟନ୍ତ୍ରଣ କରିବାକୁ ରାସ୍ତା ବନ୍ଦ କରାଯିବ ସହିତ ଅନ୍ୟ ରାସ୍ତାରେ ଲୋକେ ଯାତାୟାତ କରିଥିଲେ। ସୋର ଅନନ୍ତପୁର ଛକ ନିକଟରେ କମାଣପୁର ଗ୍ରାମର ଅଜୟ କୁମାର ବିଶ୍ୱାଳ(୪୫) ଉକ୍ତ ବନ୍ଦ ଥିବା ରାସ୍ତାରେ କାର ଚଳାଇ ଆସିଥିବାରୁ ପୁଲିସ ତାଙ୍କୁ ଅଟକାଇଥିଲା। ଏହି ସମୟରେ ଅଜୟ ମଦ୍ୟପାନ କରିଥିବାରୁ ପୁଲିସ ସହ ଯୁକ୍ତିତର୍କ କରିଥିଲେ। ଫଳରେ ପୁଲିସ ତାଙ୍କୁ ମଦ୍ୟପାନ କରି ଗାଡି ଚଳାଉଥିବା ଅଭିଯୋଗରେ ଗିରଫ କରି ଥାନାରେ ଏକ ମାମଲା ରୁଜୁ କରି ଆଜି ଅପରାହ୍ଣରେ କୋର୍ଟ ଚାଲାଣ କରିଛି। ପୁଲିସ କାର ଟିକୁ ଜବତ କରିଥିବା ସୂଚନା ମିଳିଛି।

## ୨୫ ଗୋରୁ ଉଦ୍ଧାର, କଣ୍ଟେନର ଜବତ

ଖନ୍ତାପଡ଼ା/ବାହାନଗା, ୬।୯ (ସମିସ): ୧୬ ନଂ ଜାତୀୟରାଜପଥରେ ଏକ କଣ୍ଟେନର ଭଦ୍ରକ ଆଡୁ ପଶ୍ଚିମବଙ୍ଗ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ସମୟରେ ଖନ୍ତାପଡ଼ା ବେଗୁନିଆ ପୋଲ ନିକଟରେ ଦୁଇଟି ଆଗ ଚକା ଫାଟିଯାଇ ଥିଲା। ଗୋସୁରକ୍ଷା ବାହିନୀ କୌଣସି ସୂତ୍ରରୁ ଖବର ପାଇ ଖନ୍ତାପଡ଼ା ଥାନାକୁ ଖବର ଦେଇଥିଲେ। କିନ୍ତୁ ଖନ୍ତାପଡ଼ା ପୁଲିସ ଦୁଇଘଣ୍ଟା ବିଳମ୍ବରେ ପହଞ୍ଚିବାରୁ ଗାଡ଼ିରେ ଥିବା ଡ୍ରାଇଭର ଓ ହେଲପର ଖସି ପଳାଇଯିବାକୁ ସକ୍ଷମ ହୋଇଥିଲେ। ପୁଲିସ କଣ୍ଟେନରର ଦୁଇଟି ଆଗ ଚକା ଲଗାଇ କଣ୍ଟେନରରେ ଥିବା ୨୫ ଗୋଟି ଗୋରୁଙ୍କୁ ବାମପଦା ଠାରେ ଥିବା ମା'ଭାରତୀ ଗୋଶାଳାରେ ଜୀବିତ ଅବସ୍ଥାରେ ଛାଡି କଣ୍ଟେନରକୁ ଜବତ କରାଯାଇଛି।



## ମଦ ଜବତ, ଅଭିଯୁକ୍ତ ଗିରଫ

ସୋର, ୬।୯ (ସମିସ): ସୋର ପୁଲିସ ପକ୍ଷରୁ ମହୁମୁହାଣ ଗ୍ରାମ ନିକଟରେ ଥିବା ଏକ ପାନ ଦୋକାନରେ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଗ୍ରାମର ଆଦିକନ୍ଦ ସାହୁ ମହୁମୁହାଣ ଗ୍ରାମ ନିକଟରେ ଏକ ପାନ ଦୋକାନ କରି ମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହେଉଥିଲା। ଆଜି ମଧ୍ୟାହ୍ନରେ ସୋର ପୁଲିସ ଉକ୍ତ ସ୍ଥାନରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ପାନ ଦୋକାନରେ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ଆଦିକନ୍ଦ ନିକଟରୁ ପୁଲିସ ୩୧.୪୩୫ ଲିଟର ବିଦେଶୀ ମଦ ଜବତ କରିବା ସହିତ ଆଦିକନ୍ଦକୁ ଗିରଫ କରିଥିଲେ। ଅପରାହ୍ନରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

## ଟ୍ରେନ୍ ଆଗକୁ ଡେଇଁ ବୃଦ୍ଧଙ୍କ ଆତ୍ମହତ୍ୟା

ସୋର, ୬।୯ (ସମିସ): ସୋର ରେଳ ଷ୍ଟେସନ ନିକଟରେ ଟ୍ରେନ ଆଗକୁ ଡେଇଁ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ବୃଦ୍ଧ ଜଣଙ୍କ ହେଲେ ସୋର ପୌର ପାଳିକା ଅନ୍ତର୍ଗତ ପଠାଣ ମହଲ୍ଲା ଗ୍ରାମର ମିର୍ଜା ଆକବର ବେଗ (୬୫)। ସୋର ପୌର ପାଳିକା ଅନ୍ତର୍ଗତ ପଠାଣ ମହଲ୍ଲା ଗ୍ରାମର ବୃଦ୍ଧ ଜଣଙ୍କ ପାରିବାରିକ କଳହରେ ଅତିଷ୍ଠ ହୋଇ ବାହାରେ ଏଣେତେଣେ ବୁଲୁଥିଲେ। କିନ୍ତୁ ସୋର ରେଳ ଷ୍ଟେସନ ନିକଟରେ ଆଜି ଅପରାହ୍ନରେ ଭଦ୍ରକରୁ ଖଡ଼ଗପୁର ଯାଉଥିବା ଡାଉନ ମେମୁ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସୋର ଷ୍ଟେସନରେ କାର୍ଯ୍ୟରତ ଆରପିଏଫ କର୍ମଚାରୀ ମାନେ ଘଟଣାସ୍ଥଳରେ ଶବକୁ ଜଗି ରହିଛନ୍ତି। ଦୁର୍ଘଟଣା ଘଟାଇବା ପରେ ଟ୍ରେନ ଟି ଷ୍ଟେସନରେ କିଛି ସମୟ ପାଇଁ ଅଟକି ରହିଥିଲା। ପରେ ଗନ୍ତବ୍ୟ ସ୍ଥଳରୁ ଯାଇଥିଲା।

## ବେଆଇନ ବାଲି ଉଠାଣ, ନୌକା ଜବତ

ବାଲିଆପାଳ, ୬।୯ (ସମସ): ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତର ପାଳପଡାଠାରେ ବେଆଇନ ବାଲି ଉତ୍ତୋଳନକୁ ନେଇ ଦୀର୍ଘ ଦିନ ଧରି ବାଲିଆପାଳ ତହସିଲଦାର ଓ ଖଣି ଅଧିକାରୀଙ୍କ ଠାରେ ଅଭିଯୋଗ ହୋଇଆସୁଥିଲା। ଶନିବାର ଅପରାହ୍ନରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ, ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ବାଲି ଉତ୍ତୋଳନ କରୁଥିବା ତିନୋଟି ଯନ୍ତ୍ର ଚାଳିତ ନୌକାକୁ ଜବତ କରିଥିଲେ।

## ଜିଲ୍ଲା ଦୌରାଜଜ୍ଙ୍କ ଜଳେଶ୍ୱର ଗସ୍ତ

ଜଳେଶ୍ୱର ୬।୯ (ସମିସ): ଡାଲସାର ଚେୟାରମ୍ୟାନ ତଥା ଦୌରାଜଜ୍ ସତ୍ୟନାରାୟଣ ମିଶ୍ର ଜଳେଶ୍ୱର ଗସ୍ତ କରିବା ସହିତ ଖୁଆଡ ପଂଚାୟତର ପୁରୁଣାପାଣିଠାରେ ଥିବା "ପ୍ରୟାସ' ଜରାନିବାସକୁ ପରିଦର୍ଶନ କରିଥିଲେ। ସେଠାରେ ଥିବା ୨୫ଜଣ ଅନ୍ତେବାସୀଙ୍କ ସହିତ ସୌଜନ୍ୟ ଆଲୋଚନା କରିଥିଲେ। ସଂଗଠନର ସଂପାଦକ ଜୀବନ ମଲ୍ଲିକ ଓ ସୁପରିଟେଣ୍ଡେ ଜଗନ୍ନାଥ ପାତ୍ର ପ୍ରମୁଖ ଉପସ୍ଥିତ ରହି ଜରାନିବାସ କେତେକ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ସେହିପରି ଶାନ୍ତିଆଠାରେ ଥିବା ଗାନ୍ଧିସେବାଶ୍ରମକୁ ପରିଦର୍ଶନ କରି ପିଲାମାନଙ୍କ ସଂପର୍କରେ ପଚାରି ବୁଝିଥିଲେ। ସେବାଶ୍ରମରେ କେତେକ ଆବଶ୍ୟକତା ସଂପର୍କରେ ଆଲୋଚନା କରାଯାଇଥିବା ଜଣାଯାଇଛି।

# ଭୋଗରାଇ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଭୋଗରାଇ, ୬।୯ (ସମିସ)



ଭୋଗରଇ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଉଚ୍ଚ ମାଧମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏହି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ବ୍ଲକର ୧୭୫ଟି ମାଧମିକ ଓ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଥମେ ଜୋନ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ସେଥିରୁ ମନୋନୀତ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ନେଇ ବ୍ଲକ ସ୍ତରୀୟ ପ୍ରତିଯୋଗିତା ହେଉଛି। ଆଜି ଜଳେଶ୍ୱରପୁର ଉଚ୍ଚ ସରକାରୀ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗୀତାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦତ୍ତ ସଭାପତିତ୍ୱ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଶ୍ରୀ ଦାସ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୀପକ କୁମାର ଗାରୁ, ଶ୍ରେଣୀ ଶିକ୍ଷକ ଗୋବର୍ଦ୍ଧନ ଜେନା, ଭବାନୀ ଶଙ୍କର ପ୍ରଧାନ, ଗୌତମ ସାମଲ, ବିକ୍ରମ ରାଉଳ, ଶିକ୍ଷୟତ୍ରୀ ବିଦ୍ୟୁତପ୍ରଭା ନନ୍ଦୀ, କ୍ରିଷ୍ଣା ରାଣୀ ବେହେରା ଏହି ଉଦଘାଟନ ସମାରୋହରେ ଯୋଗ ଦେଇଥିଲେ। ଆୟୋଜିତ ୪ଟି ଜୋନରୁ ମନୋନୀତ ହୋଇଆସିଥିବା ମୋଟ ୫୫୫ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲା ବେଳେ ସେମାନଙ୍କ ମଧ୍ୟରୁ ଉଭୟ ସିନିୟର ବାଳକ, ଜୁନିୟର ବାଳକ, ସିନିୟର ବାଳିକା, ଜୁନିୟର ବାଳିକା ବିଭାଗ ରେ ମୋଟ ୧୬୯ ଜଣ ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ବିଭିନ୍ନ ଜୋନ ବ୍ଲକରୁ ଜିଲ୍ଲା ସ୍ତର ତଥା ସେଠାରୁ ରାଜ୍ୟ ସ୍ତର ପ୍ରତିଯୋଗିତା କୁ ମନୋନୀତ ହେବେ ବୋଲି ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ଜେନା, ସ୍ୱପ୍ନନ୍ଦୁ ଆଚାର୍ଯ୍ୟ, ଦିଲ୍ଲୀପ ପାତ୍ର, ସୁଶାନ୍ତ ବାରିକ, ଚକ୍ରଧର ମହାନ୍ତି, ମନୋଜ କୁମାର ସାହୁ, ସୁକୁମାର ଦାସ, ଦିଗ ବିଜୟ ପ୍ରଧାନ, ସଂଜୀବ କୁମାର ପଣ୍ଡା, ଶ୍ରୀକାନ୍ତ ଜେନା, ଉତ୍ତମ କୁମାର ଜେନା, ଆଶିଷ କୁମାର ବେହେରା, ଜୟନ୍ତ କୁମାର ଗିରି, ତନୁଲତା ପିଳା, ଶ୍ରାବଣୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ମାନେ ପରିଚାଳନା ରେ ସହାୟତା କରିଥିଲେ।

# ୫ ଦଫା ଦାବି ପୂରଣ ଦାବିରେ କୁଡୁମୀ ସେନାରୁ ବିକ୍ଷୋଭ




କେନ୍ଦୁଝର,୬।୯(ସମିସ):

ଓଡିଶା କୁଡୁମୀ ସେନା ପକ୍ଷରୁ କେନ୍ଦୁଝର କାଳୀପଡିଆଠାରୁ ବହୁସଂଖ୍ୟକ ସଦସ୍ୟ ଏକ ବିଶାଳ ଶୋଭାଯାତ୍ରରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଓଡ଼ିଶାର ଦ୍ୱିତୀୟ ସଂଖ୍ୟାଗରିଷ୍ଠ ଲାଭ କରିଥିବା ୩୦ ଲକ୍ଷ କୁଡୁମି ସମ୍ପ୍ରଦାୟ ଚାଷ ଏବଂ ବନ୍ୟ ଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ଥିବାବେଳେ ବର୍ତ୍ତମାନ ଅବହେଳିତ ରହିଛନ୍ତି ବୋଲି ସଂଗଠନ ଦାବି କରିଛି । ୧୯୫୦ ସେପ୍‌ଟେମ୍ବର ୬ ତାରିଖ ପରେ କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ବର୍ଗ ପାଇଁ ଦାବି ଦିଆଯାଇଥିଲା । ବହୁ ସଂଘର୍ଷ ସଂଗ୍ରାମ, ଆନ୍ଦୋଳନ, ପ୍ରତିବାଦ ପରେ ମଧ ଆଦିବାସୀ ବର୍ଗରେ ତାଲିକାଭୁକ୍ତ କରାଯାଉନାହିଁ । କୁଡୁମି ସମ୍ପ୍ରଦାୟକୁ ପୁଣିଥରେ ଆଦିବାସୀ ବର୍ଗରେ ସାମିଲ କରିବାକୁ ଦାବି ହୋଇଛି । କୁଡୁମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ, କୁଡୁମାଲି ଭାଷାରେ ଶିକ୍ଷାଦାନ, କୁଡୁମି ସମ୍ପ୍ରଦାୟ ଅଧିକୃତ ଜମିକୁ ପଟ୍ଟା ପ୍ରଦାନ, କୁଡୁମୀ ବିକାଶ ପରିଷଦ ଗଠନ ଆଦି ଦାବି ରହିଛି । ଓଡିଶା କୁଡମୀସେନା ଉପସଭାପତି ମିତ୍ରଭାନୁ ମହାନ୍ତ, ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତ ସମେତ ଅନ୍ୟ ନେତୃତ୍ୱବୃନ୍ଦ ଦାବିପତ୍ର ଦେଇଥିଲେ ।

■ କାନ୍‌ଝାରୀ ବାମ କେନାଲରେ ଘାଇ

# ସପ୍ତାହେ ବନ୍ଦ ରହିବ ଜଳଯୋଗାଣ

କେନ୍ଦୁଝର, ୬।୯(ସମିସ): କାନଝାରୀ ମଧ୍ୟମ ଜଳଭଣ୍ଡାରରୁ ଯାଇଥିବା ବାମ କେନାଲରେ ଏକ ଛୋଟ ଘାଇ ସୃଷ୍ଟି ହୋଇଛି । ସଦର ବ୍ଲକ ତାଳପଦା ପଞ୍ଚାୟତ ଅନ୍ତର୍ଗତ ଛେମୁଡିବିଲ ନିକଟ ବଗାଲଠାରେ ବାମ କେନାଲରେ ଶନିବାର ସକାଳେ ଏକ ଛୋଟ ଘାଇ ସୃଷ୍ଟି ହେବା ଯୋଗୁଁ କେନାଲରେ ଜଳ ଯୋଗାଣ ବନ୍ଦ ରହିଛି । ଗତ ୨ ସପ୍ତାହ ଧରି ଲଗାଣ ବର୍ଷା ଫଳରେ ବାମ କେନାଲର ଡାହାଣ ପାଶ୍ୱର୍ ଦୁର୍ବଳ ହୋଇ



ଏକ ଘାଇ ସୃଷ୍ଟି ହୋଇ କେନାଲ ଶଯ୍ୟାରେ ପାଣି ନିଷ୍କାସନ ହେଉଛି । କେନାଲ ମରାମତି ପାଇଁ ବାମ ପଟ କେନାଲରେ ଆଜିଠାରୁ ଜଳ ଯୋଗାଣ ବନ୍ଦ କରାଯାଇଛି । ୧ ସପ୍ତାହ ମଧ୍ୟରେ ଏହାର ସ୍ଥାୟୀ ମରାମତି କରାଯାଇ ପୂର୍ବପରି କେନାଲରେ ଜଳ ଯୋଗାଣ କରାଯିବ ବୋଲି କାନ୍‌ଝାରୀ ଏସଡିଓ ଚର୍ତୁଭୂଜ ନାଏକ କହିଛନ୍ତି । ଏହି ସମୟ ମଧ୍ୟରେ ଚାଷୀମାନେ ସହଯୋଗ କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି ।

## ଚମ୍ପୁଆ ସାହିତ୍ୟ ସଂସଦ ପକ୍ଷରୁ ବ୍ଲକ୍ ଟପର୍ ପୁରସ୍କୃତ



ଚମ୍ପୁଆ, ୬।୯(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚମ୍ପୁଆ ବ୍ଲକରେ ୨୦୨୪-୨୫ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ଓ ମାତୃଭାଷା (ସାହିତ୍ୟ) ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଙ୍କୁ ଚମ୍ପୁଆ ସାହିତ୍ୟ ସଂସଦ ତରଫରୁ ପୁରସ୍କୃତ କରାଯାଇଛି । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାସେଶ୍ୱର ମହାନ୍ତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନଶିକ୍ଷକ କଳାକର ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପାଣ୍ଡୁ ରାଠୋର, ଅବସରପ୍ରାପ୍ତ ପ୍ରଧାନଆଚାର୍ଯ୍ୟ ଧରଣୀଧର ଦାସ, ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ । ସାହିତ୍ୟ ସଂସଦର ସମ୍ପାଦକ କଳାକର ମହାନ୍ତଙ୍କ ଦ୍ୱାରା ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଅମରଜିତ୍ ମହାନ୍ତ ଓ ଚମ୍ପୁଆ ସାହିତ୍ୟ ସଂସଦର ସଭାପତି ରାସେଶ୍ୱର ମହାନ୍ତଙ୍କ ଦ୍ୱାରା ମାଟ୍ରିକ ପରୀକ୍ଷାରେ ମାତୃଭାଷା (ସାହିତ୍ୟ) ରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଚନ୍ଦନ ପ୍ରଧାନଙ୍କୁ ମାନପତ୍ର, ଉପଢ଼ୌକନ, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଅର୍ଥରାଶି ପୁରସ୍କୃତ କରିଥିଲେ । ଅମରଜିତ ମହାନ୍ତଙ୍କ ସହିତ ପିତା ଜୀବନ ମହାନ୍ତ, ଚନ୍ଦନ ପ୍ରଧାନଙ୍କ ମାତା ସୁବାସିନି ପ୍ରଧାନ ପୁରସ୍କାର ଗ୍ରହଣ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନଙ୍କୁ ସମ୍ମାନିତ କରିଥିଲେ । ଆଚାର୍ଯ୍ୟ ଭାସ୍କରଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ । ଆଚାର୍ଯ୍ୟ ଉମେଶଚନ୍ଦ୍ର ମହାନ୍ତ, ରବିନ ମହାନ୍ତ ସହଯୋଗ କରିଥିଲେ ।

## ଡମ୍ପରର ଧକ୍କାରେ ଜଣେ ଗୁରୁତର

ବେଲବାହାଲି, ୬।୯(ସମିସ): ଘସିପୁରା ଥାନା ୨୦ନଂ ଜାତୀୟ ରାଜପଥ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ଏକ ଡମ୍ପର ଗାଡି ସାମନା ପଟୁ ବାଇକକୁ ଧକ୍କା ଦେବା ଫଳରେ ବାଇକ୍ ଚାଳକ ରାମଚନ୍ଦ୍ରପୁର ଥାନା ଜଳସୁଆଁ ଗ୍ରାମର ଆଦିତ୍ୟ ସାହୁ (୨୦) ଗୁରୁତର ଆହତ ହୋଇଛନ୍ତି । ଗ୍ରାମକୁ ଫେରୁଥିବା ସମୟରେ ରାଜପଥ କଡରେ ବେଆଇନି ପାର୍କିଂରେ ଛିଡାହୋଇଥିବା ଡମ୍ପର (ଓଆର ୧୬ସି ୩୧୬୦) ଦ୍ରୁତ ଗତିରେ ରାସ୍ତା ଅତିକ୍ରମ କରୁଥିବା ବେଳେ ବାଇକର ସାମନା ପଟକୁ ଧକ୍କା ଦେଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଆଦିତ୍ୟଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଥିବା ଜଣାପଡିଛି । ଅନ୍ୟପଟେ ଉକ୍ତ ରାଜପଥ କଡ଼ରେ ବେଆଇନ ପାର୍କିଂ ଯୋଗୁଁ ଏଭଳି ଘଟଣା ଘଟିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି ।

# କେନ୍ଦୁଝରଗଡ଼ ଶିଶୁ ମନ୍ଦିରରେ ପ୍ରାଦେଶିକ ଗଣିତ ମେଳା



କେନ୍ଦୁଝର, ୬।୯(ସମିସ): କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି ପ୍ରାଦେଶିକ ଗଣିତ ମେଳା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଉତ୍ତର ସଂଭାଗ ସଂପାଦକ ଗଙ୍ଗାଧର କରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ଧରଣୀଧର ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରତିଭା ପୃଷ୍ଟି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଗ୍ରେରୁଦିବସରେ ଗୁରୁଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ସଂପାଦକ ସରୋଜ କୁମାର ହାତୀ ଗଣିତ ପ୍ରତି ଭାରତର ଅତୁଳନୀୟ ଅବଦାନ ରହିଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସଂଭଗ ସଂଯୋଜକ କ୍ଷେତ୍ରମୋହନ ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରାନ୍ତ ଗଣିତ ସଂଯୋଜକ ବିରଞ୍ଚି ନାରାୟଣ ମହାପାତ୍ର ଗଣିତ ମେଳାର ଉଦ୍ଦେଶ୍ୟ କଥନ ରଖିଥିଲେ । ବିଦ୍ୟାଳୟର ଉପସଭାପତି ପ୍ରିୟବ୍ରତ ସାମଲ, ସଂପାଦକ ସୁଧାଂଶୁ ଶେଖର ପଣ୍ଡା, କୋଷାଧ୍ୟକ୍ଷ ବିଜୟ ଦୀକ୍ଷିତ, ପୂର୍ଣ୍ଣକାଳୀନ ସଂଜୟ ମିଶ୍ର, ରୁଦ୍ରନାରାୟଣ ବେହେରା, ଜ୍ଞାନରଂଜନ ପାଢି, ହରିଶ୍ଚନ୍ଦ୍ର ପଣ୍ଡା, ଇମ୍ପୋଦର ମହାନ୍ତ, ପ୍ରଦୀପ ସାହୁ, ଅଖିଳ ଭାରତୀୟ ବୌଦିକ ଗଣିତ ସହ ସଂଯୋଜକ ପ୍ରସନ୍ନ ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କୃତୀ ଛାତ୍ରଛାତ୍ରୀ ଗଣିତ ପ୍ରକଳ୍ପ, ପତ୍ରବାଚନ, ପ୍ରଶ୍ନମଞ୍ଚ, ପ୍ରୟୋଗ, ଆଚାର୍ଯ୍ୟ ପତ୍ରବାଚନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି ।



ଆନନ୍ଦପୁର: ଘସିପୁରା କ୍ୟାରମ୍ ଏକାଡେମୀ ପକ୍ଷରୁ ବରିଷ୍ଠ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି

# ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୬।୯ (ସମିସ): ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁଦିବସ ପାଳନ ଅବସରରେ ବରିଷ୍ଠ ଶିକ୍ଷକ ସମ୍ବର୍ଦ୍ଧନା ସଭା ଆନନ୍ଦପୁର ଆନନ୍ଦଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଡ.ଅଭିନ୍ନଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ବରିଷ୍ଠ ଲେଖକ ରତ୍ନାକର ଦାସ ସଞ୍ଚାଳନ କରିଥିଲେ । ଘସିପୁରା ବ୍ଲକରୁ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ଗୋଲକ ବିହାରୀ ଅଚାର୍ଯ୍ୟ, ଆନନ୍ଦପୁରରୁ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୀର୍ତ୍ତନ ସାହୁ ଓ ହାଟଡିହୀ ବ୍ଲକରୁ ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଚତୁର୍ଭୁଜ ପହୀଙ୍କୁ ମାନପତ୍ର, ଫଳକ ଓ ଉତ୍ତରୀୟ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ କବି କୈଳାସଚନ୍ଦ୍ର ବେହେରା, ପବିତ୍ରମୋହନ ବେହେରା, ଚତୁର୍ଭୁଜ ଜେନା, ସନ୍ତୋଷ ସିଂହ, ରଙ୍ଗାଧର ନନ୍ଦୀ, ରାମଚନ୍ଦ୍ର ଜେନା, ସୁଦାମ ଚରଣ ସାହୁ, ନୀଳମଣି ବାରିକ ପ୍ରମୁଖ କବିମାନେ ଗୁରୁ ଦିବସ ସଂପର୍କିତ କବିତା ମାନ ଆବୃତ୍ତି କରିଥିଲେ । ପରିଷଦର ଉପସଭାପତି ପ୍ରଫେସର ରମାକାନ୍ତ ନାୟକ ଅନୁଷ୍ଠାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଂପାଦକ ପଦ୍ମନାଭ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ବିଦ୍ୱାନ ଚିତ୍ତରଞ୍ଜନ ଦାଶ, ଶିଶିର କର, ରଘୁନାଥ ପଣ୍ଡିତ, ବିନୋଦ ବିହାରୀ ଦାସ, ବିନୋଦ ବିହାରୀ ମିଶ୍ର, ଡ.ବିଜୟ ସାହୁ, ମମତା ଜେନା, ଜଗନ୍ନାଥ ପାଢୀ ପ୍ରମୁଖ ସଂକ୍ଷିପ୍ତ ଅଭିଭାଷଣ ପ୍ରଦାନ କରିଥିଲେ ।

## ରସାୟନ ବିଜ୍ଞାନ ବିଭାଗରେ ସ୍ୱାଗତ ସଭା



ଆନନ୍ଦପୁର, ୬।୯ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବିଭାଗୀୟ ମୁଖ୍ୟ ଡ ନିମାଇଁ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ ନାରାୟଣ ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଡ ଶକ୍ତିପ୍ରସାଦ ମହାପାତ୍ର, ଶ୍ରୀକାନ୍ତ କୁମାର ପଟେଲ, ଭାରତୀ ସାହୁ, ଅନିତା ଦାସ, ପ୍ରଫୁଲ୍ଲ ପଣ୍ଡା, ବିଶ୍ୱରଂଜନ ସାହୁ, ଆଦ୍ୟଦେବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସଞ୍ଜୟ ସାହୁ ଓ ଦେବାଶିଷ ଦାସ ସଂଯୋଜନା କରିଥିଲେ । ସେମିନାର ସମ୍ପାଦକ ସଭାର ଉଦେଶ୍ୟ ଏବଂ ସମ୍ପାଦକ ଲକ୍ଷ୍ମୀପ୍ରିୟା ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ । ସମସ୍ତ ଛାତ୍ରଛାତ୍ରୀଙ୍କ ସହ ପାର୍ଥସାରଥୀ ବେଜ କାର୍ଯକ୍ରମ ପରିଚାଳନା କରିଥିଲେ ।

## ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ରାମଚନ୍ଦ୍ରପୁର, ୬।୯(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ନୟାଗଡ଼ ଗ୍ରାମର ମଧୁସୂଦନ ପାଢ଼ୀଙ୍କ ଏକମାତ୍ର ପୁଅ ତ୍ରିଲୋଚନ (୩୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଗତ ମାର୍ଚ୍ଚ ୨୭ ତାରିଖ ଗୁରୁବାର ସଂଧ୍ୟା ୮ଟା ସମୟରେ କୌଣସି କାମରେ ବାଇକ୍ ଯୋଗେ ଯାଜପୁରକୁ ଯାଉଥିବା ବେଳେ ୨୦ ନଂ ଜାତୀୟ ରାଜପଥ ଅନ୍ଧାରୀ ନିକଟସ୍ଥ ରଘୁ ଢ଼ାବା ନିକଟରେ ଦୁର୍ଘଟଣା ଘଟିଥିଲା । ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଆନନ୍ଦପୁର ଉପଖଣ୍ଡ



ଚିକିତ୍ସାଳୟ ପରେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ଣରେ ଯୁବକଙ୍କ ମୃତ୍ୟୁ ଘଟିଛି ।

# ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର




ବାଲିବନ୍ଧ, ୬।୯(ସମିସ): ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ-୨୦୨୫ରେ ଝୁମ୍ପୁରା ବ୍ଲକ୍ ଝୁମ୍ପୁରା ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପଲତା ପଣ୍ଡା, ଶିକ୍ଷକ କ୍ଷେତ୍ରମୋହନ ନାୟକ, ରୋହିଦାସ ମାଝୀଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ମିଳିଛି । ସେହିପରି ଝୁମ୍ପୁରା ସରକାରୀ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଚନ୍ଦ୍ରକଳା ସାହୁଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର (ପ୍ରାଥମିକ ଶିକ୍ଷା ପୁରସ୍କାର) ପ୍ରଦାନ କରାଯାଇଛି । କେନ୍ଦୁଝରସ୍ଥିତ ପିଏମ୍‌ଶ୍ରୀ ଡିଏନ୍ ହାଇସ୍କୁଲ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ତେଲକୋଇ ବିଧାୟକ ଡା. ଫକୀରମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଏଡିଏମ ମନ୍ଦରଧର ମହାଳିକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବହିରା, ଜିଲ୍ଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷା କଲ୍ୟାଣୀ ମାଝୀ ପ୍ରମୁଖ ମାନପତ୍ର ସହ ଟ୍ରଫି ପ୍ରଦାନ କରିଛନ୍ତି । ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ର, ଅତିରକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନବକିଶୋର ସାମଲ, ମୁକୁନ୍ଦ ବେହେରା, ଜୟନ୍ତୀ ମଲ୍ଲିକ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉକ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

## ଭାରତୀୟ ଶିକ୍ଷଣ ମଣ୍ଡଳ ଉଖୁଣ୍ଡା ଶାଖାର ଗୁରୁପର୍ବ




ଝୁମ୍ପୁରା, ୬।୯(ସମିସ): ଭାରତୀୟ ଶିକ୍ଷଣ ମଣ୍ଡଳ ପୂର୍ବପ୍ରାନ୍ତ ଓଡ଼ିଶା ଦ୍ୱାରା ଶିକ୍ଷକ ସଂସ୍କୃତି ଭବନ ଝୁମ୍ପୁରା ବ୍ଲକ ଉଖୁଣ୍ଡାଠାରେ ଶୁକ୍ରବାର ବ୍ଲକସ୍ତରୀଦ ଗୁରୁପର୍ବ ପାଳିତ ହୋଇଯାଇଛି । ସଭାପତି ଅମୃତ ଚରଣ ମହାନ୍ତଙ୍କ ସହ ମୁଖ୍ୟଅତିଥି ସୁରେଶଚନ୍ଦ୍ର ମହାନ୍ତ, ମୁଖ୍ୟବକ୍ତା ନରେଶ କୁମାର କର, ସମ୍ମାନିତ ଅତିଥି ଭକ୍ତବନ୍ଧୁ ମହାନ୍ତ, ସୁରେନ୍ଦ୍ରନାଥ ରାଉତ, କହ୍ନେଇ ଚରଣ ନାୟକ, ବିଶ୍ୱନାଥ ସାହୁ ଯୋଗ ଦେଇଥିଲେ । ସୁଦର୍ଶନ ମହାନ୍ତ ମଞ୍ଚ ପରିଚାଳନା କରିଥିଲା ବେଳେ କର୍ମୁ ଦାସ, ସମ୍ପାଦକ ଅଜିତ୍ ମହାପାତ୍ର, ଅମୀୟ ପଲେଇ, ବଳଭଦ୍ର ମହାନ୍ତ, ଭରତଚନ୍ଦ୍ର ମହାନ୍ତ, ପବିତ୍ର ସାହୁ, କମଳାକାନ୍ତ ମହାନ୍ତ, ସୀତାରାମ ରାଉଳ, ରାଜୀବ ଲୋଚନ ମହାନ୍ତ, ସନ୍ତୋଷ ସାହୁ, ଅନନ୍ତ ତରାଇ, ଲିଟନ ବେହେରା, ରବିନ୍ଦ୍ର ମହାନ୍ତ, ଟିମାକର ମହାନ୍ତ, ଅଭୟ ନାଏକ, ପ୍ରତିମା ନାଏକ, ମନ୍ଦାକିନୀ ପାତ୍ର, ପୁଷ୍ପଲତା ମହାନ୍ତି, ଲଳିତା ନାଏକ, ପ୍ରଭାକର ମହାନ୍ତ, ବିରେନ୍ ମିତ୍ର ନାଏକ, କହ୍ନେଇ ନାଏକ, ପରମାନନ୍ଦ ନାଏକ ସହଯୋଗ କରିଥିଲେ । ବ୍ଲକର ବିଭିନ୍ନ ଅଞ୍ଚଳରୁ ଏକ ହଜାରରୁ ଅଧିକ ଅବସର ଓ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ବିଭୂତି ଭୁଷଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ବିଦ୍ୟାଳୟରେ ଗୁରୁଦିବସ ପାଳିତ




କେନ୍ଦୁଝର, ୬।୯(ସମିସ):

କେନ୍ଦୁଝର ବଡହଲସ୍ଥିତ ଯୁକ୍ତ ୨ ବିଜ୍ଞାନ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ସଭାପତି ଇଂ ଜିତେନ କ୍ରିଷ୍ଣାରାମ ଦାନୀ ସଭାପତିତ୍ୱ କରିଥିଲେ । ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଗୁରୁଙ୍କୁ ଅତି ସୁନ୍ଦର ଭାବରେ ପୂଜାର୍ଚ୍ଚନା କରି ଉପହାର ପ୍ରଦାନ କରିଥିଲେ । ଶିକ୍ଷକଙ୍କ ବାର୍ତ୍ତା ପରେ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଛାତାଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

ବାଲିବନ୍ଧ: ଝୁମ୍ପୁରା ବ୍ଲକ୍ ଖେଣ୍ଡରାସ୍ଥିତ କେରଳା ଇଂରାଜୀ ମଧ୍ୟମ ବିଦ୍ୟାଳୟର ପ୍ରିନ୍ସପାଲ ଶୁଭ୍ରା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବକ୍ତୃତାରେ ଅଂଶଗ୍ରହଣ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସେହିପରି ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା । ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଡମ୍ବରୁଧର ମହାନ୍ତ ଅଧ୍ୟକ୍ଷତା କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଚାର୍ଯ୍ୟ ମନୋଜ ସାହୁ ଗୁରୁ ଦିବସର ମହାତ୍ମ୍ୟ ବିଷୟରେ ଆଲୋକପାତ କରିଥିଲେ । ଚିତ୍ରାଙ୍କନ, ପ୍ରବନ୍ଧ, ସୁନ୍ଦର ହସ୍ତାକ୍ଷର, ସଙ୍ଗୀତ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଆଚାର୍ଯ୍ୟ ମଧୁସୁଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଭାଲୁକ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ସରକାରୀ ମକ୍ତବ ବିଦ୍ୟାଳୟ, ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି ।

ଚମ୍ପୁଆ: ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ କଳାକର ମହାନ୍ତ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା, ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ତଥା ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଅରୁଣ ନାଏକ, ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ ସଦସ୍ୟା ମୋନାଲିସା ରାଉତ, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଓ ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ । ଛାତ୍ରଛାତ୍ରୀମାନେ ଅତିଥି ଓ ଗୁରୁଜୀ ଗୁରୁମାଆ ମାନଙ୍କୁ ବନ୍ଦାପନା କରିବା ସହିତ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମକୁ ଛାତ୍ର ଆଶୁତୋଷ ପ୍ରଧାନ, ଛାତ୍ରୀ ଅର୍ଚ୍ଚିତା ପ୍ରଧାନ ପରିଚାଳନା କରିଥିଲେ । ରାଜସ୍ମିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଲିପସା ମହାରଣା, ଇପସିତା ପ୍ରଧାନ, ଅଙ୍କିତା ପ୍ରିୟଦର୍ଶିନୀ ଦେହୁରୀ, ଅତନୁ ସବ୍ୟସାଚୀ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରିୟାଂଶୁ ବାରିକ, ଶୁଭ୍ରା ରାମ, ସୁଦୀପ୍ତା ମହାନ୍ତ, ଗୋପୀନାଥ ବାରିକ, ଶୁଭମ ବେହେରା, ରୂପମ କାମିଲାଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ପଣ୍ଡୁଆରେ ମହମ୍ମଦ ଜୟନ୍ତୀ



ରାମଚନ୍ଦ୍ରପୁର, ୬।୯ (ସମିସ): ଘସିପୁରା ବ୍ଲକ ପଣ୍ଡୁଆ ସୁନି ଜମାତ ପକ୍ଷରୁ ମହମ୍ମଦଙ୍କ ଜନ୍ମଦିନ ଉପଲକ୍ଷେ ଏକ ଜୁଲୁସ ଶୋଭାଯାତ୍ରା ଗୋଲା ଛକଠାରୁ ବାହାରି ଶୁକ୍ରବାର ଗାଁ ପରିକ୍ରମା କରିଥିଲା। ମୁସଲିମ ବସ୍ତିର ଛୁଆଠାରୁ ବୟସ୍କ ବ୍ୟକ୍ତି ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଜେପି ନେତା ଡ ଶମ୍ଭୁନାଥ ରାଉତ, ପୂର୍ବତନ ମଣ୍ଡଳ ସଭାପତି ଅନାଦି ସାହୁ, ସନ୍ଦୀପ ଜେନା, ରବୀନ୍ଦ୍ର ପଣ୍ଡା, ଚଗୁଲୁ ଓଝା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପଣ୍ଡୁଆ ବସ୍ତିର ବୁଲୋ ଖାଁ, ଜାହିର ଖାଁ, ଭୁଟି ଖାଁ, ଦବୋ ଖାଁ, ଟିକି ଖାଁ, ବାବୁ ଖାଁ, ତାସଲିମ ଖାଁ, ସମାନ ଖାଁ, ଆଜିତ ଖାଁ, ଦୁଖୀ ଖାଁ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ମୋବାଇଲ୍ ନେଲା ଛାତ୍ରୀଙ୍କ ଜୀବନ

ଚମ୍ପୁଆ, ୬।୯ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ରାମଲା କାବରାଗୁଟୁ ସାହିର ଜଣେ ଛାତ୍ରୀ ଘରେ ମୋବାଇଲ ନଦେବାରୁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗତ ଶୁକ୍ରବାର ସନ୍ଧ୍ୟା ୫ଟା ସମୟରେ ରାମଲା କାବରାଗୁଟୁ ସାହିର କିଶୋର ହେସାଙ୍କ ଝିଅ ସବୁବେଳେ ମୋବାଇଲରେ ମାଗିବାରୁ ତାକୁ ମୋବାଇଲ ଦେଇ ନଥିଲେ। ଏହାପରେ ଛାତ୍ରୀ ଜଣକ ନିଜ ଘର ଭିତରେ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଝିଅର ବାପା ତୁରନ୍ତ ଘରେ ପହଞ୍ଚି ଆମ୍ବୁଲାନ୍ସରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏସଆଇ ହିମାଂଶୁ ପ୍ରଧାନ ତଦନ୍ତ କରୁଥିବା ଆଇଆଇସି ରମାକାନ୍ତ ମୁଦୁଲି ପ୍ରକାଶ କରିଛନ୍ତି।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର



ତୁରୁମୁଙ୍ଗା, ୬।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତୋଣ୍ଡ ବିଟ୍ ପୋଲାଣଘାଟି ଗ୍ରାମର ପାତୁଲୁସାହିରେ ଶନିବାର ଭୋରରୁ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଶଙ୍କର୍ଷଣ ମହାନ୍ତ (୬୦) ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ସେ ମାଛ ମାରିବାକୁ ଯାଉଥିବା ସମୟରେ ଏକ ଭାଲୁ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ପରେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ ସହାୟତାରେ ପ୍ରଥମେ ପାଟଣା ମେଡିକାଲ ନେଇଥିଲେ। ତାଙ୍କ ଛାତି ଓ ଡାହାଣ ହାତ କହୁଣୀରେ ଗଭୀର କ୍ଷତ ହୋଇଛି।

## ବିଦ୍ୟୁତ ଆଘାତରେ ମହିଳା ମୃତ

ବାଲିବନ୍ଧ, ୬।୯ (ସମିସ): ଝୁମ୍ପୁରା ଥାନା ଝୁମ୍ପୁରା ଗ୍ରାମ ପାତ୍ରସାହିରେ ଶିନବାର ମଧ୍ୟାହ୍ନରେ ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ପବନି ନାଏକ (୫୧ବର୍ଷ)। ପବନି ଘରେ ଗୋଟିଏ କୋଠରୀରୁ ଅନ୍ୟ କୋଠରୀକୁ ବିଦ୍ୟୁତ ତାର ଟାଣିଥିଲେ। ତେବେ ବିଦ୍ୟୁତ ତାର ଟିଣ କବାଟ ଉପର ଦେଇ ଟାଣିଥିଲେ। ଫଳରେ ବାରମ୍ବାର କବାଟ ଖୋଲିବା ଏବଂ ବନ୍ଦ କରିବା ଦ୍ୱାରା ଧିରେ ଧିରେ ବିଦ୍ୟୁତ ତାର ଛିଡି ଯାଇ ଟିଣ କବାଟରେ ବିଦ୍ୟୁତ ଚାର୍ଜ ହୋଇଯାଇଥିଲା। ସେ ଗାଧେଇ ସାରି କବାଟ ଖୋଲିଲା ବେଳକୁ ବିଦ୍ୟୁତ ଆଘାତ ଲାଗିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରିବା ସହ ପ୍ରାଥମିକ ତଦନ୍ତ ପରେ ଏକ ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇଥିବା ସୂଚନା ମିଳିଛି।

## ୭୫ ଲକ୍ଷ ଚାରା ରୋପଣ ଲକ୍ଷ୍ୟ; ଆରମ୍ଭହେଲା ପ୍ରକ୍ରିୟା



ରାମଚନ୍ଦ୍ରପୁର/ଆନନ୍ଦପୁର, ୬।୯ (ସମିସ): ଆନନ୍ଦପୁର ଏବଂ ଦେଓଗାଁ ବନାଞ୍ଚଳରେ ଆରମ୍ଭ ହୋଇଛି ଚାରା ବଣ୍ଟନ କାର୍ଯ୍ୟକ୍ରମ। ସେପ୍ଟେମ୍ବର ୧୭ ତାରିଖରେ ମୋଟ ୭୫ ଲକ୍ଷ ଗଛ ଲାଗିବାକୁ ଥିବାବେଳେ ଏଥିପାଇଁ ପ୍ରୟାସ ଆରମ୍ଭ କରିଛି ବନବିଭାଗ। ମିଶନଶକ୍ତି ମହିଳାଙ୍କ ଜରିଆରେ ପ୍ରତ୍ୟେକ ପଞ୍ଚାୟତରେ ପାଖାପାଖି ୫୦୦ ଗଛ ଲାଗିବା ପାଇଁ ବ୍ୟବସ୍ଥା କରାଯାଉଛି। ଅନନ୍ଦପୁରର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଣ୍ଡା ଉଭୟ ସ୍ଥାନରେ ଏହାର ଶୁଭାରମ୍ଭ କରିଛନ୍ତି। ସହକାରୀ ବନ୍ୟ ସଂରକ୍ଷକ ଉମାକାନ୍ତ ଦାସ, ଫରେଷ୍ଟର ମଙ୍ଗୁଳି ଚରଣ ସା, ଧୀରେନ୍ଦ୍ର କୁମାର ପାତ୍ର, ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, ଫରେଷ୍ଟ ଗାର୍ଡ ମମତା ପ୍ରିୟଦର୍ଶିନୀ ରାଉତ୍, ପ୍ରିୟଦର୍ଶିନୀ ଜେନା, ମଧୁସୂଦନ ସାହୁ, ବନ ଉନ୍ନୟନ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଅମ ଜଙ୍ଗଲ ଯୋଜନାର ସଂଯୋଜକ ଛବିନ୍ଦ୍ର ପାତ୍ର, ଓଏଫ୍‌ଡିସି ଇନଚାର୍ଜ ଗଦାଧର ଜେନା, ପୋଚିଂ ସ୍କ୍ୱାଡ ରାମେଶ୍ୱର ପଟ୍ଟନାୟକ, ସଞ୍ଜୟ କୁମାର ପଲେଇ, ବ୍ରଜକିଶୋର ଦେହୁରୀ, ଅଭିମନ୍ୟୁ ପରିଡ଼ା, ଦୀନବନ୍ଧୁ ସିଂ, ଚିରଞ୍ଜିବ ମାହାନ୍ତ ସମେତ ଅନେକ ମହିଳା ଉପସ୍ଥିତ ଥିଲେ।

## ବର୍ଷାରେ ତିଗିରିଆରେ ଭାଙ୍ଗିଲା ଘର



ରାମଚନ୍ଦ୍ରପୁର, ୬।୯ (ସମିସ): ଗତ ଲଗାଣ ବର୍ଷାରେ ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ପଞ୍ଚାୟତର ତିଗିରିଆ ଗ୍ରାମର ସୁଧାକର ବାରିକଙ୍କ ବାସଗୃହଟି ସମ୍ପୂର୍ଣ ଭାବେ ଭାଙ୍ଗି ମାଟିରେ ମିଶିଯାଇଛି। ସ୍ଥାନୀୟ ଅଳତୀ ସର୍କଲର ଆରଆଇଙ୍କୁ ଏ ବିଷୟରେ ଦରଖାସ୍ତ ମାଧ୍ୟମରେ ଅବଗତ କରାଇଥିଲେ। ତାଙ୍କୁ ଆରଆଇଙ୍କ ତରଫରୁ ଏକ ପଲିଥିନ ମିଳିଥିବା ସୂଚନା ମିଳିଛି। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ଆବାସ ଯୋଜନାରେ ପକ୍କା ଘର ଖଣ୍ଡିଏ ପ୍ରଦାନ କରିବା ସହ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

### ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

# ମନ୍ତ୍ରମୁଗ୍ଧ କଲା ନାଟକ 'ଜାତି ନନ୍ଦିଘୋଷ'






ବାରିପଦା, ୬।୯ (ସମିସ):

ସହିଦ ସ୍ମୃତି ଭବନରେ ଶନିବାର ଆମେ' ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ମହାରାଜା ପ୍ରବୀନ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। ସଭାପତି ଡା କୈଳାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଭୁଗୁଡେଇ ଯୋଗଦେଇ ମହୋତ୍ସବର ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ମେଜର ଡଃ କଳ୍ପନା ଦାସ, ଉପସଭାପତି ଡ. ବିଜୟ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ଅଭିନେତା, ନିର୍ଦ୍ଦେଶକ ତଥା ଆୟୋଜନ କମିଟିର ସାଧାରଣ ସମ୍ପାଦକ ଚିନ୍ମୟଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳେ ମା' ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା କରି ଏକ ବିଶାଳ ରାଲି କରି ସଦସ୍ୟମାନେ ସହର ପରିକ୍ରମା କରିଥିଲେ। ଏହି ଅବସରରେ ଭବାନୀପାଟଣାର ସ୍ମାରକୀ ନାଟ୍ୟସଂସ୍ଥା ଦ୍ୱାରା 'ଜାତି ନନ୍ଦିଘୋଷ' ନାଟକ ମଞ୍ଚସ୍ଥ ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ବିଚ୍ଛିନ୍ନାଞ୍ଚଳରେ ଓଡିଶାର ସଂସ୍କୃତି ପରମ୍ପରା ବଞ୍ଚି ରହିଥିଲେହେଁ ଓଡ଼ିଆ ଭାଷାର ମାନ ନିମ୍ନଗାମୀ ହେବାରେ ଲାଗିଛି। ସେହି ସ୍ଥାନରେ ଓଡ଼ିଆ ଭାଷାର ଉତଥାନ ପାଇଁ ପ୍ରୟାସ ହିଁ ନାଟକର ବିଷୟବସ୍ତୁ ଓ କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶଙ୍କର ତ୍ରିପାଠୀଙ୍କ ରଚିତ ତଥା ପ୍ରବୋଧ ରଥଙ୍କ ନିର୍ଦ୍ଦେଶିତ ନାଟକରେ ପ୍ରବୋଧ ରଥ, ମାନୁ ପଟ୍ଟନାୟକ, ଯାମିନୀକାନ୍ତ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ସୁନିଲ ପଟ୍ଟନାୟକ, ରାଜେଶ ମହାନ୍ତି, ଦେବେନ୍ଦ୍ର ସୁନ୍ଦରାୟ, ସାଇ ସ୍ୱରୂପ, ସିଦ୍ଧାନ୍ତ, ଦୀପାଞ୍ଜଳି ମହାନ୍ତି ଓ କାଜଲ ଅଭିନୟ କରିଥିଲେ। ସଂଗୀତରେ ଶକ୍ତିପ୍ରସାଦ ମିଶ୍ର, ଆଲୋକ ସଜ୍ଜାରେ ବିକାଶ ପ୍ରଧାନ, ରୂପସଜ୍ଜାରେ ମାମା, ମଞ୍ଚସଜ୍ଜାରେ ସଞ୍ଜୟ ସାହା ଶବ୍ଦ ସୁରସଂଗୀତ, କରଞ୍ଜିଆ, ପୃଷ୍ଠପଟରେ ଅମିତ କୁମାର ସାହୁ ସହାୟତା କରିଥିଲେ। ବର୍ଣ୍ଣରୂପା ମହାନ୍ତିଙ୍କ ନିର୍ଦ୍ଦେଶନାରେ ହରିହର କଳା ମନ୍ଦିରର କଳାକାର ନୃତ୍ୟ ପରିବେଷଣ କରିଥିଲେ। ରବିବାର ସନ୍ଧ୍ୟାରେ ପ୍ରଥମ ନାଟକ ସ୍ରଷ୍ଟା, ବାଲେଶ୍ୱର 'ନଷ୍ଟ ନାଟକର ନାଟ୍ୟକାର' ଓ ଦ୍ୱିତୀୟ ନାଟକ କୋରାପୁଟର 'ରେମୋ' ମଞ୍ଚସ୍ଥ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

## 'ଦି କ୍ରିଏଟର୍' ତରଫରୁ ଗୁରୁଦିବସ



ବାରିପଦା, ୬।୯ (ସମିସ): ଲକ୍ଷ୍ମୀପୋଷିସ୍ଥିତ ଇନୋଭେଟିଭ୍ କ୍ଲାସେସର ସମାନ ପରିଚାଳନା କମିଟି ଅଧୀନ ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ଦି କ୍ରିଏଟର୍' ଯୁକ୍ତ ଦୁଇ ଆବାସିକ କୋଚିଂ ସେଣ୍ଟରରେ ଗୁରୁଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ତରଫରୁ ଅନୁଷ୍ଠିତ ଭିନ୍ନଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶୁଭଶ୍ରୀ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇନୋଭେଟିଭ୍ କ୍ଲାସେସ୍‌ର ଚେୟାରମ୍ୟାନ ତରୁଣ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଚେୟାରମ୍ୟାନ ଇଞ୍ଜିନିୟର ଦେବାଶିଷ ସାହୁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ଅରୂପାନନ୍ଦ ପାଣି, ଅଧ୍ୟାପକ ଇଞ୍ଜିନିୟର ଜ୍ୟୋତିପ୍ରକାଶ ମହାନ୍ତି, ଲଳିତ କୁମାର ମହାନ୍ତ ଏବଂ ବିଭୁ ରଞ୍ଜନ ବେହେରା ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ରାଜୀବ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଇନ୍ଦ୍ରୋତ୍ସବ ସମ୍ପନ୍ନ; 'ଇନ୍ଦ୍ ପରବ' ଛତା ଉତ୍ତୋଳନ



ବହଳଦା, ୬।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦାର ପ୍ରସିଦ୍ଧ ଇନ୍ଦ୍ରୋତ୍ସବ ପାରମ୍ପରିକ ରୀତିନୀତିରେ ସମ୍ପନ୍ନ ହୋଇଛି। ଏଠାରେ ରାଜା ମହାରାଜଙ୍କ ସମୟରୁ ଇନ୍ଦ୍ରୋତ୍ସବ ମାସାଧିକ କାଳ ପାଳିତ ହେଉଥିବାବେଳେ ବର୍ତ୍ତମାନ ପରମ୍ପରା ବଜାୟ ରଖିବା ନିମନ୍ତେ କେବଳ ୪ ପାଳି ସାପ୍ତାହିକ ହାଟ ବସିଥାଏ। ମେଳା ବଦଳରେ ବସୁଥିବା ସାପ୍ତାହିକ ହାଟରେ ଘରକରଣା ଜିନିଷ ସହ କଂସା ବାସନ, ସୁସ୍ୱାଦୁ ଖାଦ୍ୟ ଲୁଗାପଟା ସହ ଯାବତୀୟ ଜିନିଷ ଇନ୍ଦ ପରବ ବୁଲିବାକୁ ଆସିଥିବା ଲୋକେ କିଣାକିଣି କରିଥାନ୍ତି। ଏହି ଇନ୍ଦ୍ରୋତ୍ସବ ବା ସ୍ଥାନୀୟ ଲୋକଙ୍କ ଭାଷାରେ "ଇନ୍ଦ୍ ପରବ' ଏକ କୃଷିଭିତ୍ତିକ ପର୍ବ ହୋଇଥିବାବେଳେ ଦେବରାଜ ଇନ୍ଦ୍ରଙ୍କୁ କୃତଜ୍ଞତା ଜଣେଇ ପୂଜା କରିବା ପରମ୍ପରା ନିଆରା ଓ ସ୍ୱତନ୍ତ୍ର ଉତ୍ସବର ପ୍ରଥମ ସନ୍ଧ୍ୟାରେ ରାଜପୁରୋହିତ ଅଶୋକ କୁମାର ସାମନ୍ତରାୟଙ୍କ ନେତୃତ୍ୱରେ ଆଗାମୀ ଦୁର୍ଗାପୂଜା ପାଇଁ ବରଣ ହେବାକୁ ଥିବା ସମସ୍ତ ବୈଦିକ ବ୍ରାହ୍ମଣ, ଟହଲିଆ, ମାଳୀ ସମେତ ମା' ମନ୍ଦିର ପରିଚାଳନା କମିଟିର ସମସ୍ତ ସଭ୍ୟ ଇନ୍ଦ ପଡିଆରେ ପହଞ୍ଚି ପାରମ୍ପରିକ ପୂଜା କରିଥିଲେ। ଦ୍ୱୀତୀୟ ଦିନ ସନ୍ଧ୍ୟାରେ ମା' ମନ୍ଦିରରୁ ତାଙ୍କର ପ୍ରତିନିଧି ଧଣ୍ଡା, ଗୌରାଙ୍ଗ ମନ୍ଦିରରୁ ରାଧାକୃଷ୍ଣଙ୍କ ଯୁଗଳ ପିତ୍ତଳ ମୂର୍ତ୍ତି, ହାତୀ ଉପରେ ବସିଥିବା ଇନ୍ଦ୍ରଙ୍କ ମୃଣ୍ମୟ ମୂର୍ତ୍ତି ସହିତ ବାଉଁଶ ନିର୍ମିତ ଛତାକୁ ବାଜା, ଶଙ୍ଖ, ହୁଳହୁଳି ସହ ଏକ ବିରାଟ ପଟୁଆରରେ ଇନ୍ଦ ପଡିଆକୁ ନେଇ ପହଞ୍ଚିଥିଲେ। ଇନ୍ଦ ପଡିଆର ପୂଜାସ୍ଥଳରେ ହୋମ କରିବା ସହ ଇନ୍ଦ୍ର ଓ ଅନ୍ୟ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ବଡ଼ ଶାଳଗଛ ଖୁଣ୍ଟ ଅଗ୍ରଭାଗରେ ଛତାଟିକୁ ବନ୍ଧା ଯିବା ପରେ ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତରେ ଘଣ୍ଟା, ବାଜା, ଶଙ୍ଖ ହୁଳହୁଳି ଶବ୍ଦ ଭିତରେ ଇନ୍ଦଛତାକୁ ଉତ୍ତୋଳିତ କରାଯାଇଥିଲା। ଏଥିସହିତ ଇନ୍ଦ ପଡିଆରେ ଇନ୍ଦି ତାମସା ଶୀର୍ଷକରେ ସ୍ଥାନୀୟ ଯୁବକ ସଂଘ ଦ୍ୱାରା ସାନ୍ତାଳୀ ଯାତ୍ରା, ଲାଗଣେ ନୃତ୍ୟ ଆଦି ଆୟୋଜନ ହୋଇଥିଲା।

## ମଣ୍ଡଳସ୍ତରୀୟ ସଂସ୍କୃତ ଦିବସ



ତେଲକୋଇ, ୬।୯ (ସମିସ): ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟ ସଭାଗୃହରେ ତେଲକୋଇ ବ୍ଲକ ମାଧ୍ୟମିକ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ସଂଘର ସଭାପତି ଜଗବନ୍ଧୁ ନାୟକଙ୍କ ସଭାପତିତ୍ୱରେ ମଣ୍ଡଳସ୍ତରୀୟ ସଂସ୍କୃତ ଦିବସ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ ମୁଖ୍ୟଅତିଥି, ତପନ ପଣ୍ଡା ମୁଖ୍ୟବକ୍ତା, ରାଜ୍ୟ ପୁରସ୍କାରପ୍ରାପ୍ତ ତଥା ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ମହାନ୍ତ, ରାଜ୍ୟ ଓଷ୍ଟାର ଉପଦେଷ୍ଟା ବିଶିଷ୍ଟ ଶିକ୍ଷାବିତ୍ ଭିକାରୀ ଚରଣ ସାହୁ, ତେଲକୋଇ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ନାୟକ, ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ ପଇଦା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ଏକ ସଚେତନତା ରାଲି କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରୀମଦ୍ ଭଗବତ ଗୀତା ଆବୃତ୍ତି, ସଂସ୍କୃତ ବ୍ୟାକରଣ, କଣ୍ଠ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସୁରେନ୍ଦ୍ରନାଥ ସାହୁ, ଉଗ୍ରେସନ ବ୍ରହ୍ମ, କବୀନ୍ଦ୍ର କୁମାର ସାହୁ ଓ ନକୁଳ ଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଂସ୍କୃତ ଶିକ୍ଷକ ନନ୍ଦକିଶୋର ସାହୁ, ମୃତ୍ୟୁଞ୍ଜୟ ଦାଶ, ଶିକ୍ଷୟିତ୍ରୀ ସଂଯୋଜନା କରିଥିବା ବେଳେ ଶିକ୍ଷକ ବୈଲୋଚନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ସମ୍ପାଦକ ଦାଶରଥି ପ୍ରଧାନ, ଅନିରୁଦ୍ଧ ବିଶ୍ୱାଳ, ସନାତନ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ରମାକାନ୍ତ ମହାନ୍ତ, କୀର୍ତ୍ତନ ବିହାରୀ ପ୍ରଧାନ, ପ୍ରମୋଦ ସାହୁ, ହିରଣ୍ୟ ନାଏକ, ଈଶ୍ୱରଚନ୍ଦ୍ର ପ୍ରଧାନ, ସୁଶାନ୍ତ ଗିରି, ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ, ଇପ୍ସିତା ମହାପାତ୍ର, ସଂଘମିତ୍ରା ସ୍ୱାଇଁ, ସୁରେନ୍ଦ୍ରନାଥ ମହାନ୍ତ ସହଯୋଗ କରିଥିଲେ। ଆବାହକ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ମନୋଜ ସାହୁ, ଚେତନ ଚରଣ ନାୟକ, ତନ୍ମୟ ରଞ୍ଜନ ସେଠୀ, ପ୍ରତାପଚନ୍ଦ୍ର ମହାନ୍ତ ଏବଂ ଶିକ୍ଷୟିତ୍ରୀ କୌଶଲ୍ୟା ଜେନା, ଶିକ୍ଷା କର୍ମଚାରୀ ଦେବାନନ୍ଦ ସାହୁ ତଥା ସମସ୍ତ ଛାତ୍ରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରୀନା ମାଧେଇ ସଂଯୋଜନା କରିଥିଲେ।

## ସ୍ୱତନ୍ତ୍ର ଜନଶୁଣାଣିରେ ମାଣତ୍ରୀ ବ୍ଲକ୍ ଗଠନ ଦାବିକଲେ ଜନପ୍ରତିନିଧି

ବଡ଼ସାହି, ୬।୯ (ସମିସ):



ବଡ଼ସାହି ବ୍ଲକ ବିଭାଜନ ପୂର୍ବକ ୧୦ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ ପାଇଁ ଶନିବାର ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣି ଶିବିରରେ ଦାବି ଉପସ୍ଥାପନ କରାଯାଇଛି। ନିର୍ବାଚିତ ଜନପ୍ରତିନିଧି, ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଓ ବୁଦ୍ଧିଜୀବୀ ବ୍ଲକରେ ଅନୁଷ୍ଠିତ ଜନଶୁଣାଣିରେ ଉପସ୍ଥିତ ରହି ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁସାରେ ବଡସାହି ବ୍ଲକର ୩୦ଟି ପଞ୍ଚାୟତ ପାଇଁ ଜନସାଧାରଣ ସରକାରୀ ସୁବିଧାସୁଯୋଗ ଠିକ ଭାବରେ ପାଇପାରୁନାହାନ୍ତି। ଏଥିସହିତ ବିକାଶ କାର୍ଯ୍ୟ ମଧ୍ୟ ବିଳମ୍ବିତ ହେଉଛି। ବ୍ଲକ୍‌ର ପୂର୍ବଭାଗ ମାଣତ୍ରୀ ଜିଲ୍ଲା ପରିଷଦ ଜୋନ୍ (ନଂ-୨୪)ରେ ୯ଟି ପଞ୍ଚାୟତ ଏବଂ ଯୋଗୀନୂଆଗାଁକୁ ମିଶାଇ ୧୦ଟି ପଞ୍ଚାୟତରେ ଏକ ବ୍ଲକ ଗଠନର ସମ୍ଭାବନା ସୃଷ୍ଟି ହୋଇଛି। କାରଣ ଉପରୋକ୍ତ ଜୋନର ପଞ୍ଚାୟତ ଗୁଡିକ ଜିଲ୍ଲାର ସୀମାନ୍ତବର୍ତ୍ତୀ (ବାଲେଶ୍ୱର) ଅଞ୍ଚଳକୁ ଲାଗିଛି। ତେଣୁ ଲୋକେ ସରକାରୀ ସହାୟତା ଆଦି ପାଇବା ପାଇଁ ସ୍ଥଳବିଶେଷରେ ଦୀର୍ଘ ୨୫।୩୦ କିମି ବାଟ ଯିବାକୁ ପଡୁଛି। ଏଥିପାଇଁ ସମୟ, ଅର୍ଥ ଓ ଅଧିକ ପରିଶ୍ରମ ସାଧାରଣ ଲୋକଙ୍କୁ ବିନିଯୋଗ କରିବାକୁ ପଡେ। ସେହିପରି ବରିଷ୍ଠ ନାଗରିକ, ଦିବ୍ୟଙ୍ଗଙ୍କ କ୍ଷେତ୍ରରେ ଅତ୍ୟନ୍ତ କଷ୍ଟଦାୟକ। କୌଣସି କାରଣରୁ ବ୍ଲକ୍ ପ୍ରଶାସନ ସହିତ ଯୋଗାଯୋଗ ହୋଇ ନ ପାରିଲେ ପୁଣି ବ୍ଲକ୍ କାର୍ଯ୍ୟାଳୟକୁ ଆସିବାକୁ ପଡ଼େ। ସରକାର ପ୍ରଶାସନିକ କଳ ମାଧ୍ୟମରେ ଜନସାଧାରଣଙ୍କ ନିକଟତର ହୋଇ ସେବା ତଥା ସମସ୍ତ ସରକାରୀ ସହାୟତା ଯୋଜନାର ସୁଫଳ ଉପଲବ୍ଧ କରାଇବା କ୍ଷେତ୍ରରେ ଉତ୍ତରଦାୟୀ। ତେଣୁ ସାଂପ୍ରତିକ ପରିସ୍ଥିତିରେ ଏକ ନୂତନ ବ୍ଲକ୍ ଗଠନ ଅତ୍ୟନ୍ତ ଅପରିହାର୍ଯ୍ୟ। ପ୍ରକାଶଥାଉକି, ବହୁ ପୁରାତନ ଶୈବପୀଠ ବାବା କଖାରୁଆ ବୈଦ୍ୟନାଥ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଘୋଷଣା କରାଯାଇଛି। ପ୍ରତ୍ୟେକ ଦିନ ଏହି ପୀଠକୁ ହଜାର ହଜାର ଭକ୍ତ ଆସିଥାନ୍ତି। ଶାଳଗାଁ, ମାନଗୋବିନ୍ଦପୁର, ଭୀମଦା, ଚନ୍ଦନପୁର, ପଟିସାରୀ, ଦୁର୍ଗାପୁର, କେନ୍ଦୁଡ଼ିହା ଓ ଯୋଗୀନୂଆଗାଁର ମଧ୍ୟବର୍ତ୍ତୀ ଅଞ୍ଚଳ ମାଣତ୍ରୀ ହୋଇଥିବାରୁ ମାଣତ୍ରୀଠାରେ ନୂତନ ବ୍ଲକ୍ ଗଠନକୁ ଅଗ୍ରାଧିକାର ଦେବାକୁ ନିର୍ବାଚିତ ପ୍ରତିନିଧିଙ୍କ ତରଫରୁ ଦାବିପତ୍ରରେ ଦର୍ଶାଯାଇଛି। ତେବେ ଜିଲ୍ଲାପାଳ ଦାବି ସମ୍ବନ୍ଧରେ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। କାର୍ଯ୍ୟକାରୀ କମିଟିର ଉପାଧ୍ୟକ୍ଷ ତଥା ବଡସାହି ବ୍ଲକ ଚେୟାରମ୍ୟାନ ମିନତି ସିଂ, ସାଧାରଣ ସମ୍ପାଦକ ପ୍ରଭାତ କୁମାର ଜେନା, ସରପଞ୍ଚ ସଂଘ ସଭାପତି ହରିଶ୍ଚନ୍ଦ୍ର ମୁର୍ମୁ, ସମିତିସଭ୍ୟ ସଂଘ ସଭାପତି ରାକେଶ କୁମାର ମହାପାତ୍ର, ଅନନ୍ତ ପଷା, ପ୍ରକାଶ ଚନ୍ଦ୍ର ଦଳେଇ, ଶଙ୍କର୍ଷଣ ବିଶ୍ୱାଳ, ସୁମିତ୍ରା ବଳବନ୍ତରାୟ, ସଂଗ୍ରାମ କେଶରୀ ପାତ୍ର, ନିହାର ରଞ୍ଜନ ମହାପାତ୍ର, ଗୋପାଳ ମହାନ୍ତି, ରାକେଶ ମିଶ୍ର, ସୁଧୀର ଷଡଙ୍ଗୀଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ ଓ ବହୁ ସଦସ୍ୟ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କୁ ଠକି ନେଲେ ୩.୭୮ ଲକ୍ଷ

ବାରିପଦା, ୬।୯ (ସମିସ): ବାଦାମପାହାଡ ଥାନା ଅଧୀନ ମୟୂରଦର ଅଞ୍ଚଳର ଜଣେ ବରିଷ୍ଠ ନାଗରିକଙ୍କଠାରୁ ସାଇବର ଅନଲାଇନ ଲଟେରୀ ଲୋଭ ଦେଖାଇ ପ୍ରାୟ ୩.୭୮ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏନେଇ ଗୋପୀନାଥ ବେଶ୍ରା ମୟୂରଭଞ୍ଜର ସାଇବର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଚଳାଇଛି। ଗୋପୀନାଥଙ୍କୁ ଅଗଷ୍ଟ ୨୩ ତାରିଖରେ ତାଙ୍କ ହ୍ୱାଟସଆପ ନମ୍ବର (୭୦୮୧୩୪୯୫୭୭)ରେ 'କେରଳ ଅନଲାଇନ ଲଟେରୀ' ଜିତିବା ମେସେଜ ମାଧ୍ୟମରେ ସୂଚନା ଦେଇ ଲଟେରୀ ଟିକେଟ ବାଛିବାକୁ କହିଥିଲା ସାଇବର ଠକ। ପରେ ଶ୍ରୀ ବେଶ୍ରା ତିନୋଟି ଟିକେଟ ବାଛିବା ପରେ ଠକମାନେ ତାଙ୍କୁ ଜିତିଥିବା ଦାବି କରି ପୁରସ୍କାର ପାଇବା ପାଇଁ ବିଭିନ୍ନ ଟିକସ ଦେବାକୁ କହିଥିଲେ। ବଡ଼ ପୁରସ୍କାରର ଲୋଭରେ ପଡ଼ି ଶ୍ରୀ ବେସ୍ରା ନିଜ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟରୁ ୩,୪୫,୯୪୫ ଟଙ୍କା ଏବଂ ତାଙ୍କ ଭିଣୋଇଙ୍କ ଆକାଉଣ୍ଟରୁ ଅତିରିକ୍ତ ୩୨ ହଜାର ୫୦୦ ଟଙ୍କା ଟ୍ରାନ୍ସଫର କରିଥିଲେ। ଏହି ଘଟଣା ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୨ତାରିଖ ପର୍ଯ୍ୟନ୍ତ ୧୧ଦିନ ମଧ୍ୟରେ ଘଟିଛି। ମୋଟ ୩ ଲକ୍ଷ ୭୮ ହଜାର ୪୪୫ ଟଙ୍କା ପେମେଣ୍ଟ କରିବା ପରେ କୌଣସି ପୁରସ୍କାର ନ ମିଳିବାରୁ ଶ୍ରୀ ବେଶ୍ରା ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଫଳରେ ସେ ୪ତାରିଖରେ ଅଭିଯୋଗ କରିଥିଲେ।

# ଆସୁଛି 'ଅନନ୍ତ ଲୀଳା'

ଏକଦା ଓଡ଼ିଶାର ଘରେ ଘରେ ପରିଚିତ ସମ୍ରାଟ କ୍ୟାସେଟ୍ ତଥା ଏହାର ପ୍ରତିଷ୍ଠାତା ବିଶ୍ୱମ୍ବର ସାବତ ଓ ଲୋକପ୍ରିୟ ଅଭିନେତ୍ରୀ ଶ୍ୱେତା ମଲ୍ଲିକ ଦୀର୍ଘ ୨୦ ବର୍ଷ କାଳ ରାଜ୍ୟ ଏବଂ ରାଜ୍ୟ ବାହାରେ ଏପରିକି ବିଦେଶରେ ଯଜ୍ଞ କରୁଥିଲେ । ବର୍ତ୍ତମାନ ନିଜର ପ୍ରଡକସନ୍ସ କମ୍ପାନି 'ଆଦ୍ୟା ଅନନ୍ତ ସମ୍ରାଟ ପ୍ରଡକସନ୍' ଆନୁକୂଲ୍ୟରେ ସତ୍ୟ ଘଟଣା ଉପରେ ଆଧାରିତ ଏକ ଚଳଚ୍ଚିତ୍ର 'ଅନନ୍ତ ଲୀଳା' ର କାମ ଆରମ୍ଭ କରିଛନ୍ତି । ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱ ରଣଜିତ ମହାନ୍ତି ନେଇଛନ୍ତି । ସଂଳାପ ଭରଦ୍ୱାଜ ପଣ୍ଡା ନିର୍ବାହ କରୁଛନ୍ତି । ଆଧ୍ୟାତ୍ମିକ ଦୁନିଆରେ ପୂର୍ଣ୍ଣ ରୂପେ ଜଡ଼ିତ ଏହି ଦୁଇ ବ୍ୟକ୍ତିତ୍ୱ ପୂର୍ବରୁ ଓଡ଼ିଆ ସିନେ ଜଗତରେ ସର୍ବଦା ଆକର୍ଷଣର କେନ୍ଦ୍ର ପାଲଟିଥିଲେ । ହେଲେ ହଠାତ ଚାକଚକ୍ୟ ଭରା ସିନେ ଦୁନିଆକୁ ଛାଡ଼ି ଆଧ୍ୟାତ୍ମିକତାରେ ନିଜକୁ ସଂପୂର୍ଣ୍ଣ ରୂପେ ନିୟୋଜିତ କରିଲେ । ବର୍ତ୍ତମାନ ସେମାନଙ୍କର ଲେଉଟାଣି ଓଡ଼ିଆ ସିନେ ଦୁନିଆରେ କି ପ୍ରଭାବ ପକାଇବ, ତାହା ଜାଣିବା ପାଇଁ ଚଳଚ୍ଚିତ୍ର ମୁକ୍ତିଲାଭକୁ ଅପେକ୍ଷା କରିବାକୁ ପଡ଼ିବ ।




# 'ଜଲ୍‌ସା' ଗୀତରେ ମନ୍ତ୍ରମୁଗ୍ଧ

ସବୁଠି 'ଜଲସା'ର ଜଲୱା । ପିଲାଠୁ ବୁଢ଼ା ସମସ୍ତେ ମତୁଆଲା ଏହି ଗୀତରେ । ମେଲୋଡି ମଞ୍ଚରୁ ଆରମ୍ଭ କରି ପୂଜା ମଣ୍ଡପ । ସବୁଠି ଏହି ଗୀତର ଧୁମ୍ । ଏହି ଗୀତ ମନ୍ତ୍ରମୁଗ୍ଧ କରିଛି ଶ୍ରୋତା ତଥା ଦର୍ଶକଙ୍କୁ । ବର୍ତ୍ତମାନ 'ମନ୍ତ୍ରମୁଗ୍ଧ' ଚଳଚ୍ଚିତ୍ରର ଏହି ଗୀତଟି ଟ୍ରେଣ୍ଡିଂରେ ଅଛି । ମୁକ୍ତିଲାଭ କରିବାର ପ୍ରଥମ ୧୪ ଘଣ୍ଟାରେ ୧,୦୦,୦୦୦ ଦର୍ଶକ ଦେଖିସାରିଥିବା ବେଳେ ଆଜିଯାଏ ୩,୫୦, ୦୦୦ ଦର୍ଶକ ଦେଖିସାରିଛନ୍ତି, ଯାହା ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ସର୍ବକାଳୀନ ରେକର୍ଡ । ତେବେ ଉଲ୍ଲେଖନୀୟ କଥାଟି ହେଉଛି, 'ଜଲସା' ଗୀତ ଓଡ଼ିଆ ଚଳଚ୍ଚିତ୍ରର ସବୁଠୁ ଦାମୀ ବା ବ୍ୟୟବହୁଳ ଗୀତ । ଏହାର ନିର୍ମାଣ ପାଇଁ ପାଖାପାଖି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଆଖି ଝଲସା ଆଲୋକ ସାଙ୍ଗକୁ ଅତ୍ୟାଧୁନିକ ଡ୍ୟାନ୍ସ ଫ୍ଲୋର ଓ ଆକର୍ଷଣୀୟ ସେଟ୍ 'ଜଲସା'ର ଫିଭର୍‌କୁ ଦ୍ୱିଗୁଣିତ କରିଛି । ଯୁବ ବର୍ଗର ଶ୍ରୋତା ଓ ଦର୍ଶକ ଏହାକୁ ନେଇ ସର୍ବାଧିକ ରିଲ୍‌ସ ବନାଇବାରେ ବ୍ୟସ୍ତ । ଫିଲ୍ମ 'ମନ୍ତ୍ରମୁଗ୍ଧ'ରେ ସ୍ଥାନିତ ଏହି ଗୀତର ପରିକଳ୍ପନା କରିଛନ୍ତି ଯୁବ ପ୍ରଯୋଜିକା ବର୍ଷା ପଟ୍ଟନାୟକ ଓ ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ । ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ଅମିତ । ମନୋଜ କୁମାର ପଣ୍ଡା ରଚନା କରିଥିବା ଏହି ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଓ ଅନ୍ତରା ଚକ୍ରବର୍ତ୍ତୀ । ଗୀତଟି ସନୋଜ, ସୂର୍ଯ୍ୟମୟୀ, ସୌରଭ, ମନ୍ମୟ, ନିଶାନ୍ତ ଓ ପିହୁଙ୍କ ଉପରେ ରୂପାୟିତ ହୋଇଛି । ଆଗକୁ ଆସୁଛି ମେଲୋଡି ସିଜିନ । ତେଣୁ ପୂଜା ବଜାରରେ ଏହି ଗୀତଟି ଧମାଲ ମଚାଇବ ବୋଲି ଆଶା କରାଯାଉଛି ।





# ଉଦୀୟମାନ କଣ୍ଠଶିଳ୍ପୀ ସତ୍ୟବ୍ରତ

ଓଡ଼ିଆ ସଂଗୀତ ଦୁନିଆର ଉଦୀୟମାନ କଣ୍ଠଶିଳ୍ପୀ ଭାବେ ଶ୍ରୋତାଙ୍କ ମନ ଜିଣିବାରେ ସଫଳ ହୋଇଛନ୍ତି ସତ୍ୟବ୍ରତ ଜେନା । ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ କୁଡ଼ିଆ ଗାଁର କାଞ୍ଚନ ଜେନା ଓ ଗଣେଶ୍ୱର ଜେନାଙ୍କ ପୁଅ ହେଉଛନ୍ତି ସତ୍ୟବ୍ରତ । ପିଲାଟି ଦିନରୁ ତାଙ୍କର ସଂଗୀତ ପ୍ରତି ରୁଚି ରହିଥିଲା । ତେବେ ଦ୍ୱିତୀୟ ଶ୍ରେଣୀରେ ସେ ତାଙ୍କ ସଂଗୀତ ଶିକ୍ଷାର ଯାତ୍ରା ଆରମ୍ଭ କରିଥିଲେ । ସେତେବେଳେ ସେ ନୀଳଗିରିରେ ଥିବା କଳାବିକାଶ କେନ୍ଦ୍ରରେ ଗୁରୁ ଗୌରହରି ଜେନାଙ୍କ ପାଖରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ । ସେହିପରି ସେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡୀଗଡ଼ର ନୀଳଗିରି ଶାଖାରେ ସଂଗୀତରେ ବିଶାରଦ ଉପାଧି ହାସଲ କରିଛନ୍ତି । ବର୍ତ୍ତମାନ ସେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର ଭାବେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିଭାଗରେ ଅଧ୍ୟୟନରତ । ସେହିପରି ତାଙ୍କ ସଂଗୀତ ଜୀବନ ବିଦ୍ୟାଳୟ ମଞ୍ଚରୁ ଆରମ୍ଭ ହୋଇ ଏବେ ବଡ଼ ମଞ୍ଚରେ ପହଞ୍ଚି ପାରିଛି । ଏମିତି କୌଣସି ଗୀତ ନାହିଁ, ଯାହାକି ତାଙ୍କ କଣ୍ଠରେ ଶୁଣିବାକୁ ମିଳି ନାହିଁ । ଭକ୍ତିଗୀତଠାରୁ ଆରମ୍ଭ କରି ରୋମାଣ୍ଟିକ୍ ଗୀତ ଗାଇ ସେ ଲୋକଙ୍କ ହୃଦୟ ଜିଣିଛନ୍ତି । ସତ୍ୟବ୍ରତ ବିଭିନ୍ନ ରିଆଲିଟି ଶୋ'ରେ ସାମିଲ ହୋଇଥିବା ବେଳେ ଲାଇଭ୍ ଶୋ' ମାନ ବି କରୁଛନ୍ତି । ଏହାବାଦ୍ ସଂଗୀତ କ୍ଷେତ୍ରରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ସତ୍ୟବ୍ରତ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇଛନ୍ତି । ତାଙ୍କ ସଫଳତାର ଉପଲବ୍ଧି କେବଳ ତାଙ୍କ ପାଇଁ କି ତାଙ୍କ ପରିବାର ପାଇଁ ଗୌରବ ଆଣି ନାହିଁ, ବରଂ ସେ ନିଜ ପ୍ରତିଭା ମାଧ୍ୟମରେ ଓଡ଼ିଶାକୁ ଗର୍ବିତ କରାଇଛନ୍ତି । ସେ ତାଙ୍କ ସଫଳତାର ସମସ୍ତ ଶ୍ରେୟ ନିଜ ବାପା ମାଆଙ୍କୁ ଦେଇଥିବା କହିଛନ୍ତି । ଅନ୍ୟପଟେ ସତ୍ୟବ୍ରତ ଜାତୀୟ ସ୍ତରରେ କଣ୍ଠଶିଳ୍ପୀ ହେବାର ଲକ୍ଷ୍ୟ ରଖିଛନ୍ତି ।

# ଚିତ୍ରପ୍ରେମୀ ସଲମାନ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସଲମାନ ଖାନ୍‌ଙ୍କୁ ଅଭିନୟ ସହିତ ଚିତ୍ର କରିବା ଖୁବ୍ ପସନ୍ଦ । ବିଭିନ୍ନ ସମୟରେ ସେ ଚିତ୍ର ଆଙ୍କିବାକୁ ଭଲପାଆନ୍ତି । ସେହିପରି ସେ ନିଜର ଚିତ୍ରକଳାର ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥାନ୍ତି । ଯାହାକି ଖୁବ୍ ଭାଇରାଲ୍ ହୁଏ । ତେବେ ଚିତ୍ରକଳାର ଗୁଣ ସେ ତାଙ୍କ ମା' ସଲମା ଖାନ୍‌ଙ୍କଠାରୁ ଆଣିଛନ୍ତି । ପୂର୍ବରୁ ସଲମାନଙ୍କ ବାପା ସଲିମ ମଧ୍ୟ ସଲମାନଙ୍କର ଏହି ସଉକ ବାବଦରେ କହିଛନ୍ତି । ଏପରିକି ଅଭିନେତା ନ ହୋଇଥିଲେ ସଲମାନ ଆର୍ଟିଷ୍ଟ ହୋଇଥାନ୍ତେ ବୋଲି ସଲିମ ଏକାଧିକ ସାକ୍ଷାତକାରରେ କହିସାରିଛନ୍ତି । ପିଲାଦିନେ ସଲମାନଙ୍କୁ ତାଙ୍କ ମା' ଚିତ୍ର ଆଙ୍କିବା ଶିଖାଉ ଥିଲେ । ସେହିପରି ସଲମାନ ତାଙ୍କର ନିଜର ଘନିଷ୍ଠ ଲୋକଙ୍କୁ ନିଜ ହାତ ତିଆରି ପେଣ୍ଟିଂ ଉପହାର ଦେଇଥାନ୍ତି । କେବଳ ସେତିକି ନୁହେଁ, ସେ ତାଙ୍କ ଚିତ୍ରକଳାର ପ୍ରଦର୍ଶନ କରି ପାଣ୍ଠି ସଂଗ୍ରହ କରନ୍ତି ।



ପରଦା ପଛର କାହାଣୀ

# ବର୍ଷାରେ ଫିଲ୍ମ ଗୀତ ସୁଟିଂ

ଅତୀତରେ ଅନେକ ହିନ୍ଦୀ ଫିଲ୍ମର ଗୀତ କୃତ୍ରିମ ବର୍ଷାରେ ସୁଟିଂ କରାଯାଇଛି । ଏହାର ତାଲିକା ଖୁବ୍ ଲମ୍ବା । ତେବେ ଏଭଳି ଏକ ଗୀତ ସୁଟିଂ ପାଇଁ ଆର୍ଟିଫିସିଆଲ୍ ବର୍ଷା ବା କୃତ୍ରିମ ବର୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ତେବେ ସୁଟିଂ ସମୟରେ ଅନାଚକ୍ ଜୋର୍‌ରେ ବର୍ଷା ହୋଇଥିଲା । ଆଉ କୃତ୍ରିମ ବର୍ଷା ବଦଳରେ ପ୍ରାକୃତିକ ବର୍ଷାରେ ଗୀତଟି ସୁଟିଂ ହୋଇଥିଲା । ଏହି ଗୀତଟି ୯୦ ଦଶକରେ ମୁକ୍ତିଲାଭ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ 'ଲମ୍‌ହେ' ର ଥିଲା । 'ମେଘାରେ ମେଘାରେ...' ଏହି ୪ ମିନିଟ୍‌ର ଗୀତ ୧୯୫୭ ମସିହାରେ ଧୁମ୍ ମଚାଇଥିଲା । ଏହି ଗୀତ ମଧ୍ୟ ଲୋକଙ୍କ ହୃଦୟକୁ ଛୁଇଁ ପାରିଥିଲା । ତେବେ ଏହି ଗୀତଟିକୁ ନକଲି ବର୍ଷାରେ ସୁଟିଂ କରିବା ପାଇଁ ସ୍ଥିର ହୋଇଥିଲା । କିନ୍ତୁ କ୍ୟାମେରା ଅନ୍ ହେବା ମାତ୍ରେ ସତସତିକା ବର୍ଷା ହୋଇଥିଲା । ଏହାକୁ ନେଇ ଫିଲ୍ମର ସଦସ୍ୟମାନେ ଓ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଯଶ୍ ଚୋପ୍ରା ଖୁସିରେ ନାଚି ଉଠିଥିଲେ । ଭାରତୀୟ ସିନେମା ଜଗତରେ ଏହା ଏକ ଅବିସ୍ମରଣୀୟ ଓ ବାସ୍ତବ ଅନୁଭୂତି ଦେଇଥିଲା । ଯାହାକୁ ନେଇ ଫିଲ୍ମ ସଦସ୍ୟମାନେ ବେଶ୍ ଖୁସି ହୋଇଥିଲେ । ତେବେ ଏହି ଫିଲ୍ମରେ ଶ୍ରୀଦେବୀଙ୍କ ଚମତ୍କାର ଅଭିନୟ ଓ ଯଶ୍ ଚୋପ୍ରାଙ୍କ ବଳିଷ୍ଠ ନିର୍ଦ୍ଦେଶନା ପ୍ରତିଭା ଓ ସିନେମାର ଯାଦୁ ସମସ୍ତଙ୍କ ହୃଦୟ ଜିଣି ନେଇଥିଲା । ଏହି ଗୀତ ସୁଟିଂ ସମୟରେ ଯେଉଁ ସଂଯୋଗ ଘଟିଥିଲା ତାହା ସିନେମା ଜଗତରେ ଖୁବ୍ କମ୍ ଦେଖିବାକୁ ମିଳିଥାଏ । ଏହି ଗୀତ ରାଜସ୍ଥାନର ମାଣ୍ଡବାରେ ସୁଟିଂ ହୋଇଥିଲା । ଏହି ଗୀତର ସୁଟିଂ ସମୟରେ ଅସଲି ବର୍ଷା ଦେଖି ଯଶ୍ ଚୋପ୍ରା କହିଥିଲେ "କ୍ୟାମେରା ଚାଲିବାକୁ ଦିଅ । କାରଣ ଏପରି ମୁହୂର୍ତ୍ତ ତିଆରି କରାଯାଇପାରିବ ନାହିଁ ।"



# "ଚରିତ୍ର ଭିତରେ ପଶିଲେ ଜୀବନ୍ତ ହୁଏ ଅଭିନୟ"



ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସାବରଙ୍ଗର ତନୁଶ୍ରୀ ଦାଶ । ସେ ଜଣେ ମେଧାବୀ ଛାତ୍ରୀ । ଭବିଷ୍ୟତରେ ଶିକ୍ଷୟିତ୍ରୀ ହେବାକୁ ସ୍ୱପ୍ନ ଦେଖିଛନ୍ତି । ହେଲେ ତାଙ୍କ ଭାଗ୍ୟ ତାଙ୍କୁ ଟାଣି ଆଣିଛି ଓଡ଼ିଆ ଫିଲ୍ମ ଜଗତକୁ । 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ସେ ନିଜର ଜଣେ ସମ୍ପର୍କୀୟଙ୍କ ସହିତ ଆସିଥିଲେ । ହଠାତ୍ ତାଙ୍କୁ ଅଡିସନ୍ ଦେବାକୁ ମିଳିଲା ସୁଯୋଗ । ଏହି ପ୍ଲାଟ୍‌ଫର୍ମରେ ଫାଇନାଲିଷ୍ଟ ଟପ୍ ୯ ରେ ତାଙ୍କୁ ବିଉଟି ଡିଭା ଟ୍ୟାଗ୍ ମିଳିଥିଲା । ପରେ ପରେ ସେ ଓଡ଼ିଆ ଫିଲ୍ମରେ କାମ କରିବାକୁ ଦେଲେ ଅଡିସନ୍ । 'ଅନୁ ଦିଦି ନଟ୍ ଆଉଟ୍' ତାଙ୍କର ପ୍ରଥମ ସିନେମା । ସେ ଏକାଧିକ ଟେଲିଫିଲ୍ମ ଏବଂ ସିନେମାରେ କାମ କରିଛନ୍ତି । ତେବେ ପାଠପଢ଼ା ଆଉ ଅଭିନୟ ମଧ୍ୟରେ ସେ କେମିତି ସମନ୍ୱୟ ରଖୁଛନ୍ତି ଜାଣିବା ତାଙ୍କ ମୁହଁରୁ ।

**ତନୁଶ୍ରୀ ଦାଶ , ଅଭିନେତ୍ରୀ**

**ଶିକ୍ଷୟିତ୍ରୀ ହେବାକୁ ସ୍ୱପ୍ନ ଦେଖି ଅଭିନୟ ଜଗତ ପ୍ରତି କିପରି ଆକୃଷ୍ଟ ହେଲେ ?**

● ପିଲାଦିନୁ ପାଠକୁ ଗୁରୁତ୍ୱ ଦେଉଆସୁଛି । ଶିକ୍ଷୟିତ୍ରୀ ହେବା ମୋର ଲକ୍ଷ୍ୟ । ବର୍ତ୍ତମାନ ମୁଁ ଇଣ୍ଟିଗ୍ରେଟେଡ୍ ବି.ଏସ୍.ସି. ବି.ଇଡିର ଶେଷ ବର୍ଷର ଛାତ୍ରୀ । କେବେ ବି ହିରୋଇନ୍ ହେବି ବୋଲି ଭାବି ନ ଥିଲି । ତେବେ ଦଶମ ପରେ ଜଣେ ସଂପର୍କୀୟଙ୍କ ସହିତ 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ଯାଇଥାଏ । ହଠାତ୍ ମୋତେ ବି ଅଡିସନ୍ ଦେବାକୁ କୁହାଯାଇଥିଲା । ସେଠି ଯାହା ଶିଖାଗଲା ମୁଁ କଲି । ଅଡିସନ୍ ଦେଇ ଫାଇନାଲିଷ୍ଟ ଟପ୍ ୯ ହୋଇଥିଲି । ବିଉଟି ଡିଭାର୍ ଟ୍ୟାଗ୍ ମିଳିଲା । ଏହି ଯାତ୍ରା ମୋ ଜୀବନକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା । ତାପସ ସରଗରିଆ ସାର୍ 'ଅନୁ ଦିଦି ନଟ୍ ଆଉଟ୍'ରେ କାମ କରିବାକୁ ପ୍ରଥମେ ସୁଯୋଗ ଦେଲେ । ଏହାପରେ ମୁଁ 'ପ୍ରେମିକାୟ ନମଃ', 'ବୋଉ', 'ଆମେ ତ ମିଡିଲ୍ କ୍ଲାସ୍', 'ସରକାରୀ ଜ୍ୱାଇଁ' ଆଦି ଟେଲି ଫିଲ୍ମରେ କାମ କରିଛି । ବଡ଼ ପରଦା ମଧ୍ୟରେ ରମେଶ ବାରିକଙ୍କ 'ମହାବାହୁ' ଓ ତପନ ଦାଶଙ୍କ ପ୍ରଯୋଜିତ 'ଆଶ୍ରମ'ରେ ମଧ୍ୟ ଅଭିନୟ କରିବାକୁ ସୁଯୋଗ ମିଳିଛି । ସବୁବେଳେ ବରିଷ୍ଠ କଳାକାରଙ୍କ ସହିତ କାମ କରିବା ଖୁସିକୁ ମୁଁ ଅନୁଭବ କରେ ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ମୋ ପ୍ରଥମ ଫିଲ୍ମର ସୁଟିଂ ଥାଏ । ସେବେ ଅଭିନୟ ବିଷୟରେ ଏତେ କିଛି ଜାଣି ନ ଥାଏ । ଏଥିପାଇଁ ପ୍ରସ୍ତୁତ ବି ନଥିଲି । ଯେହେତୁ ସ୍କୁଲସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଥିଲି, ସୁଟିଂ କେମିତି ହୁଏ ଜାଣିଥିଲି । ତେଣୁ ଭୟ ଲାଗି ନ ଥିଲା । ବରିଷ୍ଠ କଳାକାରଙ୍କ ସହ କେମିତି ଭଲ କାମ କରିବି କେବଳ ସେତିକି ଚିନ୍ତା ଥାଏ । ସେବେ ମୁଁ ସ୍କ୍ରିପ୍ଟକୁ ପୂରା ଘୋଷି ଦେଇଥିଲି । ଧୀରେ ଧୀରେ କାମ ଶିଖିଥିଲି ।

**କେଉଁ ଫିଲ୍ମ ଆପଣଙ୍କୁ ଲୋକପ୍ରିୟ କରାଇଛି ?**

● 'ଅନୁଦିଦି ନଟ୍ ଆଉଟ୍' ଫିଲ୍ମରୁ ଲୋକେ ମୋତେ ଚିହ୍ନିଥିଲେ । ଏବେ ବି ସେହି ଫିଲ୍ମର କାହାଣୀ ଆଉ ମୋ ଅଭିନୟକୁ ଭଲ ପାଇବା ମିଳୁଛି ।

**ସ୍ମରଣୀୟ ମୁହୂର୍ତ୍ତ ?**

● ବିଳମ୍ବିତ ରାତି ଯାଏଁ ସୁଟିଂ ଥାଏ । 'ଅନୁ ଦିଦି ନଟ୍ ଆଉଟ୍'ର ତିନି ପୃଷ୍ଠାର ଭାଷଣ ସିନ୍ କରୁ କରୁ ପାଖାପାଖି ଭୋର ତିନିଟା ହୋଇଯାଇଥିଲା । ପୂରା ଥକି ପଡ଼ିଥାଏ । ଭାରି ଅଳଙ୍କାର ସାଙ୍ଗକୁ ଓଜନିଆ ଶାଢ଼ି ମୁଁ ପିନ୍ଧିଥିଲି । ସେତେବେଳେ ମୁଁ ଖାଲି କାନ୍ଦୁଥାଏ । ତାପସ ସାର୍ ମୋତେ ବହୁତ ବୁଝାଇଲା ପରେ ସିନ୍ କରିଥିଲି । ସେହି ମୁହୂର୍ତ୍ତକୁ କେବେ ବି ଭୁଲି ପାରିବିନି । ଅବଶ୍ୟ ଏବେ ବିଳମ୍ବିତ ରାତି ହେଉ କି ୨୪ ଘଣ୍ଟା ଧରି କାମ କରିବାରେ ଅଭ୍ୟସ୍ତ ହୋଇଗଲିଣି ।

**ଡ୍ରିମ୍ ରୋଲ୍ ?**

● ଶାନ୍ତ କି ଚୁଲବୁଲ୍ ଚରିତ୍ରରେ କାମ କରିସାରିଲିଣି । ଆଗକୁ ଥ୍ରିଲର କିମ୍ବା ହରର ମୁଭି କରିବାର ଇଚ୍ଛା ଅଛି । କେବଳ ସେତିକି ନୁହେଁ, ପ୍ରତ୍ୟେକଟି ଚରିତ୍ରରେ ମୋତେ କାମ କରିବାର ଇଚ୍ଛା ରହିଛି ।

● **ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି ?**

ମୁଁ ଯଦି ପାଠ ଆଉ ଫିଲ୍ମରେ ଭଲ କରିବି ଭାବିବି ତାହା ତ କେବେ ହେବନି । ସେଥିପାଇଁ ମୁଁ ପାଠକୁ ଗୁରୁତ୍ୱ ଦେଇ ବର୍ଷକୁ ଗୋଟେ ଗୋଟେ ଫିଲ୍ମ କରିଛି । ଅଭିନୟ ପାଇଁ କେବେ ପାଠ ଉପରେ ପ୍ରଭାବ ପଡୁ ତାହା ମୁଁ ଚାହେଁନି । କି ଆଗକୁ ମଧ୍ୟ ଚାହିଁବିନି । ସମୟ ଦେଖି ଭଲ କାହାଣୀ ମିଳିଲେ ମୁଁ ନିଶ୍ଚିତ କାମ କରିବି ।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ପ୍ରସ୍ତୁତ ହେବା ଦରକାର ?**

● ପ୍ରଥମତଃ କହିବି ଶିକ୍ଷାକୁ ଶେଷ କରି ଏ ଲାଇନ୍‌କୁ ଆସନ୍ତୁ । ଷ୍ଟ୍ରଗଲ୍ ଆକ୍ଟର ହୋଇ ରହି ନ ଯାଇ ନିଜକୁ ଗ୍ରୁମିଂ କରନ୍ତୁ । କଠିନ ପରିଶ୍ରମ କରନ୍ତୁ । ସ୍କ୍ରିପ୍ଟ କ'ଣ ମାଗୁଛି ତାକୁ ଦେଖି ବୁଝନ୍ତୁ । ସ୍କ୍ରିପ୍ଟକୁ ନ ଘୋଷି ପ୍ରଥମେ ଚରିତ୍ରକୁ ବୁଝନ୍ତୁ । ଯେଉଁ ଚରିତ୍ର ତୁମକୁ ମିଳିଛି ତା' ଭିତରେ ପଶିଲେ ଅଭିନୟ ଜୀବନ୍ତ ହୋଇପାରିବ ।

## ● ଅଷ୍ଟ୍ରେଲିଆ-ଏ ବିପକ୍ଷ ସିରିଜ୍

# ଆୟରଙ୍କୁ ମିଳିଲା ଭାରତ-ଏ ଦଳର ନେତୃତ୍ୱ

ମୁମ୍ବଇ, ୬।୯ (ଏଜେନ୍ସି): ନିକଟରେ ଏସିଆ କପ୍ ଦଳରୁ ବାଦ୍ ପଡ଼ିଥିବା ଅଭିଜ୍ଞ ମୁମ୍ବଇ ବ୍ୟାଟର୍ ଶ୍ରେୟାସ ଆୟରଙ୍କୁ ଆଶ୍ୱସ୍ତି ମିଳିଛି। ଆଗାମୀ ଅଷ୍ଟ୍ରେଲିଆ-ଏ ବିପକ୍ଷ ଦୁଇଟି ଦ୍ୱି-ଦିବସୀୟ ମ୍ୟାଚ ଲାଗି ଶନିବାର ଘୋଷିତ ୧୫ ଜଣିଆ ଭାରତ-ଏ ଦଳର ନେତୃତ୍ୱ ଭାର ଆୟରଙ୍କୁ ପ୍ରଦାନ କରାଯାଇଛି। ସେହିଭଳି ୱିକେଟ୍‌କିପର ଧ୍ରୁବ ଜୁରେଲଙ୍କୁ ଏହି ଦଳର ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ନିକଟରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖେଳିଥିବା ସାଇ ସୁଦର୍ଶନ, ପ୍ରସିଦ୍ଧ କ୍ରିଷ୍ଣା, ଅଭିମନ୍ୟୁ ଈଶ୍ୱରନଙ୍କୁ ଭାରତ-ଏ ଦଳରେ ମଧ୍ୟ ସ୍ଥାନ ମିଳିଛି। ସେପ୍ଟେମ୍ବର ୧୬ରୁ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଲକ୍ଷ୍ନୌ ପ୍ରଥମ ଦ୍ୱି-ଦିବସୀୟ ମ୍ୟାଚ୍ ଆରମ୍ଭ ହେବ। ଏହାପରେ ଅନ୍ତିମ ତଥା ୨ୟ ମ୍ୟାଚ୍ ସେପ୍ଟେମ୍ବର ୨୩ରୁ ଖେଳାଯିବ। ପରବର୍ତ୍ତୀ ସମୟରେ ଦୁଇ ଦଳ ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏହି ୩ଟି ମ୍ୟାଚ୍ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ଅକ୍ଟୋବର ୫ରେ କାନପୁରରେ ଖେଳାଯିବ।



**ଘୋଷିତ ଭାରତ-ଏ ଦଳ** : ଶ୍ରେୟାସ ଆୟର (ଅଧିନାୟକ), ଧ୍ରୁବ ଜୁରେଲ (ଉପ-ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଏନ ଜଗଦିଶନ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ହର୍ଷ ଦୁବେ, ଆୟୁଷ ବଦୋନୀ, ନୀତୀଶ କୁମାର ରେଡ୍ଡୀ, ତନୁଷ କୋଟିଆନ, ପ୍ରସିଦ୍ଧ କ୍ରିଷ୍ଣା, ଖଲିଲ ଅହମ୍ମଦ, ମାନବ ସୁତାର, ଯଶ ଠାକୁର ଓ ଗୁରନୁର୍ ବ୍ରାର୍।

## ● ମହିଳା ଦିନିକିଆ ବିଶ୍ୱକପ୍

# ଉଦ୍‌ଘାଟନୀ ଉତ୍ସବରେ ସାମିଲ ହେବନି ପାକିସ୍ତାନ

ନୂଆଦିଲ୍ଲୀ, ୬।୯ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ଦୁଇ ଆୟୋଜକ ଭାରତ ଓ ଶ୍ରୀଲଙ୍କା ଦଳ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଗୌହାଟୀରେ ଖେଳାଯିବ। ତେବେ ଆୟୋଜକ ବିସିସିଆଇ ଏହି ମ୍ୟାଚ୍ ପୂର୍ବରୁ ବିଶ୍ୱକପ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରିବାକୁ ଯୋଜନା କରିଛି। ଯେଉଁଥିରେ ବଲିଉଡ୍ ତାରକା ଶ୍ରେୟା ଘୋଷାଲ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ସଦ୍ୟ ରିପୋର୍ଟ ମୁତାବକ ପାକିସ୍ତାନ ମହିଳା କ୍ରିକେଟ୍ ଦଳ ଗୌହାଟୀରେ ହେବାକୁ ଥିବା ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବନି ବୋଲି ଜଣାପଡ଼ିଛି। ଅଧିନାୟିକା ସାନା ଫାତିମା କିମ୍ବା ତାଙ୍କ ଦଳର କୌଣସି ସଦସ୍ୟ ଉଦ୍‌ଘାଟନୀ ଇଭେଣ୍ଟରେ ସାମିଲ ହେବେନି ବୋଲି ପାକିସ୍ତାନ ଗଣମାଧ୍ୟମ ସୂତ୍ରରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଏହି ମେଗା ଇଭେଣ୍ଟ ଭାରତରେ ଆୟୋଜିତ ହେବାର ଥିଲା। କିନ୍ତୁ ରାଜନୈତିକ ଅସ୍ଥିରତା ଲାଗି ଭାରତରେ ଖେଳିବାକୁ ପାକିସ୍ତାନ ବୋର୍ଡ ମନା କରିଥିଲା। ଫଳରେ ପାକିସ୍ତାନ ଏହାର ସମସ୍ତ ବିଶ୍ୱକପ୍ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋ ଷ୍ଟାଡିୟମରେ ଖେଳିବ।

## ୟୁଏସ୍ ଓପନ୍ ଟେନିସ୍ -୨୦୨୫ : ସିନର୍-ଆଲ୍‌କାରାଜ୍ ଫାଇନାଲ୍

# ଜୋକୋଭିଚ୍‌ଙ୍କ ୨୫ତମ ଗ୍ରାଣ୍ଡସ୍ଲାମ୍ ସ୍ୱପ୍ନ ଅଧୁରା



ନ୍ୟୁୟର୍କ, ୬।୯ (ଏଜେନ୍ସି)

ବିଶ୍ୱର ଅନ୍ୟତମ ମହାନ ଟେନିସ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ୨୫ତମ ଟାଇଟଲ୍ ଜିତିବା ସ୍ୱପ୍ନ ପୁଣିଥରେ ଅଧୁରା ରହିଯାଇଛି। ଏଠାରେ ଚାଲିଥିବା ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଜୋକୋଭିଚ୍ ହାରିଯାଇଛନ୍ତି। ଫଳରେ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲାଗି ୩୮ ବର୍ଷୀୟ ଜୋକୋଭିଚ୍‌ଙ୍କୁ ଆସନ୍ତା ବର୍ଷ ଜାନୁଆରୀରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆନ ଓପନ୍‌କୁ ଅପେକ୍ଷା କରିବାକୁ ପଡ଼ିବ। ଜୋକୋଭିଚ୍ ତାଙ୍କର ଶେଷ ତଥା ୨୪ତମ ଗ୍ରାଣ୍ଡସ୍ଲାମ ୨ ବର୍ଷ ତଳେ ଏହି ୟୁଏସ୍ ଓପନ୍‌ରେ ଜିତିଥିଲେ।

ଶନିବାର ସକାଳେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ୨ୟ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ୬-୪, ୭-୬ (୪), ୬-୨ ସେଟ୍‌ରେ ୨୪ଥରର ମେଜର ଟାଇଟଲ୍ ବିଜେତା ଜୋକୋଭିଚ୍‌ଙ୍କୁ ସହଜରେ ପରାସ୍ତ କରିଥିଲେ। ଜୋକୋଭିଚ୍‌ଙ୍କଠାରୁ ୧୬ ବର୍ଷ ସାନ ଆଲ୍‌କାରାଜ ଏହି ସେମିଫାଇନାଲ ମୁକାବିଲାକୁ ସହଜରେ ଜିତିନେଇଥିଲେ। ରବିବାର ରାତିରେ ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଆଲ୍‌କାରାଜ ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନରଙ୍କୁ ଭେଟିବେ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସିନ୍ନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କୁ ପରାସ୍ତ କରିଥିଲେ। ରବିବାର ଦୁଇ ଟପ୍ ସିଡ୍ ଖେଳାଳି ସିନ୍ନର ଓ ଆଲକାରାଜଙ୍କ ମଧ୍ୟରେ ଟାଇଟଲ୍ ଲଢ଼େଇ ରୋମାଞ୍ଚକ ହେବ ବୋଲି ଆକଳନ କରାଯାଉଛି। ଏଥିସହ ଓପନ୍ ଏରା ଇତିହାସରେ ପ୍ରଥମଥର ଲାଗି ଗୋଟିଏ ସିଜନରେ ଦୁଇ ଖେଳାଳି କ୍ରମାଗତ ୩ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପରସ୍ପର ବିରୋଧରେ ଖେଳିବେ। ଏଥିପୂର୍ବରୁ ଜୁନରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ୍ ଏବଂ ଜୁଲାଇରେ ଖେଳାଯାଇଥିବା ୱିମ୍ବଲଡନ ଫାଇନାଲରେ ଏହି ଦୁଇ ଖେଳାଳି ପରସ୍ପରକୁ ଭେଟିଥିଲେ। ଯେଉଁଥିରେ ଫ୍ରେଞ୍ଚ ଓପନ୍‌ରେ ଆଲ୍‌କାରାଜ ଓ ୱିମ୍ବଲଡନରେ ସିନ୍ନର ଟାଇଟଲ୍ ବିଜୟୀ ହୋଇଥିଲେ।

## ଗ୍ରାବିଏଲା-ଏରିନ ଯୋଡ଼ିଙ୍କୁ ୨ୟ ଟାଇଟଲ୍



ୟୁଏସ୍ ଓପନ୍ ମହିଳା ଡବଲ୍ସରେ କାନାଡାର ଗ୍ରାବିଏଲା ଡାବ୍ରୋସ୍କି ଓ ନ୍ୟୁଜିଲାଣ୍ଡର ଏରିନ ରୌତଲିଫ୍ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲ ମୁକାବିଲାରେ ୩ୟ ସିଡ୍ ଗ୍ରାବିଏଲା-ଏରିନ ଯୋଡ଼ି ୬-୪, ୬-୪ ସିଧାସଳଖ ସେଟରେ ଟପ୍ ସିଡ୍ ଟେଲର ଟାଉନସେଣ୍ଡ ଓ କାଟେରିନା ସିନିଆକୋଭା ଯୋଡ଼ିଙ୍କୁ ହରାଇଥିଲେ। ଫଳରେ ଏହି କାନାଡା-ନ୍ୟୁଜିଲାଣ୍ଡ ଯୋଡ଼ି ଏଠାରେ ୨ୟଥର ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୨୩ ୟୁଏସ୍ ଓପନ୍‌ରେ ଗ୍ରାବିଏଲା-ଏରିନ ଯୋଡ଼ି ମହିଳା ଡବଲ୍ସ ଟାଇଟଲ୍ ହାସଲ କରିଥିଲେ। ଚଳିତ ବର୍ଷ ଚାମ୍ପିଅନ ହେବା ସହ ଏହି ଯୋଡ଼ି ପୁରସ୍କାର ବାବଦରେ ୧୦ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୮.୮୧ କୋଟି) ପାଇଛନ୍ତି।

# ଏସିଆ ରଗ୍‌ବୀ ଚାମ୍ପିଅନସିପ୍‌ରେ ଭାଗନେବେ କିସ୍‌ର ୭ ଖେଳାଳି



ଭୁବନେଶ୍ୱର, ୬।୯ (ସମିସ): ଏସିଆ ରଗ୍‌ବୀ ଏମିରେଟ୍ସ ଚାମ୍ପିଅନସିପ୍ ସେପ୍ଟେମ୍ବର ୧୩ରୁ ଚାଇନାର ହୋହୋତାରେ ଆରମ୍ଭ ହେବ। ୧୮ ବର୍ଷରୁ କମ୍ ଏହି ରଗ୍‌ବୀ ଚାମ୍ପିଅନସିପ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ଶନିବାର ଦଳ ଘୋଷଣା କରାଯାଇଥିଲା। ଘୋଷିତ ଭାରତୀୟ ଦଳରେ ଓଡ଼ିଶାର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍) ର ୭ଜଣ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ଦଳରେ ଓଡ଼ିଶାର ମାମାଲି ସିଂ, ଅନିତା ମୁର୍ମୁ, ରାଇମଣୀ ମୁର୍ମୁ ରହିଛନ୍ତି। ସେହିଭଳି ବିଦ୍ୟାଧର ମାଝୀ, ଭାରତ କିସାନ, ଚରଣ ହେମ୍ବ୍ରମ ଓ ଆଉମା ମୁର୍ମୁ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି। କୋଲକାତାର ସାଇ ସେଣ୍ଟରରେ ୯ ଦିନିଆ କ୍ୟାମ୍ପ ପରେ ଏହି ଦଳ ଚୟନ କରାଯାଇଛି। ଏକାଥରକେ କିସ୍‌ର ୭ଜଣ ଖେଳାଳି ଜାତୀୟ ରଗବୀ ଦଳରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଭାରତୀୟ ଦଳ ସେପ୍ଟେମ୍ବର ୯ରେ ଚାଇନା ଅଭିମୁଖେ ଗସ୍ତ କରିବ।

## ■ ଦୁଲୀପ୍ ଟ୍ରଫି ସେମିଫାଇନାଲ

# କେନ୍ଦ୍ରାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପାଳି ଅଗ୍ରଣୀ

ବେଙ୍ଗାଲୁରୁ, ୬।୯ (ଏଜେନ୍ସି): ପଶ୍ଚିମାଞ୍ଚଳ ବିପକ୍ଷରେ ଚାଲିଥିବା ଦୁଲୀପ୍ ଟ୍ରଫି ଦ୍ୱିତୀୟ ସେମିଫାଇନାଲରେ ରଜତ ପଟିଦାରଙ୍କ କେନ୍ଦ୍ରାଞ୍ଚଳ ଦଳ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ପଶ୍ଚିମାଞ୍ଚଳର ୪୩୮ ରନ ଜବାବରେ କେନ୍ଦ୍ରାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା କେନ୍ଦ୍ରାଞ୍ଚଳ ୧୫୭ ଓଭର ଖେଳି ୮ ୱିକେଟ୍‌ରେ ୫୫୬ ରନର ବିଶାଳ ସ୍କୋର ଠିଆ କରାଇଛି। ଦୁଇଟି ୱିକେଟ୍ ବଳକା ଥାଇ କେନ୍ଦ୍ରାଞ୍ଚଳ ୧୧୮ ରନରେ ଆଗୁଆ ରହିଛି। ଷ୍ଟମ୍ପ ବେଳକୁ ସାରାଂଶ ଜୈନ ୩୭ ଓ ଯଶ ଠାକୁର ୪ ରନରେ ଖେଳୁଛନ୍ତି। ଅନ୍ୟ ବ୍ୟାଟର୍‌ଙ୍କ ମଧ୍ୟରେ ଶୁଭମ ଶର୍ମା ୯୬ ରନ କରି ଦୁର୍ଭାଗ୍ୟଜନକ ଭାବେ ରନଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ସେହିଭଳି ୱିକେଟରକ୍ଷକ ଉପେନ୍ଦ୍ର ଯାଦବ (୮୭), ଅଧିନାୟକ ରଜତ (୭୭), ହର୍ଷ ଦୁବେ (୭୫) ଓ ଦାନିଶ ମାଲେୱାର (୭୬) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମ୍ୟାଚ୍ ଆହୁରି ଦୁଇଦିନ ବାକି ଥିବାରୁ କେନ୍ଦ୍ରାଞ୍ଚଳର ସ୍ଥିତି ଦୃଢ଼ ରହିଛି।

### ■ ଉତ୍ତରାଞ୍ଚଳର ଲଢ଼େଇ ଜାରି

ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ବିପକ୍ଷରେ ଉତ୍ତରାଞ୍ଚଳ ଲଢ଼େଇ ଜାରି ରଖିଛି। ଏନ୍ ଜଗଦିଶନ (୧୯୭)ଙ୍କ ମାରାଥନ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ପ୍ରଥମ ପାଳିରେ ୫୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଉତ୍ତରାଞ୍ଚଳ ଶନିବାର ଖେଳ ଶେଷ ସୁଦ୍ଧା ୫ ୱିକେଟ୍‌ରେ ୨୭୮ ରନ କରିଛି। ଓପନର୍ ଶୁଭମ ଖଜୁରିଆ ୧୨୮ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ସେହିଭଳି ବୋଲିଂରେ ୫ ୱିକେଟ୍ ନେଇଥିବା ନିଶାନ୍ତ ସିନ୍ଧୁ ବ୍ୟାଟିଂରେ ମଧ୍ୟ ୮୨ ରନ କରିଛନ୍ତି। ୫ ୱିକେଟ୍ ବଳକା ଥାଇ ଉତ୍ତରାଞ୍ଚଳ ପ୍ରଥମ ପାଳିରେ ଆହୁରି ୨୫୮ ରନ ପଛରେ ରହିଛି।

## ଦ୍ୱିତୀୟ ଟି-୨୦

# ଶ୍ରୀଲଙ୍କାକୁ ହରାଇଦେଲା ଜିମ୍ବାୱେ



ହରାରେ, ୬।୯ (ଏଜେନ୍ସି): ଜିମ୍ବାୱେ ଗସ୍ତରେ ଯାଇଥିବା ଶ୍ରୀଲଙ୍କା କ୍ରିକେଟ୍ ଦଳକୁ ବଡ଼ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି। ଶନିବାର ଟି-୨୦ ସିରିଜର ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ ଘରୋଇ ଜିମ୍ବାୱେ ୫ ୱିକେଟ୍‌ରେ ସହଜରେ ଶ୍ରୀଲଙ୍କାକୁ ହରାଇ ଦେଇଥିଲା। ଧାର୍ଯ୍ୟ ୮୧ ରନର ଛୋଟିଆ ଲକ୍ଷ୍ୟକୁ ଜିମ୍ବାୱେ ୧୪.୨ ଓଭରରେ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା। ର୍‌ୟାନ ବର୍ଲ ୨୦ ଓ ତାସିଙ୍ଗା ମୁସେକିୱା ୨୧ ରନ କରି ଅପରାଜିତ ରହିଥିଲେ। ଓପନର୍ ବ୍ରାଏନ ବେନେଟ୍ଟ ୧୯ ରନ କରିଥିବାବେଳେ ସିକନ୍ଦର ରାଜା (୨) ଓ ସିନ୍ ୱିଲିୟମ୍ସ (୦) ନିରାଶ କରିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ୧୭.୪ ଓଭରରେ ୮୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ୩ଜଣ ଖେଳାଳି କାମିଲ ମିଶ୍ରା (୨୦), ଅଧିନାୟକ ଚାରିଥ ଆସଲଙ୍କା (୧୮) ଓ ଦସୁନ ସନକା (୧୮) ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଟି-୨୦ରେ ଶ୍ରୀଲଙ୍କାର ଏହା ଦ୍ୱିତୀୟ ସର୍ବନିମ୍ନ ଦଳଗତ ସ୍କୋର ହେବାର ରେକର୍ଡ ହୋଇଛି। ଜିମ୍ବାୱେ ପକ୍ଷରୁ ରାଜା, ବ୍ରାଡ୍ ଇଭାନ୍ସ ୩ଟି ଲେଖାଏ ଏବଂ ବ୍ଲେସିଂ ମୁଜରବାନୀ ୨ଟି ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୪ ୱିକେଟ୍‌ରେ ହାରିଥିବା ଜିମ୍ବାୱେ ଏବେ ସିରିଜକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଛି। ନିର୍ଣ୍ଣାୟକ ୩ୟ ଟି-୨୦ ରବିବାର ଖେଳାଯିବ।

# ୧୦ ବର୍ଷ ପରେ ୟୁଏସ୍ ଓପନ୍ ଦେଖିବେ ଟ୍ରମ୍ପ

ନ୍ୟୁୟର୍କ, ୬।୯ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୟୁଏସ୍ ଓପନ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଦୁଇ ଟପ୍ ସିଡ୍ ଖେଳାଳି ଇଟାଲୀର ଜାନିକ ସିନ୍ନର ଓ ସ୍ପେନର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଖେଳାଯିବ। ଏହି ହାଇଭୋଲଟେଜ ମ୍ୟାଚ୍ ଦେଖିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଷ୍ଟାଡିୟମକୁ ଯିବେ ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ ଜଣାପଡ଼ିଛି। ଫଳରେ ଆମେରିକାର ରାଷ୍ଟ୍ରପତି ଭାବେ ୭୯ ବର୍ଷୀୟ ଟ୍ରମ୍ପ ପ୍ରଥମଥର ଲାଗି ୟୁଏସ୍ ଓପନ୍ ଦେଖିବେ। ଏଥିପୂର୍ବରୁ ଟ୍ରମ୍ପ ୧୦ ବର୍ଷ ତଳେ ଅର୍ଥାତ୍ ୨୦୧୫ରେ ୟୁଏସ୍ ଓପନ୍‌ରେ ଷ୍ଟାଡିୟମରେ ବସି ମ୍ୟାଚ୍ ଉପଭୋଗ କରିଥିଲେ। ସେତେବେଳେ କିନ୍ତୁ ସେ ଆମେରିକାର ସର୍ବୋଚ୍ଚ ପଦ ଗ୍ରହଣ କରି ନ ଥିଲେ। ଟ୍ରମ୍ପ ୨୦୧୬ରେ ପ୍ରଥମଥର ଲାଗି ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ।

## ଏସିଆ କପ୍ ପୁରୁଷ ହକି

# ଚୀନକୁ ହରାଇ ଫାଇନାଲରେ ଭାରତ

ରାଜଗିରି, ୬।୯ (ଏଜେନ୍ସି)



ବିହାରରେ ଚାଲିଥିବା ପୁରୁଷ ଏସିଆ କପ୍ ହକିର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ଭାରତ ଖେଳିଥିବା ଏହାର ୩ୟ ସୁପର୍-୪ ମ୍ୟାଚରେ ଚୀନକୁ ୭-୦ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଫଳରେ ସୁପର୍ କପ୍‌ରେ ୩ ମ୍ୟାଚରୁ ୨ ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ଭାରତ ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିଛି। ଏଥିସହ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ସୁପର୍-୪ରେ ଭାରତ ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆ ବିପକ୍ଷରେ ୨-୨ରେ ମ୍ୟାଚ୍ ଡ୍ର ରଖିଥିଲା। ଏହାପରେ କିନ୍ତୁ ଦ୍ୱିତୀୟ ମୁକାବିଲାରେ ଦମ୍‌ଦାର ମାଲେସିଆକୁ ୧-୪ ଗୋଲରେ ପରାସ୍ତ କରି ଭାରତ ପୂର୍ଣ୍ଣ ପଏଣ୍ଟ ହାସଲ କରିଥିଲା। ରବିବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଦକ୍ଷିଣ କୋରିଆକୁ ଭେଟିବ ଭାରତ। ଦକ୍ଷିଣ କୋରିଆ ଦଳ ସୁପର୍-୪ରେ ତିନୋଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସେହିଭଳି ରବିବାର ଚୀନ ଓ ମାଲେସିଆ ମଧ୍ୟରେ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ମ୍ୟାଚ୍ ହେବ। ଏହି ମ୍ୟାଚ୍‌ର ବିଜେତା କାଂସ୍ୟ ପଦକ ପାଇବେ।

### ■ ଶିଳାନନ୍ଦ ଦେଲେ ପ୍ରଥମ ଗୋଲ୍

ଶନିବାର ଭାରତ ଏହାର ଶେଷ ସୁପର୍-୪ ମ୍ୟାଚରେ ଚୀନ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଭାରତ ପ୍ରଥମାର୍ଦ୍ଧରେ ହିଁ ୩ଟି ଗୋଲ୍ ଦେଇ ଚୀନକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲା। ମ୍ୟାଚର ୪ର୍ଥ ମିନିଟ୍‌ରେ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଘରୋଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାର ୩ ମିନିଟ୍ ପରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଦିଲପ୍ରୀତ୍ ସିଂହ ଏହାର ଭରପୁର ଫାଇଦା ଉଠାଇ ବଲ୍‌କୁ ଚୀନ ନେଟ୍ସ ମଧ୍ୟକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମ କ୍ୱାର୍ଟରରେ ଭାରତ ୨-୦ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟର ତଥା ୧୮ତମ ମିନିଟ୍‌ରେ ମନଦୀପ୍ ସିଂହ ପେନାଲ୍ଟି କର୍ଣ୍ଣରରୁ ଆଉ ଏକ ଗୋଲ୍ ସ୍କୋର କରି ଦଳର ଅଗ୍ରଣୀକୁ ୩-୦ରେ ପହଞ୍ଚାଇଥିଲେ।

### ■ ନିର୍ଣ୍ଣାୟକ ମ୍ୟାଚ୍‌ରେ କୋରିଆର ବାଜିମାତ୍

ପ୍ରଥମ ମ୍ୟାଚରେ ଭାରତ (୨-୨) ବିପକ୍ଷରେ ଡ୍ର ଓ ୨ୟ ମୁକାବିଲାରେ ଚୀନ (୩-୦)ଠାରୁ ପରାଜୟ ବରଣ କରିଥିବା ଦକ୍ଷିଣ କୋରିଆ ପାଇଁ ସୁପର୍-୪'ର ତୃତୀୟ ମ୍ୟାଚ୍ କରବା ମରବା ସ୍ଥିତି ସୃଷ୍ଟି କରିଥିଲା। ଶନିବାର ଅପରାହ୍ନରେ କୋରିଆ ଖେଳିଥିବା ଏହାର ଶେଷ ସୁପର୍-୪ ମ୍ୟାଚରେ ୪-୩ ଗୋଲରେ ମାଲେସିଆକୁ ହରାଇବା ସହ ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲ୍ ମ୍ୟାଚ୍‌ରେ ଆୟୋଜକ ଭାରତ ସହ ଦ.କୋରିଆ ଲଢ଼େଇ ହେବ।

ନନ୍ଦିଘୋଷ

## 'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS